ଧରିତ୍ରୀ 51 Years
DHARITRI
ଆଜି ମହାସପ୍ତମୀ
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 29/2025 | Page 14 | ₹ 7.00 | SAMBALPUR
୫୧ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 305 | ମୂଲ୍ୟ₹୭/-




## ଏସିଆ କପ୍: ଭାରତ-ପାକିସ୍ତାନ ଫାଇନାଲ




ଦୁବାଇରେ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନର ଶାହିବଜାଦା ଫରହାନଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ। **(ରିପୋର୍ଟ: ଖେଳ ପୃଷ୍ଠା)**

# ଇରାନ୍‌କୁ ଫେରିଲା ଜାତିସଂଘ କଟକଣା

**ପ୍ରାୟ ୧ ଦଶନ୍ଧି ପରେ ଇରାନ୍‌କୁ ଫେରିଛି ଜାତିସଂଘ କଟକଣା। ରୁଷିଆ ଓ ଚାଇନାର ବିରୋଧ ସତ୍ତ୍ୱେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଚାପ ତେହରାନ୍ ଉପରେ ଭାରି ପଡ଼ିଛି। ରବିବାର ଗ୍ରୀନ୍‌ୱିଚ୍ ମିନ୍ ଟାଇମ୍ (ଜିଏମ୍‌ଟି) ମଧ୍ୟରାତ୍ରିରୁ ଏହି କଟକଣା ସ୍ୱତଃ ଲାଗୁ ହୋଇଛି। ଇରାନ୍‌ର ୨୦୧୫ ଆଣବିକ ଚୁକ୍ତିର ୟୁରୋପୀୟ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ସ୍ନାପ୍‌ବ୍ୟାକ୍ (ପୂର୍ବ ଦଣ୍ଡ ପୁନର୍ବାର ଫେରାଇ ଆଣିବା) ବ୍ୟବସ୍ଥା ଲାଗୁ କରିଛନ୍ତି। ଫଳରେ ଇରାନ୍‌ର ଅସ୍ତ୍ରଶସ୍ତ୍ର, ସମ୍ପତ୍ତି, ଯାତ୍ରା, ଆଣବିକ, କ୍ଷେପଣାସ୍ତ୍ର ଓ ବ୍ୟାଙ୍କିଙ୍ଗ୍ ଆଦି କାର୍ଯ୍ୟକଳାପ ଉପରେ କଟକଣା ଜାରି ହୋଇଛି। ଖରାପ ଅବସ୍ଥା ଦେଇ ଗତି କରୁଥିବା ଇରାନ୍ ଅର୍ଥନୀତିର ସବୁ କ୍ଷେତ୍ର ଏଥିଯୋଗୁ ବହୁଳ ପ୍ରଭାବିତ ହୋଇପାରେ। ଆଗାମୀ କିଛି ମାସ ମଧ୍ୟରେ ଇସ୍‌ଲାମୀୟ ରାଷ୍ଟ୍ରର ୯୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି।**



> ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ତଥାକଥିତ 'ସ୍ନାପ୍‌ବ୍ୟାକ୍' ବ୍ୟବସ୍ଥାର ଦୁରୁପଯୋଗ କରୁଛନ୍ତି। ସଦ୍ୟ କଟକଣା ଏକ ବେଆଇନ ପଦକ୍ଷେପ, ଯାହାର କୌଣସି ଯଥାର୍ଥତା ନାହିଁ। ଜାତିସଂଘ ଏମାନଙ୍କ ଚାପରେ ପଡ଼ି ଇରାନ୍ ଉପରେ ଏପରି କଟକଣା ଲଗାଇଛି।
> **-ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ୍ ଲିଡର**

ଜାତିସଂଘ/ତେହରାନ୍, ୨୮।୯ (ଏପି/ଏଜେନ୍ସି)

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜାତିସଂଘ ପକ୍ଷରୁ ରବିବାର ତେହରାନ୍ ଉପରେ କଟକଣା ପୁନଃ ଜାରି କରାଯାଇଛି। ଏହି କଟକଣା ପରେ ବିଦେଶରେ ଥିବା ଇରାନୀୟ ସମ୍ପତ୍ତି ବାଜାପ୍ତ ହେବ, ତେହରାନ୍ ସହ ଅନ୍ୟ ଦେଶଗୁଡ଼ିକର ଅସ୍ତ୍ରଶସ୍ତ୍ର ଡିଲ୍‌ଗୁଡ଼ିକ ଅକାମୀ ହୋଇପଡ଼ିବ। ଇରାନର ଦୂରଗାମୀ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପ୍ରକାର ଅଗ୍ରଗତି ଦେଖାଦେଲେ ଏହାକୁ ଦଣ୍ଡ ଭାଗିବାକୁ ପଡ଼ିବ। ଜାତିସଂଘ କଟକଣା ପ୍ରଭାବରେ ଇରାନୀୟ ମୁଦ୍ରା ରିଆଲ୍ ସର୍ବକାଳୀନ ନିମ୍ନସ୍ତରକୁ ଖସିଆସିଛି। ବର୍ତ୍ତମାନ ଖୋଲା ବଜାରରେ ଡଲାର ସହ ରିଆଲ୍‌ର ବିନିମୟ ମୂଲ୍ୟ ୧.୩ ନିୟୁତକୁ ଖସିଆସିଛି।

ପୂର୍ବରୁ ଖାଦ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧି ସମେତ ନାନା ଅସୁବିଧା ଦେଇ ଗତି କରୁଥିବା ଇରାନୀୟମାନେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ଏହା ପୂର୍ବରୁ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବାକୁ ରହିଛି। ଏହାସହିତ ସରକାରୀ ଚାକିରିଆଙ୍କୁ ଖୁସି କରିବା ଲାଗି ସରକାର କିଛି ନୂଆ ନିଷ୍ପତ୍ତି ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

**ଆଜିର ସମ୍ପାଦକୀୟ**

**କ୍ଷୁବ୍ଧ ଲଦାଖ**

# ବିହାର ଭୋଟ ସହ ନୂଆପଡ଼ା ଉପନିର୍ବାଚନ

- **ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସିଆଇ**
- **ଆସନ୍ତା ସପ୍ତାହରେ ଲାଗିବ ଆଚରଣବିଧି**

ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)

ବିହାର ନିର୍ବାଚନ ସହିତ ନୂଆପଡ଼ାରେ ଉପନିର୍ବାଚନ ହେବ। ଏହାସହିତ ଦେଶର ୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୭ ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଏହି ନିର୍ବାଚନର ସୁପରିଚାଳନା ଲାଗି ୪୭୦ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ ୩୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଥିବାବେଳେ ୬୦ ଭାରତୀୟ ପୋଲିସ ସେବା(ଆଇପିଏସ୍) ଏବଂ ୯୦ ଅନ୍ୟ ସେବାର ଅଧିକାରୀ ରହିଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଚରଣବିଧି ବିଜ୍ଞପ୍ତି ହୋଇ ନ ଥିଲେ ହେଁ ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହରେ ନୂଆପଡ଼ା ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହେବାର ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ସୂଚନା ଅନୁଯାୟୀ, ଇସିଆଇଙ୍କ ପକ୍ଷରୁ ବିହାର ନିର୍ବାଚନ ସହିତ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାସହିତ ଜମ୍ମୁ-କଶ୍ମୀରର ବଡ଼ଗାମ୍ ଏବଂ ନାଗ୍ରୋଟା, ରାଜସ୍ଥାନର ଅନ୍ତ, ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଜୁବଲି ହିଲ୍ସ, ପଞ୍ଜାବର ତାରନ ତରନ ଏବଂ ମିଜୋରାମର ଡମ୍ପା ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିହାର ନିର୍ବାଚନ ସମେତ ଓଡ଼ିଶାର ନୂଆପଡ଼ା ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରିବାପାଇଁ ପ୍ରକ୍ରିୟା ଶେଷ ହୋଇଛି। ସେମାନଙ୍କୁ ଏନେଇ ଆସନ୍ତା ୩ତାରିଖରେ ତାଲିମ ପ୍ରଦାନ କରାଯିବ। ଏହାପରେ ସେମାନେ କାର୍ଯ୍ୟରେ ଯୋଗଦେବେ।

ଆୟୋଗଙ୍କ ସୂଚନା ଅନୁଯାୟୀ, ସମ୍ବିଧାନର ଧାରା-୩୨୪ ଏବଂ ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୨୦-ବି' ଅନୁଯାୟୀ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ସୁପରିଚାଳନା ଲାଗି ନିୟୋଜିତ କରାଯାଇଥାଏ। ☞ପୃଷ୍ଠା-୪

## ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାରୁ ୧୨ ଅଧିକାରୀ

ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)

ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଓଡ଼ିଶାରୁ ୧୨ଜଣ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ଆଇପିଏସ୍ ତଥା ମୁଖ୍ୟାଳୟ ଏଡିଜିପି ପ୍ରତୀକ ମହାନ୍ତି ଓ ଆଇଜିପି(ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ସାଇନ୍ ଏସ୍. ରହିଥିବା ବେଳେ ୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ☞ପୃଷ୍ଠା-୪

# ବାପ ଝିଅଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)

**ଲୁଟ ଉଦ୍ୟମ ବିଫଳରୁ ଆକ୍ରମଣ**

ଅନ୍ଧାରୁଆ ରାସ୍ତାରେ ଛକି ରହିଥିଲେ। ବାପଝିଅଙ୍କୁ ଏକୁଟିଆ ଦେଖି ଅଟକାଇବା ସହ ଲୁଟ୍ ଉଦ୍ୟମ କଲେ। ହେଲେ ଏଥିରେ ବିଫଳ ହେବାରୁ ସେମାନଙ୍କୁ ନିସ୍ଠୁକ ମାଡ଼ ମାରି ଲହୁଲୁହାଣ କରିବା ସହ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ୩ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ। ଆହତ ରବି ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଘରକୁ ଫେରୁଥିବାବେଳେ ବାଟରେ ଅନ୍ଧାରୁଆ ସ୍ଥାନରେ ଆଠମଲ୍ଲିକ ଥାନା ଯଦୁପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଶ୍ୱ ସାହୁ ଏବଂ ଜିତେନ୍ଦ୍ର ସାହୁ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତେବେ ପାଖରେ ଟଙ୍କା ନ ଥିବା କହିବାରୁ ଉଭୟ ବାପଝିଅଙ୍କୁ ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିବା ସହ ଝିଅ ପିନ୍ଧିଥିବା ସୁନା କାନଫୁଲକୁ ଛିଣ୍ଡାଇ ନେଇ ☞ପୃଷ୍ଠା-୪

# ସାପକାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ

ପାଟଣା,୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ମା'ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ବିଲ ଗ୍ରାମର ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୨୮) ଓ ତାଙ୍କ ଶାଶୁ ଢୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣୀ ନାୟକ(୭୫)। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଫୁଲମଣୀ ଝିଅ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ରାତିରେ ଘର ଚଟାଣରେ ମା' ଝିଅ ଶୋଇଥିବା ସମୟରେ ଉଭୟଙ୍କୁ ଏକ ଚିତି ସାପ କାମୁଡ଼ିଥିଲା। ପ୍ରଥମେ ଯାତ୍ରୀଙ୍କୁ ସାପ କାମୁଡ଼ିବା ଜାଣି ପରିବାର ଲୋକେ ତାଙ୍କୁ ଗୁଣିଆ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ପରେ ସେ ଗୁରୁତର ହେବାରୁ ଠାକୁରମୁଣ୍ଡା ଓ ପରେ ଘଷିପୁରା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯାତ୍ରୀଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଫୁଲମଣୀଙ୍କୁ ମଧ୍ୟ ଉକ୍ତ ରାତିରେ ସାପ କାମୁଡ଼ିଥିଲା। ମାତ୍ର ସେ ଜାଣି ନ ପାରି ନିଜ ଗାଁ ତଥା ଘର କାଶୀପୁରକୁ ଚାଲିଯାଇଥିଲେ। ସେଠାରେ ତାଙ୍କର ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ଡାକ୍ତରଖାନାକୁ ନେଇଥିଲେ। ଶନିବାର ଅପରାହ୍ନରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ଯାତ୍ରୀଙ୍କ ମୃତଦେହ ଘଷିପୁରା ମେଡିକାଲରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ତେବେ ଫୁଲମଣୀଙ୍କ ମୃତଦେହ ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ପୋତି ଦେଇଥିବା ଢୁରୁମୁଙ୍ଗା ଥାନା ଅଧିକାରୀ ସୌରଭ ପ୍ରଧାନ କହିଛନ୍ତି।



# ଦିଲ୍ଲୀ ଏୟାରପୋର୍ଟ, ସ୍କୁଲକୁ ବୋମା ଧମକ

**ନୂଆଦିଲ୍ଲୀ, ୨୮।୯**

ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଫଳରେ ଏୟାରପୋର୍ଟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଦିଲ୍ଲୀର ଅନେକ ସ୍କୁଲ ଏବଂ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଧମକ ମିଳିବା ପରେ ସେଠାରେ ପୋଲିସ ଏବଂ ବୋମା ନିରୋଧୀ ଦଳ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି ନିଜକୁ 'ଟେରରାଇଜ୍ ୧୧୧' ନାମକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିବାର ଦାବି କରିଛନ୍ତି।

# ଏନ୍‌କାଉଣ୍ଟରରେ ୪ ଡକାୟତ ମୃତ

**ଗୁଆହାଟୀ, ୨୮।୯(ପି.ଟି.)**

ଆସାମର ଗୋଲପଡ଼ା ଜିଲା ଗିଲାଡୁବି ଅଞ୍ଚଳରେ ରବିବାର ପୋଲିସ ଓ ଡକାୟତଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ଜଣ ଡକାୟତଙ୍କର ମୃତ୍ୟୁ ଘଟିଛି। ଡକାୟତଙ୍କ ଏକ ଗ୍ୟାଙ୍ଗ୍ ଉକ୍ତ ଅଞ୍ଚଳରେ ବଡ଼ ଧରଣର ଅପରାଧ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ଆଧାରରେ ପୋଲିସ ଡକାୟତଙ୍କୁ ଧରିବା ପାଇଁ ଗିଲାଡୁବି ଅଞ୍ଚଳରେ ଏକ ଚେକ୍‌ପୋଷ୍ଟ ଲଗାଇଥିଲା। ୪ ଡକାୟତ ଏକ କାର୍‌ରେ ଏହି ଚେକ୍‌ପୋଷ୍ଟ ଦେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଡକାୟତମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ ଓ ପୋଲିସ ପାଲଟା ଗୁଳି ଚଳାଇଥିଲା।

# ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ମାନ୍ୟତା

**ଶିମଲା, ୨୮।୯**

ହିମାଚଳପ୍ରଦେଶର ଲହଉଲ୍-ସ୍ପିତି ଜିଲା ଅନ୍ତର୍ଗତ ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଭାବେ ସ୍ୱୀକୃତି ମିଳିଛି। ଚାଇନାର ହାଙ୍ଗଝୋଉଠାରେ ୟୁନେସ୍କୋର ମର୍ଯ୍ୟାଦାଜନକ ମାନବ ଓ ବାୟୋସ୍ପିୟର (ଏମ୍‌ଏବି) ର ୩୭ତମ ଅନ୍ତର୍ଜାତୀୟ ସମନ୍ୱୟ ପରିଷଦ ବୈଠକ ବସି ଆନୁଷ୍ଠାନିକ ଭାବେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଏମ୍‌ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ପିୟର ରିଜର୍ଭ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଉକ୍ତ ଅଞ୍ଚଳର ଅନନ୍ୟ ପରିବେଶ, ଜଳବାୟୁ, ସଂସ୍କୃତି ଓ ଐତିହ୍ୟ ଉପରେ ରାଜ୍ୟ ସରକାର ନିରନ୍ତର ପ୍ରଚାର ପ୍ରସାର ଚଳାଇ ଆସିଥିଲେ।

ସ୍ପିତି ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଅନ୍ତର୍ଗତ ୭,୭୭୦ ବର୍ଗକିଲୋମିଟର ଅଞ୍ଚଳ ମଧ୍ୟରେ ସ୍ପିତି ବନ୍ୟପ୍ରାଣୀ ଡିଭିଜନ ଏବଂ ଲହଉଲ୍ ବନ ଖଣ୍ଡ ରହିଛି। ଉକ୍ତ ରିଜର୍ଭ ୨,୬୬୫ ବର୍ଗ କିଲୋମିଟର କୋର୍ ଜୋନ୍, ୩,୯୭୭ ବର୍ଗକିଲୋମିଟର ବଫର ଜୋନ୍ ଏବଂ ୧,୧୨୮ ବର୍ଗକିଲୋମିଟର ଟ୍ରାଞ୍ଜିଶନ ଜୋନ୍‌ରେ ବିଭକ୍ତ। ଏଥିରେ ପିନ୍ ଭ୍ୟାଲି ଜାତୀୟ ଉଦ୍ୟାନ, କିବ୍ବର ବନ୍ୟପ୍ରାଣୀ ଅଭୟାରଣ୍ୟ, ଚନ୍ଦ୍ରତାଲ ଆର୍ଦ୍ରଭୂମି, ସର୍ଚୁ ସମତଳ ଅଞ୍ଚଳ ରହିଛି।



ଇଟାଲୀର ମିଲାନ୍ ଫ୍ୟାଶନ୍ ୱିକ୍‌ରେ ଷ୍ଟେଲା ଜିନ୍ସର ପୋଷାକ ପରିଧାନ କରିଥିବା ଜଣେ ମଡେଲ।

# 'ଦଳାଚକଟା ପଛରେ ଷଡ଼ଯନ୍ତ୍ର'

■ ହାଇକୋର୍ଟ ଗଲା ବିଜୟଙ୍କ ଦଳ
■ ସିବିଆଇ ତଦନ୍ତ ଦାବି

**ଚେନ୍ନାଇ, ୨୮।୯(ପି.ଟି.)**

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟାଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦଳାଚକଟା ପଛରେ ଷଡ଼ଯନ୍ତ୍ର ଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଟିଭିକେ ରବିବାର ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ କରାଯାଇଛି। ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଟିଭିକେ ପକ୍ଷରୁ ହାଇକୋର୍ଟ ବିଚାରପତି ଏମ୍. ଧଣ୍ଡପାନିଙ୍କୁ ନିବେଦନ କରାଯାଇଛି। ୪୦ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ଅଦାଲତ ନିଜଆଡୁ କରିବାକୁ ଟିଭିକେର ଓକିଲମାନେ ନିବେଦନ କରିଛନ୍ତି। ହାଇକୋର୍ଟଙ୍କ ମଦୁରାଇ ଶାଖାରେ



କରୁରସ୍ଥିତ ଏକ ହସ୍ପିଟାଲ ବାହାରେ ମୃତଦେହ ନିକଟରେ ଶୋକାକୁଳ ଆତ୍ମୀୟ ସ୍ୱଜନ।

ପିଟିଶନ ଦାଏର କରିବାକୁ ବିଚାରପତି କହିବା ସହ ସୋମବାର ଶୁଣାଣି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ କରୁର ଦଳାଚକଟା ଘଟଣାର ତଦନ୍ତ ନ ସରିବା ପର୍ଯ୍ୟନ୍ତ ବିଜୟଙ୍କ ଜନସମାବେଶ ଉପରେ ନିଷେଧାଦେଶ ଲଗାଇବାକୁ ହୋଇଥିବା ଆବେଦନର ଜରୁରୀ ଶୁଣାଣି ଜଷ୍ଟିସ୍ ଏନ୍. ସେନ୍ଥିଲ କୁମାରଙ୍କ ଖଣ୍ଡପୀଠରେ ହେବ।

ଦଳାଚକଟା ଘଟଣାର ତଦନ୍ତ ପାଇଁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ବିଜୟଙ୍କ ପ୍ରତି ଲୋକଙ୍କ କ୍ରୋଧ ବଢ଼ିଥିବାରୁ ତାଙ୍କ ଚେନ୍ନାଇ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ବିଜୟଙ୍କ ରାଲିରେ ଗାଇଡ୍‌ଲାଇନ୍ସର ଉଲ୍ଲଂଘନରୁ ଦଳାଚକଟା ଘଟିଥିବା କହି ରାଜ୍ୟ ସରକାର ତାଙ୍କୁ ସମାଲୋଚନା କରିଛନ୍ତି। ରାଲିର ଆୟୋଜକମାନେ ଲୋକଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟର ଉପଯୁକ୍ତ ବ୍ୟବସ୍ଥା କରି ନ ଥିଲେ। ବିଜୟ ରାଲିସ୍ଥଳରେ ପହଞ୍ଚିବାରେ ୭ ଘଣ୍ଟା ବିଳମ୍ବ ହୋଇଥିଲା। ମଧ୍ୟାହ୍ନଠାରୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅନେକେ ମୂର୍ଚ୍ଛା ଯାଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ରାଲିସ୍ଥଳ ସଂକୀର୍ଣ୍ଣ ଥିବାରୁ ଠେଲାପେଲାରୁ ଦଳାଚକଟା ହୋଇଥିଲା। ଏପରିକି ବିଜୟ ଭାଷଣ ଆରମ୍ଭ କରିବା ସମୟରେ କେତେଜଣ ଚେତା ହରାଇଥିଲେ ମଧ୍ୟ ଭିଡ଼ ମଧ୍ୟକୁ ଆମ୍ବୁଲାନ୍ସକୁ ପୂରାଇ ଦିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ବିଜୟ ଘଟଣାସ୍ଥଳରୁ ତ୍ରିଚି ଏୟାରପୋର୍ଟ ପଳାଇଯାଇ ସେଠାରୁ ଏକ ଘରୋଇ ବିମାନରେ ଚେନ୍ନାଇ ଯାଇଥିଲେ। ଗାଇଡ୍‌ଲାଇନ୍ସର ଉଲ୍ଲଂଘନ ଓ ଆୟୋଜନରେ ତ୍ରୁଟି ପାଇଁ ବିଜୟଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ଟିଭିକେ ମୁଖ୍ୟ ବିଜୟ ମୃତକଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ଆହତମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ କହିଛନ୍ତି।

# ଦେଶରେ ୫.୩୪ କୋଟି ମାମଲା ବିଚାରାଧୀନ

**ନୂଆଦିଲ୍ଲୀ, ୨୮।୯**

ଦେଶର କୋର୍ଟଗୁଡ଼ିକରେ ବିଭିନ୍ନ ମାମଲାର ଶୁଣାଣିରେ ଅନାବଶ୍ୟକ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଶନିବାର ଟିପ୍ପଣୀ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି, ବିଭିନ୍ନ ମାମଲାର ଶୀଘ୍ର ବିଚାର ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏହାର ଦୃଢ଼ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶର ସମସ୍ତ ଅଦାଲତରେ ୫.୩୪ କୋଟିରୁ ଅଧିକ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଓକିଲ ଉପଲବ୍ଧ ନ ରହିବା ଶୁଣାଣିରେ ଅନାବଶ୍ୟକ ବିଳମ୍ବର ପ୍ରମୁଖ କାରଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ପଳାୟନ ଓ ସାକ୍ଷୀଙ୍କୁ ନିଖୋଜ କରାଯିବା ଭଳି ଘଟଣା ମଧ୍ୟ କୋର୍ଟରେ ବିଭିନ୍ନ ମାମଲାର ବିଳମ୍ବିତ ବିଚାର ପାଇଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉକ୍ତ ସମସ୍ୟାକୁ ଦେଖି ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଓକିଲଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣିକୁ ସ୍ଥଗିତ ରଖାଯାଇ ପାରିବ ନାହିଁ। ଏ ସମ୍ପର୍କରେ ଜିଲା ବିଚାରବିଭାଗୀୟ ଅଧିକାରୀମାନଙ୍କୁ ସର୍କୁଲାର ପଠାଇବାକୁ ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯଦି କୌଣସି ଅଭିଯୁକ୍ତ ଓ ତାଙ୍କ ଓକିଲ ମାମଲାକୁ ବିଳମ୍ବିତ କରିବା ପାଇଁ ପ୍ରୟାସ କରୁଛନ୍ତି, ତେବେ ତାଙ୍କ ଜାମିନକୁ ରଦ୍ଦ କରିବା ପାଇଁ ବିଚାର କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ'ର ତଥ୍ୟ ଅନୁଯାୟୀ, ଗତ ୨୫ ତାରିଖ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ୫.୩୪ କୋଟି ମାମଲା ବିଚାରାଧୀନ ରହିଛି। ଜିଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୪.୭ କୋଟି ମାମଲା ବିଚାରାଧୀନ ଥିବାବେଳେ ହାଇକୋର୍ଟଗୁଡ଼ିକରେ ୬୩.୮ ଲକ୍ଷ ଏବଂ ସୁପ୍ରିମକୋର୍ଟରେ ୮୮,୨୫୧ ମାମଲା ବିଚାରାଧୀନ ରହିଛି।

# ୧୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଚୈତନ୍ୟାନନ୍ଦ ଗିରଫ

**ନୂଆଦିଲ୍ଲୀ/ଆଗ୍ରା, ୨୮।୯(ପି.ଟି.)**

ଏକ ଘରୋଇ ଶିକ୍ଷାନୁଷ୍ଠାନର ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ଦିଲ୍ଲୀ ପୋଲିସ ରବିବାର ଭୋର ୩ଟା ୩୦ରେ ଆଗ୍ରାରୁ ଗିରଫ କରିଛି। ୬୨ ବର୍ଷୀୟ ବାବା ଆଗ୍ରାର ଏକ ହୋଟେଲରେ ରହୁଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଅନେକ ଟିମ୍ ଗଠନ କରିଥିଲା। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ ଆଗ୍ରାର ତାଜ ଗଞ୍ଜ ଅଞ୍ଚଳରେ ଥିବା ହୋଟେଲ ଉପରେ ଚଢ଼ାଉ କରିଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରି ପୋଲିସ ୫ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି। ଏହା ପୂର୍ବରୁ ପୋଲିସ ଚୈତନ୍ୟାନନ୍ଦଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଓ ସ୍ଥାୟୀ ଜମାକୁ ଅଚଳ କରିଥିଲା। ଏତଲା ଅନୁଯାୟୀ, ଦକ୍ଷିଣପଶ୍ଚିମ ଦିଲ୍ଲୀରେ ଥିବା ଏକ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନର



ଚୈତନ୍ୟାନନ୍ଦଙ୍କୁ କୋର୍ଟରେ ହାଜର କରାଯାଉଛି।

ପୂର୍ବତନ ଅଧ୍ୟକ୍ଷ ଚୈତନ୍ୟାନନ୍ଦ ଛାତ୍ରୀମାନଙ୍କୁ ରାତିରେ ତାଙ୍କ କ୍ୱାର୍ଟର୍ସକୁ ଆସିବା ପାଇଁ ବାଧ୍ୟ କରିବା ସହ ସେମାନଙ୍କ ପାଖକୁ ଅଶ୍ଳୀଳ ବାର୍ତ୍ତା ପଠାଉଥିଲେ। ସେ ଫୋନ୍ ଯୋଗେ ଛାତ୍ରୀମାନଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ଜାତିସଂଘ ଓ ବ୍ରିକ୍ସ ସହ ଚୈତନ୍ୟାନନ୍ଦଙ୍କ ସମ୍ପୃକ୍ତି ଥିବାର ଜାଲ୍ ଭିଜିଟିଂ କାର୍ଡ ତାଙ୍କ ଘରୁ ପୋଲିସ ଜବତ କରିଛି। ବାବାଙ୍କ ବିରୋଧରେ ଏତଲା ଦାଏର ପରେ ସେ ଅଗଷ୍ଟ ୪ରେ ଦିଲ୍ଲୀ ଛାଡ଼ି ପଳାଇଥିଲେ।

# ଚାଇନାର ପୂର୍ବତନ କୃଷିମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ବେଜିଂ, ୨୮।୯(ପି.ଟି.)**

ଚାଇନାର ପୂର୍ବତନ କୃଷି ଓ ଗ୍ରାମାଞ୍ଚଳ ବ୍ୟାପାର ମନ୍ତ୍ରୀ ଟାଙ୍ଗ ରେଞ୍ଜିଆନ୍‌ଙ୍କୁ ଦୁର୍ନୀତି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତେବେ ଏହି ଦଣ୍ଡାଦେଶ ୨ ବର୍ଷ ପାଇଁ ସ୍ଥଗିତ ରହିବ ବୋଲି ଅଦାଲତ କହିଛନ୍ତି। ୩୮ ନିୟୁତ ଡଲାର ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ରେଞ୍ଜିଆନ୍ ଦୋଷୀସାବ୍ୟସ୍ତ ହୋଇଥିଲେ। କୃଷି ମନ୍ତ୍ରଣାଳୟର ପ୍ରମୁଖ ଶାସକ କମ୍ୟୁନିଷ୍ଟ ପାର୍ଟିସଦସ୍ୟ ସଂଗଠନର ପୂର୍ବତନ ସମ୍ପାଦକ ଥିବା ରେଞ୍ଜିଆନ୍ ଜୀବନର ରାଜନୈତିକ ଅଧିକାରରୁ ବଞ୍ଚିତ ହୋଇଥିବା ଜିଲିନ ପ୍ରଦେଶର ଚାଙ୍ଗ୍‌ଚୁନ୍‌ସ୍ଥିତ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ରାୟରେ କହିଛନ୍ତି। ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ଲାଞ୍ଚରୁ ଉଠାଇଥିବା ବେଆଇନ ଲାଭକୁ ଜବତ କରାଯାଇ ଜାତୀୟ କୋଷାଗାରକୁ ପଠାଇଦିଆଯିବ



ଟାଙ୍ଗ ରେଞ୍ଜିଆନ୍

ବୋଲି କୋର୍ଟ କହିଛନ୍ତି। ୨୦୦୭ରୁ ୨୦୨୪ ମଧ୍ୟରେ ରେଞ୍ଜିଆନ୍ ନିଜ ପଦବୀର ବେଆଇନ ଫାଇଦା ଉଠାଇ ବ୍ୟବସାୟ, ପ୍ରକଳ୍ପ ଠିକାଦାରି ଓ ନିଯୁକ୍ତିରେ ଅନ୍ୟମାନଙ୍କୁ ଉପକୃତ କରାଇଥିଲେ। ଏହା ବଦଳରେ ସେ ସେମାନଙ୍କଠାରୁ ୨୬୮ ନିୟୁତ ୟୁଆନ ଲାଞ୍ଚ ଗ୍ରହଣ କରିଥବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା।

# ବାର୍‌ରେ ଗୁଳି: ୩ ମୃତ, ୮ ଆହତ

**ସାଉଥ୍‌ପୋର୍ଟ, ୨୮।୯**

ଆମେରିକାର ଉତ୍ତର କାରୋଲିନା ରାଜ୍ୟ ସାଉଥ୍‌ପୋର୍ଟ ସହରସ୍ଥିତ କେପ୍ ଫିଅର ନଦୀକୂଳରେ ଥିବା ବାର୍ ଏବଂ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଜଣେ ଆତତାୟୀ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇ ଆତତାୟୀ ଜଣକ ତୁରନ୍ତ ବୋଟ୍ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେ ଉପକୂଳବର୍ତ୍ତୀ ସହର ଓକ୍ ଆଇଲାଣ୍ଡ ଆଡ଼କୁ ଯାଉଥିବା ସମୟରେ ରବିବାର ସାଉଥପୋର୍ଟ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

# ଗାଜା ମୃତ୍ୟୁସଂଖ୍ୟା ୬୬ ହଜାର ଟପିଲା

**ଗାଜା ସିଟି, ୨୮।୯**

ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୬୬ ହଜାର ଅତିକ୍ରମ କରିଥିବା ରବିବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଅର୍ଦ୍ଧେକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଗତ ୨୪ ଘଣ୍ଟା ମଧ୍ୟରେ ୭୯ଟି ମୃତଦେହ ହସ୍ପିଟାଲକୁ ଅଣାଯାଇଛି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଗାଜାରେ ୬୬,୦୦୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୬୮,୧୬୨ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବାବେଳେ



ଗାଜା ଷ୍ଟ୍ରିପ୍ ମଧ୍ୟଭାଗରେ ରବିବାର ଇସ୍ରାଏଲ୍‌ର ସାମରିକ ଅପରେଶନ୍ ବେଳେ ଲୋକେ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ୱାଶିଂଟନ ଗସ୍ତ କରିଛନ୍ତି। ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ନେତାନ୍ୟାହୁ ଯୁଦ୍ଧ ନୀତିରେ ପରିବର୍ତ୍ତନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

# ମନ୍ କୀ ବାତ୍‌ରେ ସ୍ୱଦେଶୀ ଆହ୍ୱାନ

## ଆର୍‌ଏସ୍‌ଏସ୍‌କୁ ପ୍ରଶଂସା, ଖଦି କିଣିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୨୮।୯**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ରବିବାର ମନ୍ କୀ ବାତ୍‌ର ୧୨୬ତମ ରେଡିଓ ପ୍ରସାରଣରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନିଃସ୍ୱାର୍ଥପର ସେବା ଭାବନା ଏବଂ ଶୃଙ୍ଖଳା ସଂଘର ପ୍ରକୃତ ଶକ୍ତି। ଏହାର ଅଗଣିତ ସ୍ୱେଚ୍ଛାସେବୀଙ୍କ ପ୍ରତ୍ୟେକ କାର୍ଯ୍ୟରେ 'ରାଷ୍ଟ୍ର ପ୍ରଥମ'କୁ ପ୍ରାଥମିକତା ଦିଆଯାଇଥାଏ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀକୁ ଆପଣାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଖଦି ସାମଗ୍ରୀ କିଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି।




'ଛଟ୍ ମହାପର୍ବ'କୁ ୟୁନେସ୍କୋର ମାନବୀୟତାର ଅବର୍ଣ୍ଣନୀୟ ସଂସ୍କୃତି ଐତିହ୍ୟ ତାଲିକାରେ ସାମିଲ କରାଇବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଏଥର ବିଜୟା ଦଶମୀ ଅନ୍ୟ ଏକ କାରଣ ପାଇଁ ଅଧିକ ସ୍ୱତନ୍ତ୍ର। ଏହିଦିନ ଆର୍‌ଏସ୍‌ଏସ୍ ଏହାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହି ଶହେ ବର୍ଷର ଯାତ୍ରା କେବଳ ସ୍ମରଣୀୟ ନୁହେଁ ବରଂ ପ୍ରେରଣାଦାୟକ। ୧୦୦ ବର୍ଷ ପୂର୍ବେ ଯେତେବେଳେ ଆର୍‌ଏସ୍‌ଏସ୍ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ଆମ ଦେଶ ଦାସତ୍ୱର ଶୃଙ୍ଖଳରେ ଥିଲା, ଯେଉଁ ଦାସତ୍ୱ ଆମର ଆତ୍ମବିଶ୍ୱାସ ଏବଂ ଆତ୍ମସମ୍ମାନରେ ଗଭୀର କ୍ଷତ ସୃଷ୍ଟି କରିଥିଲା ଓ ଦେଶବାସୀଙ୍କ ମଧ୍ୟରେ ହୀନମନ୍ୟତା ଦେଖାଦେଇଥିଲା। ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଦାସତ୍ୱ ଚିନ୍ତାଧାରାରୁ ମୁକ୍ତ କରିବା ଜରୁରୀ ହୋଇପଡ଼ିଥିଲା। ସେହି ଉଦ୍ଦେଶ୍ୟରେ କେ.ବି. ହେଡଗେୱାର ୧୯୨୫ରେ ଆରଏସ୍‌ଏସ୍ ପ୍ରତିଷ୍ଠା କରିଥିଲେ। ଗୁରୁ ଗୋୱାଲକର ଏହାକୁ ଦେଶ ସେବାର ମହାଯଜ୍ଞ ଆଡ଼କୁ ନେଇଯାଇଥିଲେ ବୋଲି ମୋଦି କହିଛନ୍ତି। ଏଥିସହିତ ସେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ ଏବଂ ଖ୍ୟାତନାମା ଗାୟିକା ଲତା ମଙ୍ଗେସ୍‌କରଙ୍କୁ ସେମାନଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ହାଇୱେରେ ବିବାହ ବିଜ୍ଞାପନ ହୋର୍ଡିଂ

**ୱାଶିଂଟନ:** ଜଣେ ଭଲ ଜୀବନସାଥୀ ଖୋଜିବା ପାଇଁ ଲୋକେ ପ୍ରାୟତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ବୈବାହିକ ୱେବ୍‌ସାଇଟ୍ କିମ୍ବା ଡେଟିଂ ଆପ୍ସଗୁଡ଼ିକୁ ବ୍ୟବହାର କରିଥାନ୍ତି। ନଚେତ୍ ସେମାନେ ସମ୍ପର୍କୀୟଙ୍କ ପରାମର୍ଶରେ ନିଜ ଜୀବନସାଥୀଙ୍କୁ ବାଛିଥାନ୍ତି। ତେବେ ଜଣେ ୪୨ ବର୍ଷୀୟା ଆମେରିକୀୟ ଅବିବାହିତ ମହିଳା ନିଜ ବିବାହ ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ସେ ଆମେରିକାର ଏକ ରାଜପଥରେ ନିଜ ବିବାହ ପାଇଁ ଏକାଧିକ ବିଜ୍ଞାପନ ବିଲ୍‌ବୋର୍ଡ ଲଗାଇଛନ୍ତି। ଏହି ବିଲବୋର୍ଡରେ ତାଙ୍କ ୱେବ୍‌ସାଇଟର ନାମ ଉଲ୍ଲେଖ ରହିଛି।

ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର କାଲିଫର୍ନିଆ ବାସିନ୍ଦା ଲିସା କାଟାଲାନୋ ପୋଷାକ ବ୍ୟବସାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଛନ୍ତି। ତେବେ ବିଭିନ୍ନ ଡେଟିଂ ଆପ୍ସ ଏବଂ ମାଟ୍ରିମୋନିଆଲ ପ୍ଲାଟ୍‌ଫର୍ମଗୁଡ଼ିକରେ ବିଫଳ ହେବା ପରେ




ସେ ସାଣ୍ଟା କ୍ଲାରାରୁ ସାନ୍ ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ପରିବ୍ୟାପ୍ତ ୪୫ ମାଇଲ ବିଶିଷ୍ଟ ହାଇୱେ ୧୦୧ଏର ଉଭୟ ପାର୍ଶ୍ୱରେ ଏକ ଡଜନ ବିଲବୋର୍ଡକୁ ଭଡ଼ାରେ ନେଇଛନ୍ତି। ଏହି ବିଲବୋର୍ଡଗୁଡ଼ିକରେ ଲିସାଙ୍କ ବିବାହ ପାଇଁ ବିଜ୍ଞାପନ ଦିଆଯାଇଛି। ଲିସାଙ୍କୁ ବିବାହ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ତାଙ୍କ ୱେବ୍‌ସାଇଟ ମାଧ୍ୟମରେ ସିଧାସଳଖ ଆବେଦନ କରିପାରିବେ। ଲିସା କହିଛନ୍ତି, ସେ ପ୍ରଥମ ଦେଖାରେ ହେଉଥିବା ପ୍ରେମକୁ ବିଶ୍ୱାସ କରନ୍ତି। ସମ୍ପ୍ରତି ସେ ଯେକୌଣସି ମୂଲ୍ୟରେ ନିଜ ପାଇଁ ଜୀବନସାଥୀ ଖୋଜିବାକୁ ସ୍ଥିର କରିଛନ୍ତି। ତେବେ ଏହା ତାଙ୍କର କୌଣସି ପବ୍ଲିସିଟି ଷ୍ଟଣ୍ଟ ନୁହେଁ ବୋଲି ଲିସା ଜୋର୍‌ଦେଇ କହିଛନ୍ତି। ବିବାହ କରିବା ପାଇଁ ଏହା ତାଙ୍କର ଏକ ଗମ୍ଭୀର ଏବଂ ଆତ୍ମନିର୍ଭରଶୀଳ ପ୍ରୟାସ। ତାଙ୍କର ବିଜ୍ଞାପନ ହୋର୍ଡିଂକୁ ଦେଖି ଯୋଗ୍ୟ ବ୍ୟକ୍ତିମାନେ ତାଙ୍କ ବ୍ୟକ୍ତିଗତ ଡେଟିଂ ୱେବ୍‌ସାଇଟ୍ marrylisa.comକୁ ଯାଇ ସେଠାରେ ଲିସାଙ୍କ ମନ ମୁତାବକ ଜୀବନସାଥୀଙ୍କଠାରେ ଆବଶ୍ୟକ ଥିବା ଗୁଣଗୁଡ଼ିକ ସମ୍ପର୍କରେ ଜାଣିପାରିବେ ଓ ତାଙ୍କ ସହ ବିବାହ ପାଇଁ ସିଧାସଳଖ ଭାବେ ଆବେଦନ କରିପାରିବେ। ବିଲ୍‌ବୋର୍ଡ ବ୍ୟତୀତ ଲିସା ଟ୍ୟାକ୍ସିଗୁଡ଼ିକରେ ମଧ୍ୟ ନିଜ ବିବାହ ପାଇଁ ବିଜ୍ଞାପନ ଲଗାଇଛନ୍ତି। ତେବେ ଏହି ପ୍ରୟାସ ପାଇଁ ଅନେକେ ଲିସାଙ୍କୁ ଟ୍ରୋଲ୍ କରୁଛନ୍ତି। ଏହାର ଜବାବ ରଖି ଲିସା କହିଛନ୍ତି, ସେ କେବଳ ପ୍ରକୃତ ପ୍ରେମ ଚାହାନ୍ତି। ଡେଟିଂ ଆପ୍ସରେ ବାରମ୍ବାର ବିଫଳତା ପାଇବା ପରେ ସେ ଏହି ଭିନ୍ନ ପଥ ବାଛିଛନ୍ତି। ସେ ବିବାହ କରିବା ସହ ନିଜ ପରିବାର ଆରମ୍ଭ କରିବାକୁ ଚାହାନ୍ତି। ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରୁଥିବା ୩୫ରୁ ୪୫ ବର୍ଷ ବୟସର ଜଣେ ଜୀବନସାଥୀ ସେ ଚାହାନ୍ତି।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ପଡ଼ିବ

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

■ ୧୯୫ଜଣଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ

■ ୭ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉତ୍ସବରେ ୧୯୫ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର ଓ ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିଶନ ସକ୍‌ସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟର ଏମ୍‌ପି ଡ. ଫିଡେଲ ରାଏସ୍‌ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସମ୍ପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସର ବିଚାରପତି ଜଷ୍ଟିସ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ନିଜ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ ଛାତ୍ରୀଛାତ୍ରଙ୍କୁ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳ ମନ୍ତ୍ର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ସାମନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂଘେଙ୍କୁ ସମ୍ମାନସୂଚନ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଉଛି।

# ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଗିରଫ

ଜଳେଶ୍ୱର,୨୮।୯(ନବୀନ ସାହୁ)

ବେଆଇନ ବାଣ ଗୋଦାମ ଉପରେ ଜଳେଶ୍ୱର ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହିତ ୨ ବେପାରୀଙ୍କୁ ଗିରଫ କରିଛି। ଜଳେଶ୍ୱର ଥାନା ପଶ୍ଚିମବାର୍ଡ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ବେଆଇନ ଭାବରେ ବାଣ କାରବାର କରିଆସୁଥିଲେ। ଏନେଇ ଜଳେଶ୍ୱର ପୋଲିସ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ରବିବାର ଜଳେଶ୍ୱର ଏଏସ୍‌ଆଇ ଭଗବାନ ଦାସଙ୍କ ନେତୃତ୍ୱରେ ଜଳେଶ୍ୱର ପୋଲିସ ଉକ୍ତ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣରେ ବାଣ ଜବତ କରିବା ସହିତ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଉକ୍ତ ବାଣର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ। ସେହିପରି ଭାବରେ ଆରୁହା ପଞ୍ଚାୟତ ଶାଳିକୋଠ ଗ୍ରାମରେ ଚଢ଼ାଉ କରି ୩୦ ହଜାର ଟଙ୍କାର ବାଣ ଜବତ କରିବା ସହିତ ବାଣ ବେପାରୀଙ୍କୁ ଗିରଫ କରିଛି।




# ଉଧାର ଟଙ୍କା ଶୁଝି ନ ପାରି ଚାଷୀଙ୍କ ଜୀବନ ଗଲା

## ମୃତଦେହ ରଖି ପ୍ରତିବାଦ କଲେ ଗ୍ରାମବାସୀ

ଭୋଗରାଇ,୨୮।୯(ପ୍ରଦୀପ ଦାସ)

ଉଧାର ଟଙ୍କାର ଚକ୍ରବୃଦ୍ଧି ସୁଧ ବଦଳରେ ନିଜ ସମ୍ପତ୍ତିକୁ ବନ୍ଧକ ଦେବା ଓ ମାତ୍ରାଧିକ ସୁଧ ଆଦାୟ ଜୁଲୁମ ସହି ନ ପାରି ଜଣେ ଚାଷୀଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ। ମୃତ ଚାଷୀ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗଣେଶ୍ୱରପୁର ଗ୍ରାମର ରବୀନ୍ଦ୍ର ନାଥ ସାହୁ (୬୫)।

ସୂଚନାନୁଯାୟୀ, ରବୀନ୍ଦ୍ର କିଛି ବର୍ଷ ପୂର୍ବରୁ ଦେହୁର୍ଦ୍ଦା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଚାଷ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କା ଉଧାର ନେଇ ଚାଷ କାମ କରିଥିଲେ। କିନ୍ତୁ ଏହି ଚାଷରେ ସେ କ୍ଷତି ସହିବାରୁ ଉଧାର ଆଣିଥିବା ଟଙ୍କା ଶୁଝି ନ ପାରି ପରିବାର ଲୋକଙ୍କ ଅଗୋଚରରେ ନିଜର ଘରଡିହ ସହ ୩୫ ଡିସିମିଲ ଜାଗା ଲିଖିତ ଭାବେ ବନ୍ଧକ ରଖିଥିଲେ। ପରିବାରର ୧୩ଜଣ ସଦସ୍ୟଙ୍କ ପ୍ରତିପୋଷଣ ଲାଗି ରବୀନ୍ଦ୍ର ମୁଖ୍ୟ ଥିବା ବେଳେ ଚାଷରେ କ୍ଷତି, ସୁଧଖୋରଙ୍କ ଚକ୍ରବୃଦ୍ଧି ସୁଧର ଜୁଲୁମ ତାଙ୍କୁ ଭାରାକ୍ରାନ୍ତ କରିଥିବା ମୃତ ଚାଷୀଙ୍କ ପୁତ୍ର ଅଭିଯୋଗ କରିଥିଲେ। ଅଭାବ ସହି ନ ପାରି ପରିବାରର ଅଜାଣତରେ ଗତ ୧୮ତାରିଖରେ ରବୀନ୍ଦ୍ର ନିରୁଦ୍ଦିଷ୍ଟ ହୋଇଥିଲେ। ପରିବାର ଲୋକେ ଏନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ଖୋଜଖବର ନେଉଥିଲେ। ରବୀନ୍ଦ୍ର ଏଣେତେଣେ ବୁଲିବା ପରେ ରୂପ୍‌ସାଠାରେ ରାସ୍ତାରେ ପଡିଯାଇଥିବା ସୂଚନା ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଆଣି ଶନିବାର ମଧ୍ୟାହ୍ନରେ ସୁଧଖୋର ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ସହ ସମସ୍ତ ଜମିକୁ ଫେରସ୍ତ ଦାବି କରି ନାରାବାଜି ଦେଇଥିଲେ। ସ୍ଥିତି କ୍ରମଶଃ ଜଟିଳ ହେବାରୁ ଭୋଗରାଇ ଥାନାଧିକାରୀ ରୋହିତ କୁମାର ବଳ ଓ ପୋଲିସବାହିନୀ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବାରୁ ମୃତଦେହକୁ ଗ୍ରାମବାସୀ ଗ୍ରାମକୁ ନେଇ ଦାହ କରିଥିଲେ। ମୃତ ଚାଷୀଙ୍କ ପୁଅ ଭାସ୍କର ସାହୁ ସୁଧଖୋର ବ୍ୟକ୍ତିଙ୍କୁ ଦାୟୀ କରି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ସ୍କୁଟି ଉପରେ ଚଢ଼ିଲା ହାଇୱା, ଦମ୍ପତି ମୃତ

■ ଆହତ ୨ ଶିଶୁପୁତ୍ର ଏବେ ଅସହାୟ

■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଚାପିହୋଇ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅମ୍ବାଭୋନାର ହରେକୃଷ୍ଣ ଡୁଙ୍ଗୁରି(୩୬) ଏବଂ ତାଙ୍କ ସ୍ତ୍ରୀ କୁନ୍ତଳା(୩୦)। ଏହି ଦୁର୍ଘଟଣାରେ ଦମ୍ପତିଙ୍କ ୨ ଶିଶୁପୁତ୍ର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ମୃତ ଦମ୍ପତି ୨ ଶିଶୁ ପୁତ୍ରଙ୍କୁ ଧରି ଏକ ସ୍କୁଟି (ନମ୍ବର – ଓଡି୧୭ଏଏଫ ୧୭୫୭)ରେ ଯାଉଥିବା ସମୟରେ ଅନ୍ୟ ଏକ ହାଇୱା ଗାଡି(ନମ୍ବର – ଓଡି୧୭ଏସି ୨୮୯୪) ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ହାଇୱା ଗାଡି ଚକତଳେ ଚାପି ହୋଇ ରହିଯିବାରୁ ଘଟଣାସ୍ଥଳରେ ଦମ୍ପତିଙ୍କର ମୃତ୍ୟୁ ହୋଇଥିଲା ଏବଂ ୨ ଶିଶୁପୁତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଶିଶୁଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତ ହରେକୃଷ୍ଣ ପକ୍ଷାଘାତ ରୋଗୀ ହୋଇଥିବା ବେଳେ କୁନ୍ତଳା ଅମ୍ବାଭୋନା ତହସିଲ କାର୍ଯ୍ୟାଳୟରେ ଘରୋଇ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦମ୍ପତିଙ୍କ ମୃତ୍ୟୁ ପରେ ୨ ଶିଶୁପୁତ୍ର ଅସହାୟ ହୋଇଯାଇଥିବା ଯୋଗୁ ସେମାନଙ୍କ ଥଇଥାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ୪୦ଟଙ୍କା ପାଇଁ ଜୀବନ ହାରିଲେ ମହିଳା

■ ମହୁଲ ଗଛରେ ଝୁଲିପଡ଼ିଲେ

■ ବାପ ଘରକୁ ଯିବାକୁ ଟଙ୍କା ଦେଲେନି ସ୍ୱାମୀ

ପାଟଣା,୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକାପଦା ପଞ୍ଚାୟତ ଗୋହିରା ଗ୍ରାମ ଚଡ଼ିରି ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାପଘରକୁ ଯିବାକୁ ସ୍ୱାମୀ ଟଙ୍କା ନ ଦେବାରୁ ମହିଳା ରବିବାର ଏକ ମହୁଲ ଗଛରେ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ଜଣକ ହେଲେ ଗ୍ରାମର ବିଦ୍ୟାଧର ମୁଣ୍ଡାଙ୍କ ସ୍ତ୍ରୀ ଜାନକୀ ମୁଣ୍ଡା(୧୯)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଜାନକୀ ବାପ ଘରକୁ ଯିବାକୁ ବିଦ୍ୟାଧରଙ୍କୁ ଗାଡ଼ି ଭଡ଼ା ପାଇଁ ୪୦ ଟଙ୍କା ମାଗିଥିଲେ। ମାତ୍ର ସେ ନ ଦେବାରୁ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏନେଇ ଜାନକୀ ରବିବାର ସକାଳୁ ଘରୁ ରାଗି ଚାଲି ଯାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ଆତ୍ମହତ୍ୟା କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଥିବା ସୂଚନା ଦେଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୨୭/୨୫) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।




# ନିଆଁ ଲାଗି ଜଳିଗଲା ଟ୍ରକ୍

ନୂଆପଡ଼ା,୨୮।୯(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧଠାରୁ କିଛି ଦୂର ଏକ ନୂତନ ପେଟ୍ରୋଲ ପମ୍ପ ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଭୋର ଚଳନ୍ତା ଟ୍ରକରେ ନିଆଁ ଲାଗି ଯାଇଥିଲା। ଫଳରେ ସେଥିରେ ଥିବା ସାଇକେଲ, ସଉଦା ସାମଗ୍ରୀ, ଖାଇବା ତେଲ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ସିଜି ୦୪ ଏଚଡବ୍ଲ୍ୟୁ ୯୫୧୬ ନମ୍ବର ଟ୍ରକରେ ରାୟପୁରରୁ ସାମଗ୍ରୀ ଲୋଡ୍ ହୋଇ କଳାହାଣ୍ଡି ଜିଲା କେସିଙ୍ଗାକୁ ଯାଉଥିଲା। ଡ୍ରାଇଭର ନିଆଁ ଲାଗିଥିବା ଦର୍ପଣରେ ଦେଖି ଟ୍ରକକୁ ଛିଡା କରି ଦେଇଥିଲେ। ଖବରପାଇ କୋମନା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଜଳିବା ପୂର୍ବରୁ ସାମଗ୍ରୀ ପୋଡ଼ିବା ଭଳି ଗନ୍ଧ ହୋଇଥିଲା। ଡ୍ରାଇଭର ଜାଣି ନ ପାରି ଟ୍ରକ୍ ଚଳାଇଥିଲେ। ତା’ ପରେ ଟ୍ରକରୁ ଧୁଆଁ ବାହାରିବା ଦେଖିଥିଲେ। କିଛି ସମୟ ପରେ ଟ୍ରକ୍ ଜଳିଥିବା ଦର୍ପଣରେ ଦେଖି ଡ୍ରାଇଭର ବିଶ୍ରାମ ମାଝି ଟ୍ରକ୍ ଅଟକାଇ ଦେଇଥିଲେ ବୋଲି କହିଛନ୍ତି। କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ।





# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୭ଟା ୧୦।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହା ସପ୍ତମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୯ଟା।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ଝାରପଡ଼ା ମେଳଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୯ଟା ୩୭।
- ପୁସ୍ତକ ‘ମୋ କର୍ମମୟ ଜୀବନ’ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଗୋଟିପୁଅ ନୃତ୍ୟ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ଗଡ ନହରକଣ୍ଟା ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ସପ୍ତମ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।

## ବାଲେଶ୍ୱର
- ଦୁର୍ଗାଦାସ ଫାଉଣ୍ଡେଶନ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ମିଳିତ ସହଯୋଗରେ ଅମୃତ ସନ୍ତାନ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଦାସଙ୍କ ୧୦୬ ତମ ଜୟନ୍ତୀ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ କକ୍ଷ, ଶଙ୍ଖାରୀ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ମହାସପ୍ତମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ପୂର୍ବତନ ସ୍ୱାସ୍ଥ୍ୟ ନିରୀକ୍ଷକ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଡାହାଣୀଗଡ଼ିଆ ଶ୍ରୀକୃଷ୍ଣନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା’ ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ହାଟଡ଼ିହୀ, ଅଣା, ବଡ଼ରମ୍ପାସ, ଛେନାପଦି, ସମୟ: ସକାଳ ୮ ଟା।
- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଜୀବନ ଦୀପ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ସ୍ଥାନ: ପାଟଣା ବ୍ଲକ୍ ଯମୁନା ପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଫୁଟ୍‌ବଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତି ସଙ୍ଗୀତ ଓ ନୃତ୍ୟ ଅର୍ଘ୍ୟ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ:ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ମହା ସପ୍ତମୀ ପୂଜା, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ
- ମହାଷ୍ଟମୀ ଷୋଡଶ ଦିନାତ୍ମକ ପୂଜା ସମାପନ ଉତ୍ସବ, ସ୍ଥାନ: ବନଦୁର୍ଗା ମା ମଲ୍ଲିକେଶ୍ୱରୀ ପୀଠ, ସମୟ: ଦିନ ୧୨ଟା
- ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର ଉଦଘାଟନ, ସ୍ଥାନ: ଜିଲା ସଂସ୍କୃତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ଭୋଟ ଚୋରି ପ୍ରସଙ୍ଗରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ପ୍ରତି ୱାର୍ଡରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ଦଳୀୟ କାର୍ଯ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ତେରୋହୀ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା
- ମହାଷ୍ଟମୀ ଅବସରରେ ମା’ ଦୁର୍ଗାଙ୍କ ମହାକାଳୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ପ୍ରାତଃ ୫ଟା ।

## ଯାଜପୁର
- ଯାଜପୁର ମା’ ବିରଜାଙ୍କ ମହାସ୍ନାନ ରାତ୍ର, ମହାବେଶ ଓ ପୂଜାରମ୍ଭ, ସ୍ଥାନ: ମା’ ବିରଜା ମନ୍ଦିର, ସମୟ: ରାତି ୮ଟା ୧୫ ମିନିଟ।
- ବ୍ୟାସନଗରର ମା’ ବିରଜାଙ୍କ ଅଷ୍ଟମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା।

## ନୟାଗଡ଼
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ଜଳଯାତ୍ରା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ଓଡଗାଁ ବ୍ଲକ ପାଟୁଳିସାହି, ଡିମିଶର, ହରିପୁର ନୟାଗଡ ବ୍ଲକ ଆଡତେର, ମାନପୁର, ନାଗମୁଣ୍ଡୁଳ. ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ବିଶ୍ୱଶାନ୍ତି ମହଯଜ୍ଞ ଆରମ୍ଭ, ସ୍ଥାନ: କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସକାଳ ୮ଟା।
- ଦୁର୍ଗାପୂଜା ମହାଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଗୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଷୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସରରେ ମହାଅଷ୍ଟମୀ ପୂଜା, ସ୍ଥାନ:କଣ୍ଟିଲୋ ଶ୍ମଶାନ ଚଣ୍ଡୀ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ରଣପୁର ଫ୍ରେଣ୍ଡସ୍ କ୍ଲବ ବନାମ ମାଣିଆବନ୍ଧ କ୍ରିକେଟ କ୍ଲବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ମାସେ ଧରି ହେବାକୁ ଥିବା ଦାମୋଦର ପୂଜାର ଶୃଙ୍ଖଳୀତ ନୀତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ପଥରକଟାର ଭାରତଲୀଳା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତ୍ର ୧୦ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସଂନ୍ଧ୍ୟା ୭ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସଂନ୍ଧ୍ୟା ୭ଟା ।

## ନବରଙ୍ଗପୁର
- ମା’ ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ସଦର ମହକୁମା ପୂଜା ମଣ୍ଡପ, ସମୟ: ସକାଳ ୮ ଟା।

## କୋରାପୁଟ
- ଦଶହରା ସପ୍ତମୀ ପୂଜା ଓ ଦର୍ଶନ ବିଧି, ସ୍ଥାନ: ବତ୍ରିସ ସିଂହାସନ ଓ ଅନ୍ୟ ଦେବୀ ପୀଠ, ସମୟ: ସକାଳ ୯ଟା।
- ବାଲ୍ୟ ବିବାହ ନିରାକରଣ ବୈଠକ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ଲୋକ ଶକ୍ତି ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ, ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ମା’ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ:ମା’ ବାଟମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି
- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ସଂଘ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- କ୍ରୀଷ୍ଟା ବିକାଶ ହସ୍ପିଟାଲ ଆୟୋଜନରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ଜଗନ୍ନାଥ କଲୋନୀ ପାର୍କ, ସମୟ: ସକାଳ ୮ଟା।
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା କମିଟୀ ପକ୍ଷରୁ ଚଣ୍ଡିପାଠ, ସ୍ଥାନ: ଭୁତାପଡା ସ୍ଥିତ ମଙ୍ଗଳା ମନ୍ଦିର, ସମୟ: ସକାଳ ୯ଟା।
- ମାଁ ସମଲେଇଙ୍କ ଖଣ୍ଡାଧୂଆ ନିତି, ସ୍ଥାନ: ମହାନଦୀ ମଚ୍ଛିନ୍ଦ୍ର ଘାଟ, ସମୟ: ଅପରାହ୍ନ ୫ଟା ୩୦ ।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ଅଷ୍ଟମୀ ଓ ଭାଇଜିଉଁନ୍ତିଆ ପୂଜା, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ରାତି ୭ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ରାତି ୭ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ରାମାୟଣ ମଞ୍ଚସ୍ଥ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ରାତି ୭ଟା।
- ଶାରଦୀୟ ଦଶହରା ପୂଜା ପାଇଁ ପୀଠରେ ଅଷ୍ଟମୀ ପୂଜା, ଭାଇଜିଉଁନ୍ତିଆ ପର୍ବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ରାତି ୮ଟା।
- ସମଲେଇଙ୍କ ଆଖଡ଼ା ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର ଛକ, ସମୟ: ରାତି ୮ଟା।

## ରାଉରକେଲା
- ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ଅଭିମନ୍ୟୁ ନଗର, ସେକ୍ଟର-୩, ସମୟ: ସକାଳ ୮ଟା ୫୨।
- ସ୍ୱର୍ଗତ ରମାଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନରେ ଶୈକ୍ଷିକ ଶିବିର, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ମା’ମାଣିକେଶ୍ୱରୀଙ୍କ ମହାଷ୍ଟମୀ ପୂଜା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ସ୍ଥାନ: ଭବାନୀପାଟଣା ମା’ ମାଣିକେଶ୍ୱରୀଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସାମାଜିକ ଅପେରା ପରିବେଷଣ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ଗ୍ରାମ,ସମୟ: ସନ୍ଧ୍ୟା ୭ଟା।
- ଜନତା ଦୁର୍ଗା ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ: ଭବାନୀପାଟଣା, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ମହାଷ୍ଟମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଥୁଆମୂଳ ରାମପୁର ମା’ ମାଣିକେଶ୍ୱରୀ ମନ୍ଦିର, ସମୟ: ରାତି ୯ଟା ୩୦।

## ଦେବଗଡ଼
- ନବରାତ୍ର ପୂଜା ଅଷ୍ଟମ ଦିବସ, ସ୍ଥାନ: ମା’ କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା’ ପଧାନୀ ଓ ଦକ୍ଷିଣକାଳି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା’ ସୁରେଶ୍ୱରୀଙ୍କ ମହାଗୌରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦
- ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗା ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା
- ମହାନଦୀରେ ମାହେଶ୍ୱରୀଙ୍କ ମହାସ୍ନାନ, ସ୍ଥାନ: ଦେଉଳି ଘାଟ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା
- ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟରେ ମା’ ଲଙ୍କେଶ୍ୱରୀଙ୍କ ମହାଆଳତି, ସ୍ଥାନ: ବଡବଜାର ତେନ୍ତୁଳିଘାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଇ ଜିଉଁନ୍ତିଆ ବ୍ରତ, ସ୍ଥାନ: ବୀରମହାରାଜପୁର ଦୁର୍ଗାମନ୍ଦିର, ସମୟ : ରାତି ୮ଟା ।

## ନୂଆପଡ଼ା
- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାତା କାଳରାତ୍ରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡ଼ିଆ, ସମୟ: ସକାଳ ୮ ଟା ।
- ନାଗବାଚା ପାର୍ଟି ପକ୍ଷରୁ ଅଷ୍ଟ ମଙ୍ଗଳା ପୂଜା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ନାଗବାଚା ଗୁଡି, ସମୟ: ସକାଳ ୯ ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଅଷ୍ଟମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ତ୍ରୟୋଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ କାଳ୍ପନିକ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତ୍ର ୯ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ସକାଶେ ଚିନ୍ତିତ ରହିପାରନ୍ତି। ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ ଓ ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ସାମୟିକ ଲାଗିରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ପୂର୍ବପରିକଳ୍ପିତ ନୂତନ ଯୋଜନା, ସ୍ଥଗିତ କାମ ଓ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ସହନଶୀଳତା ଓ ଉଦାରତା ଗୁଣରୁ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବେ। ବାଣିଜ୍ୟ, ଆଲୋଚନା, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନିଧ୍ୟଲାଭର ସୌଭାଗ୍ୟ ପାଇ ଖୁସି ହେବେ। ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମ ସହଜ ଓ ସୁବିଧାରେ ହୋଇପାରିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବାର ଆଶା ରହିଛି।

**ସିଂହ** ଅପ୍ରିୟ ସତ୍ୟ କହିବାରୁ କିଛିଟା ସମସ୍ୟା ଓ ବିରୋଧର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନାରୁ ଲାଭବାନ୍ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ହଠାତ୍ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ବାରମ୍ବାର ପ୍ରତିବନ୍ଧକ ଲାଗିରହୁଥିବାରୁ କାମ ବିଳମ୍ବରେ ସମ୍ପନ୍ନ ହେବ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି କିନ୍ତୁ ତାହା କାମକୁ ଆସି ନ ପାରେ। ସହୃଦୟତା କାରଣରୁ ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତ, ସଭାସମିତି, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ,ଯୋଗାଯୋଗ, ଜମିଜମା କାରବାର ପାଇଁ ଶୁଭପ୍ରଦ ହେବ। ସୁସମ୍ପର୍କ ଅଭାବରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପରୋକ୍ଷ ଶତ୍ରୁତା ହେତୁ ସାମୟିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ବିଛା** ଆଜି ଯାହା ପାଇବା ପାଇଁ ଭାବୁଛନ୍ତି ତାହା ପାଇବେ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାଜନିତ କୌଣସି ଗୁଜବ ଅଶାନ୍ତିର କାରଣ ହେବ। ଆବଶ୍ୟକତା ପୂରଣ କରିବା ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାଜନିତ ଆନନ୍ଦିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦୃଢ଼ ପଦକ୍ଷେପ ନେଇ ହାସଲ କରିପାରିବେ। ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତାରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟାଙ୍କୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ ଆପଣଙ୍କୁ ନୂତନ ଭାବରେ କାମ କରିବାକୁ ଅନୁପ୍ରେରିତ କରିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଆଇନ, ଅଦାଲତ ଓ ସାଂଗଠନିକ କାମରେ ସଫଳତା ହେତୁ ମାନସିକ ସ୍ଥିତି ଠିକ୍ ରହିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟରେ ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃଦୟ ବା ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର। ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ପୀଠେ ମହାଷ୍ଟମୀ ପୂଜା, ବିମଳା ଦେବୀଙ୍କ ପୂଜା, ଶ୍ରୀମନ୍ଦିରରେ ମହାଷ୍ଟମୀ। ରାଶି ନକ୍ଷତ୍ର-ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୦ ଗତେ ଘ. ୦୭।୦୯ ମଧ୍ୟେ, ଘ.୦୮।୫୦ଗତେ ଘ.୧୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୦୯ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ ।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହକ କଥା ନିମ୍ବ ତିଅଣ**
**ଆଗ ଆଗ ପିତା ପଛକୁ ଗୁଣ ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାଟର କନିଆଁ ବାଟର ବର**
**ଧରିଆଣି ବିଭା କର ।**

ସାଧାରଣତଃ ପୁଅ ହେଉ ବା ଝିଅ, ବାହାଦେବା ପୂର୍ବରୁ ଅନେକ ଧାଁ ଦଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳନ ତଥା ପୁଅର ଗୁଣଗ୍ରାମ, ଚାକିରି, ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ହାଟ ସଉଦା କରିବାକୁ ଯାଇ କନିଆଁ ପସନ୍ଦ କରିବସିବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଇରାନ୍‌କୁ ଫେରିଲା ...
ଜୁନ୍‌ରେ ଇସ୍ରାଏଲ୍ ବୈଶ୍ୱିକ ଆଣବିକ ଜଗୁଆଳି ସଂସ୍ଥା ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ପକ୍ଷରୁ ଜାରି ସଂକଳ୍ପନାମାର ଦୁରୁପଯୋଗ କରି ତେହରାନ୍‌କୁ ଟାର୍ଗେଟ କରିଥିଲା। ୧୨ ଦିନ ଧରି ଚାଲିଥିବା ଏହି ଆକ୍ରମଣରେ ୧,୦୦୦ରୁ ଊର୍ଦ୍ଧ୍ୱ ଇରାନୀୟ ନାଗରିକ ନିହତ ହେବା ସହ ବହୁ ବିଲିୟନ୍ ଡଲାର ସମ୍ପତ୍ତି ନଷ୍ଟ ହୋଇଥିଲା। ଏହା ପରେ ଇରାନ୍ ଆଇଏଇଏରୁ ଓହରିଯାଇଥିଲା। ପରିଣାମସ୍ୱରୂପ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକୁ ଆମେରିକା ଆକ୍ରମଣ କରିବା ସହଜ ହୋଇଥିଲା। ତେଣୁ ସଦ୍ୟ କଟକଣା ଆଳରେ ଇସ୍ରାଏଲ୍ ଇରାନ୍‌କୁ ପୁଣି ଟାର୍ଗେଟ କରିବା ଆଶଙ୍କା ଉପୁଜିଛି। ଏଭଳି ଆହ୍ୱାନପୂର୍ଣ୍ଣ ସ୍ଥିତି ପୂର୍ବରୁ କେବେ ଦେଖାଦେଇ ନ ଥିଲା। ଏପରି କି ୧୯୮୦ ଦଶକରେ ଇରାନ୍-ଇରାକ୍ ଯୁଦ୍ଧ ଓ ତତ୍ ପରବର୍ତ୍ତୀ କଟକଣା ବେଳେ ମଧ୍ୟ ଏପରି ସଙ୍କଟକୁ ଦେଶବାସୀ ସାମ୍ନା କରି ନ ଥିଲେ ବୋଲି ଜଣେ ବ୍ୟକ୍ତି ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଇତିମଧ୍ୟରେ ଇରାନ୍ ଏହାର ୟୁରାନିୟମ୍ ସମ୍ବର୍ଦ୍ଧନକୁ ୬୦%ରୁ ୯୦% ପର୍ଯ୍ୟନ୍ତ ବଢ଼ାଇସାରିଛି। ୯୦% ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟର ତାତ୍ପର୍ଯ୍ୟ ହେଉଛି ତେହରାନ୍ ଏହାକୁ ନେଇ ପର୍ଯ୍ୟାପ୍ତ ପରିମାଣର ଆଣବିକ ଅସ୍ତ୍ର ନିର୍ମାଣ କରିପାରିବ। ଅନ୍ୟପକ୍ଷେ ଇରାନ୍ କେବଳ ଶାନ୍ତିପୂର୍ଣ୍ଣ ବ୍ୟବହାର ପାଇଁ ଆଣବିକ କାର୍ଯ୍ୟକ୍ରମ ଚଳାଇଥିବା ସଫେଇ ଦେଇଆସୁଛି। ଏଭଳି ସ୍ଥିତିରେ ଇରାନ୍‌ର ପରବର୍ତ୍ତୀ ପଦକ୍ଷେପ ଉପରେ ବିଶ୍ୱ ସମୁଦାୟର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି।

### କଡ଼ା ଜବାବର ଚେତାବନୀ ଦେଲା ତେହରାନ୍
ଇରାନ୍ ଉପରେ ପୁନଃ କଟକଣାର କଡ଼ା ଜବାବ ଦିଆଯିବ ବୋଲି ରବିବାର ତେହରାନ୍ ଚେତାବନୀ ଦେଇଛି। ଏଥିସହ ଜାତିସଂଘ ପକ୍ଷରୁ ଲଗାଯାଇଥିବା କଟକଣା ପଛରେ ଥିବା ବ୍ରିଟେନ୍, ଫ୍ରାନ୍ସ ଓ ଜର୍ମାନୀରୁ ନିଜ ରାଷ୍ଟ୍ରଦୂତମାନଙ୍କୁ ପରାମର୍ଶ ପାଇଁ ଫେରାଇ ଆଣିଛି। ଜାତିସଂଘରେ କଟକଣା ପ୍ରସ୍ତାବ ଆଗତ ବେଳେ ରୁଷିଆ ଏହାକୁ ବିରୋଧ କରିଥିଲା। କଟକଣା ବେଆଇନ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ଜାତିସଂଘରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଥିଲେ। ଏତେ ବଡ଼ ଭୁଲ୍ ପଦକ୍ଷେପ ନ ନେବା ପାଇଁ ଲାଭ୍ରୋଭ୍ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କୁ ଲିଖିତ ଭାବେ ସତର୍କ କରାଇଥିଲେ।

### ସ୍ନାପ୍‌ବ୍ୟାକ୍ କ’ଣ
୨୦୧୫ରେ ବିଶ୍ୱର ମହାଶକ୍ତିଗୁଡ଼ିକ ସହ ଇରାନ୍ ନିଜ ଆଣବିକ ଚୁକ୍ତି ସ୍ୱାକ୍ଷର କରାଇବାବେଳେ ‘ସ୍ନାପ୍‌ବ୍ୟାକ୍’ ବ୍ୟବସ୍ଥା ଆଣିଥିଲା। ତଦନୁସାରେ ଜାତିସଂଘ ସଦ୍ୟ କଟକଣା ଜାରି କରିଛି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)କୁ ଭିଟୋ ପ୍ରତିରୋଧୀ କ୍ଷମତା ପ୍ରଦାନ କରିବା ଲାଗି ‘ସ୍ନାପ୍‌ବ୍ୟାକ୍’ ପ୍ରସ୍ତୁତ କରାଯାଇଥିଲା। ଅର୍ଥାତ୍ ଚାଇନା ଓ ରୁଷିଆ ଚାହିଁଲେ ମଧ୍ୟ ୟୁଏନ୍‌ଏସ୍‌ସିକୁ କଟକଣା ଜାରିରୁ ନିବୃତ୍ତ ରଖିପାରିବେ ନାହିଁ। ତଦନୁସାରେ ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନ୍ ଅଗଷ୍ଟ ୨୮ରେ ‘ସ୍ନାପ୍‌ବ୍ୟାକ୍’ କ୍ଷମତାର ପ୍ରୟୋଗ କରିଥିଲେ, ଯେତେବେଳେ କି ୱାଶିଂଟନ୍ ସହ ତେହରାନ୍‌ର ଆଣବିକ ଆଲୋଚନା ବିଫଳ ହୋଇଥିଲା।

## ବିହାର ଭୋଟ ସହ ...
ପର୍ଯ୍ୟବେକ୍ଷକମାନେ ନିଯୁକ୍ତିଠାରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ଆୟୋଗଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟ। ନିର୍ବାଚନ ସମୟରେ ପର୍ଯ୍ୟବେକ୍ଷକମାନେ ନିରପେକ୍ଷତା ବଜାୟ ରଖିବେ ଏବଂ ବିଶ୍ୱସନୀୟତାର ସହ କାର୍ଯ୍ୟ ସମ୍ପାଦନ କରିବେ। ପ୍ରଶାସନିକ ସେବାରେ ବରିଷ୍ଠତା ଏବଂ ଅଭିଜ୍ଞତାସମ୍ପନ୍ନ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ, ଯାହାଦ୍ୱାରା ନିର୍ବାଚନରେ ସ୍ୱଚ୍ଛତା ରହିବା ସହିତ କ୍ଷେତ୍ରସ୍ତରରେ ନିର୍ବାଚନ ପ୍ରକ୍ରିୟାର ଦକ୍ଷ ଏବଂ ପ୍ରଭାବଶାଳୀ ପରିଚାଳନାକୁ ମଧ୍ୟ ତଦାରଖ କରନ୍ତି। ଏହାସହିତ ସେମାନେ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ପ୍ରକାଶ ଯେ, ବିହାରରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପାଇଁ ଅକ୍ଟୋବର ୪ରେ ଇସି ସେଠାକୁ ଗସ୍ତ କରିବାକୁ ଥିବାବେଳେ ଏହାର ପୂର୍ବଦିନ ପର୍ଯ୍ୟବେକ୍ଷକଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେବାକୁ ଥିବାବେଳେ ସେହି ମାସରେ ନିର୍ବାଚନ ହୋଇପାରେ।

## ପର୍ଯ୍ୟବେକ୍ଷକ ତାଲିକାରେ ...
ଅଧିକାରୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବରିଷ୍ଠ ଆଇଏଏସ୍ ତଥା ସମବାୟ ବିଭାଗ ସଚିବ ପାଟିଲ ରାଜେଶ ପ୍ରଭାକର, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ, ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ୍, ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥବିଭାଗ ଯୁଗ୍ମସଚିବ ସିଦ୍ଧାର୍ଥ ଦାସ ଏବଂ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ରହିଛନ୍ତି। ଏହି ସମସ୍ତ ଅଧିକାରୀ ଆସନ୍ତା ୩ରେ ନିର୍ବାଚନ ସମ୍ପର୍କିତ ତାଲିମ ନେବା ପରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଜଣାଯାଇଛି।

## ବାପ ଝିଅଙ୍କୁ ପେଟ୍ରୋଲ ...
ଯାଇଥିଲେ। ଏହାକୁ ରବି ପ୍ରତିବାଦ କରିବାରୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପାଖରେ ରଖିଥିବା ପେଟ୍ରୋଲକୁ ବାପଝିଅଙ୍କ ଉପରକୁ ଢାଳି ଦେବା ସହ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ହେଲେ କୌଶଳକ୍ରମେ ରବି ଏବଂ ତାଙ୍କ ଝିଅ ଚିତ୍କାର କରି ସେଠାରୁ ଖସି ଆସିଥିଲେ। ଉଭୟେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବାପରେ ଶନିବାର ରବି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୭୦/୨୫) ରୁଜୁ କରିଛି। ତଦନ୍ତ ଚାଲିଛି, ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।

## ଆଜି ମହାସପ୍ତମୀ



ଭୁବନେଶ୍ୱରସ୍ଥିତ ବମିଖାଲ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।

## ୧୨ ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ: କଂଗ୍ରେସ

**'ଭୋଟ୍ ଚୋର ଗାଦି ଛାଡ଼' ଦସ୍ତଖତ ଅଭିଯାନ**

**ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା):** ରାଜ୍ୟରେ ଚଳିତମାସ ୧୭ରୁ ଆରମ୍ଭ ହୋଇଥିବା 'ଭୋଟ୍ ଚୋର-ଗାଦି ଛାଡ଼' ଦସ୍ତଖତ ଅଭିଯାନରେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ୨୦ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ଅଗଣିତ କଂଗ୍ରେସ ନେତା ଓ କର୍ମୀ ମୋଟ ୫ କୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ କରିବେ। ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦସ୍ତାବିଜକୁ ଆସନ୍ତା ୧୫ ଅକ୍ଟୋବର ଭାରତର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ କଂଗ୍ରେସ ନେତୃବୃନ୍ଦ ଦାଖଲ କରିବେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋବିନ୍ଦଙ୍କ ପରିବାର

## ସିବିଆଇ ତଦନ୍ତ ଦାବି କଲେ ଝିଅ

ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)

କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ଓ ଝିଅ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ପରିବାରର ସୁରକ୍ଷା ମାଗିବା ସହିତ ବାପାଙ୍କ ପ୍ରକୃତ ହତ୍ୟାକାରୀଙ୍କୁ ଧରିବାପାଇଁ ଘଟଣାର ପୁନଃ ତଦନ୍ତ କରିବାକୁ ଦାବି ଜଣାଇଛନ୍ତି। ଲିପିକା ଘଟଣାର ସିବିଆଇ ତଦନ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଏହି ଅବସରରେ ଲିପିକା ସାହୁ ଗଣମାଧ୍ୟମକୁ କହିଛନ୍ତି, ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି, ସେ ହିଁ ମୋ ବାପାଙ୍କୁ ମାରିଛି। ଏବେ ଆମ ପରିବାର ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ରହିଛୁ। ବିଜେଡି ଲୋକେ ଆମ ଜମିବାଡ଼ି ଛଡ଼େଇ ନେବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହଇରାଣ ହରକତ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କଥା ଅବଗତ କରାଇଛୁ। ଏହାସହିତ ଉକ୍ତ ଘଟଣାରେ ସିବିଆଇ ତଦନ୍ତ କରିବାକୁ ଦାବି ରଖିଛୁ।

ସେ ଆହୁରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକଳାପ ଦେଖି ବିଶ୍ୱାସ ଆସିବାରୁ ମୁହଁ ଖୋଲ ସବୁ କହିଛି। ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ଯେ, କେସ୍ ରି-ଓପନ୍ ହେବ ଏବଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆମର ବିଶ୍ୱାସ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ। ରିପୋର୍ଟ ଅନୁଯାୟୀ ଜେଲ୍‌ରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ। ମାତ୍ର ପରିବାର ପକ୍ଷରୁ ଏହାକୁ ସୁଚିନ୍ତିତ ଷଡଯନ୍ତ୍ର ଜନିତ ହତ୍ୟା ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଲିପିକା କହିଛନ୍ତି। ଆଗାମୀ ଦିନରେ ଏହି ଘଟଣାରେ ସରକାରଙ୍କ ପକ୍ଷରୁ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାର ରହିଛି।







"ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। –ଶ୍ରୀମା

-ପା୦ ମହାଷ୍ଟମୀ,
ଶ୍ରୀମୃଣ୍ମୟୀ ଦେବୀଙ୍କ
ତ୍ରିଦିନାତ୍ମକ ସପ୍ତମୀ ପୂଜା



# କ୍ଷୁବ୍ଧ ଲଦାଖ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ। ଏହା ଦ୍ୱାରା ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ବିଶେଷ ସୁବିଧା ହରାଇଥିଲା। ଏଭଳି ପଦକ୍ଷେପ ଜମ୍ମୁ ଓ କଶ୍ମୀରକୁ ଭାଙ୍ଗି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି)ରେ ପରିଣତ କରିଥିଲା। ଗୋଟେ ଜମ୍ମୁ ଓ କଶ୍ମୀର ନାମ ଧାରଣ କରିଥିବା ବେଳେ ଅନ୍ୟଟି ଲଦାଖ ହୋଇଥିଲା। ଦେଖିବାକୁ ଗଲେ ଜମ୍ମୁରେ ହିନ୍ଦୁ, କଶ୍ମୀରରେ ମୁସଲମାନ ସଂଖ୍ୟାଗରିଷ୍ଠ ଥିବା ବେଳେ ଲଦାଖ ପ୍ରାୟତଃ ବୌଦ୍ଧବହୁଳ। ଲଦାଖର ବୈଶିଷ୍ଟ୍ୟ ଦେଖିଲେ ଏହାର ପୂର୍ବରେ ଚାଇନା ଥିବା ବେଳେ ପଶ୍ଚିମରେ ପାକିସ୍ତାନ ରହିଛି। ଫଳରେ ଏହା ଭାରତ ପାଇଁ ଅତ୍ୟନ୍ତ ରଣନୀତିକ ମହତ୍ତ୍ୱ ରଖୁଛି। ଏହାର ଅଧିବାସୀ ବେଶ୍ ଶାନ୍ତିପ୍ରିୟ ଭାବେ ଜଣାଶୁଣା। ପୂର୍ବରୁ ଏହା ଜମ୍ମୁ ଓ କଶ୍ମୀର ଭିତରେ ଥିବାରୁ ସ୍ୱତନ୍ତ୍ରତା ପାଇପାରୁ ନ ଥିଲା। ଯେବେ ଏହା ଜମ୍ମୁ ଓ କଶ୍ମୀରଠାରୁ ଅଲଗା ହୋଇଗଲା ସେବେ ଲେହ ରାସ୍ତାରେ ଲୋକେ ଉଲ୍ଲସିତ ହୋଇଯାଇଥିଲେ। ୫ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଲଦାଖର ରାଜନୈତିକ ଭବିଷ୍ୟତ ଅସ୍ପଷ୍ଟ ରହିଛି। ଉତ୍ତମ ଶାସନ ଓ ଅଧିକ ପ୍ରତିନିଧିତ୍ୱର ପ୍ରତିଶ୍ରୁତି, ଯାହା ଏକଦା ଏହାର ବାସିନ୍ଦାଙ୍କୁ ଉତ୍ସାହିତ କରିଥିଲା, ଅନେକଙ୍କ ପାଇଁ ଏବେ ତିକ୍ତତାରେ ପରିଣତ ହେଲା ଭଳି ପ୍ରତୀୟମାନ ହେଉଛି। ତେଣୁ ଲଦାଖକୁ ରାଜ୍ୟ ମାନ୍ୟତା ଓ ସଂଖ୍ୟାଗରିଷ୍ଠ ଲଦାଖି ସମ୍ପ୍ରଦାୟ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ପୂରଣ କରିଥିବା ଦାବି କରୁଛନ୍ତି। ଲଦାଖ ସିଡ୍ୟୁଲ ସନ୍ନିବେଶିତ ହେଲେ ଏହା ସ୍ଥାନୀୟବାସୀଙ୍କୁ ଅଧିକ ରାଜନୈତିକ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଦାନ କରିବ। ସୂଚନା ଦିଆଯାଇପାରେ ଯେ, ସମ୍ବିଧାନର ୬ଷ୍ଠ ସିଡ୍ୟୁଲ ଆଦିବାସୀବହୁଳ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମରେ ଲାଗୁ ହୋଇଛି। ତେବେ ଲଦାଖୀଙ୍କ ଅସନ୍ତୋଷ ୨୪ ସେପ୍ଟେମ୍ବରରେ ଲେହର ରାସ୍ତାରେ ପ୍ରକାଶ ପାଇଥିଲା ଯେତେବେଳେ ରାଜ୍ୟ ମାନ୍ୟତା ଓ ସାମ୍ବିଧାନିକ ସୁରକ୍ଷା ଦାବି କରୁଥିବା ବିକ୍ଷୋଭକାରୀମାନେ ଦୁଇ ଅନଶନକାରୀ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ହିଂସାତ୍ମକ ହୋଇପଡ଼ିଥିଲେ। କ୍ରୁଦ୍ଧ ବିକ୍ଷୋଭକାରୀଙ୍କର ପୋଲିସ ସହ ସଂଘର୍ଷ ହୋଇଥିଲା ଓ ଭାଜପାର ସ୍ଥାନୀୟ କାର୍ଯ୍ୟାଳୟକୁ ସେମାନେ ଜାଳି ଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଲାଠିଚାର୍ଜ ଓ ଗୁଳିଚାଳନା କରିବାରୁ ପରିଣତି ସ୍ୱରୂପ ୪ ଜଣ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସ୍ଥିତି ଅସମ୍ଭାଳ ହେବାରୁ ପ୍ରଶାସନ ସେଠାରେ କର୍ଫ୍ୟୁ ଜାରି କରିବା ସହ ଇଣ୍ଟରନେଟ୍ ବନ୍ଦ କରିବାକୁ ବାଧ୍ୟ ହୋଇଛି। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ସାମାଜିକ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ହାତ ରହିଛି ବୋଲି କୁହାଯାଉଛି। ଏପରି କି ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍. ଡି. ସିଂ ଜମୱାଲ ପାକିସ୍ତାନ ସହ ୱାଙ୍ଗଚୁକଙ୍କ ସମ୍ପର୍କ ଥିବା ନେଇ ତଦନ୍ତ କରାଯାଉଥିବା କହିଛନ୍ତି। ଇତିମଧ୍ୟରେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ କାରାଗାରକୁ ପଠାଇ ଦିଆଯାଇଛି। ତେବେ ବିକ୍ଷୋଭକାରୀ ନେତାମାନେ ପୋଲିସର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ମନେପକାଇ ଦିଆଯାଇପାରେ ଯେ ଇଞ୍ଜିନିୟରରୁ ଇନୋଭେଟର ପାଲଟିଥିବା ତଥା ଚର୍ଚ୍ଚିତ '୩ ଇଡିଅଟ୍ସ' ଚଳଚ୍ଚିତ୍ର କାହାଣୀର ପ୍ରେରଣାଦାୟୀ ଚରିତ୍ର ସୋନମ ୱାଙ୍ଗଚୁକ୍ ମଧ୍ୟ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ତାହାକୁ ସ୍ୱାଗତ କରିଥିଲେ। କେନ୍ଦ୍ର ଶାସିତ ଅଞ୍ଚଳ ଦେଖିବାକୁ ପ୍ରତୀକ୍ଷା କରିଥିବା ଲୋକଙ୍କ ଉତ୍ସାହ ଶୀଘ୍ର ହ୍ରାସ ପାଇଲା ଯେତେବେଳେ ଲଦାଖୀମାନେ ଉପଲବ୍ଧ କଲେ ସେମାନଙ୍କ ୟୁଟିରେ କୌଣସି ବିଧାନସଭା ରହିବ ନାହିଁ। ଏପରିକି ଏହି ଅଞ୍ଚଳ ପୂର୍ବର ଜମ୍ମୁ ଓ କଶ୍ମୀର ବିଧାନସଭାରେ ଥିବା ୪ ବିଧାୟକ ପଦବୀକୁ ହରାଇଲା ଏବଂ ଏହାର ପ୍ରଶାସନ ସମ୍ପୂର୍ଣ୍ଣ ନୂଆଦିଲ୍ଲୀ ନିଯୁକ୍ତ ଅମଲାତନ୍ତ୍ରୀଙ୍କ ହାତରେ ରହିଲା। ଦେଖିବାକୁ ଗଲେ ଏହା ୨୦୧୯ ପୂର୍ବର ଶାସନ ବ୍ୟବସ୍ଥାଠାରୁ ମଧ୍ୟ ଖରାପ ଥିଲା। ଏହି ଅସନ୍ତୋଷ ଜମି ଅଧିକାର, ନିଯୁକ୍ତି ଏବଂ ଲଦାଖର ଜନସଂଖ୍ୟା, ପରିବେଶ ଓ ସଂସ୍କୃତିର ସଂରକ୍ଷଣ ନେଇ ଅନେକ ଭୟ ସୃଷ୍ଟି କରିଛି। ଜମ୍ମୁ ଓ କଶ୍ମୀରରେ ପରିବର୍ତ୍ତିତ ବାସସ୍ଥାନ (ଡୋମିସାଇଲ) ନିୟମ ଲଦାଖରେ ସମାନ ନୀତି ଦ୍ୱାରା ଜନସାଂଖ୍ୟିକ ପରିବର୍ତ୍ତନର ଆଶଙ୍କାକୁ ବଢ଼ାଇଛି। ଫଳରେ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା, ସମ୍ବିଧାନର ୬ଷ୍ଠ ପରିଚ୍ଛେଦ ଅଧୀନରେ ସୁରକ୍ଷା (ଯେଉଁଥିରେ ବିଧାନପାଳିକା ଓ ନ୍ୟାୟିକ କ୍ଷମତା ସହିତ ସ୍ୱୟଂଶାସିତ ଜିଲା ପରିଷଦ ଗଠନକୁ ଅନୁମତି ଦେଇଥାଏ) ଏବଂ ନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଲାଗି ଦାବି ବଢ଼ିଲା।

ଲୋକଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଗଲେ ତାହାର ପ୍ରତିବାଦରେ ନାଗରିକ ତୀବ୍ର ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ଗଣତନ୍ତ୍ରରେ ଲୋକଙ୍କ ସ୍ୱରକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ଅଧିବାସୀଙ୍କ ମଧ୍ୟରେ ପ୍ରଥମେ ଅସନ୍ତୋଷ ଓ ପରେ ତାହା ବିକ୍ଷୋଭର ରୂପ ଧାରଣ କଲା ବୋଲି କୁହାଯାଉଛି। ମୌଳିକ ଆବଶ୍ୟକତା ପୂରଣ ନ ହେଲେ ବିଦ୍ରୋହ ଅବଶ୍ୟମ୍ଭାବୀ। ଅନ୍ୟପକ୍ଷରେ ଲଦାଖରେ ଦେଖାଯାଇଥିବା ଅପ୍ରୀତିକର ସ୍ଥିତି ପାଇଁ ଜଳବାୟୁ କର୍ମୀ ୱାଙ୍ଗଚୁକ୍ ବ୍ୟକ୍ତିଗତ ଭାବେ ଯଦି କାର୍ଯ୍ୟ କରିଥିବେ, ତାହା ହେଲେ ସେ ମଧ୍ୟ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ନୂଆଦିଲ୍ଲୀ ଓ ଲଦାଖ ମଧ୍ୟରେ ଅବିଶ୍ୱାସ ଢେର ବଢ଼ିଯାଇଛି। ତେଣୁ ଏହାକୁ ସଂଘର୍ଷ ଭାବେ ନ ଦେଖି ବରଂ ଅତିସତର୍କତାର ସହିତ ପରିଚାଳନା କରାଯିବା ଦରକାର। ଲଦାଖ କେବଳ ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାରେଖା, ଯାହାର ଲୋକମାନେ ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିଥାଆନ୍ତି। ଦୀର୍ଘ ଦଶନ୍ଧି ଧରି ଲଦାଖୀମାନେ ଭାରତର ସୀମାକୁ ରକ୍ଷା କରିଆସିଛନ୍ତି। ଏପରିକି ଚାଇନା କିମ୍ବା ପାକିସ୍ତାନର ଅନୁପ୍ରବେଶ ବିରୋଧରେ ପ୍ରଥମ ପ୍ରତିରୋଧ ରେଖା ଭାବେ ମଧ୍ୟ ସେମାନେ କାର୍ଯ୍ୟ କରିଛନ୍ତି। ଭିନ୍ନମତ ପ୍ରକାଶ କରୁଥିବା ଲଦାଖୀମାନଙ୍କୁ 'ଦେଶବିରୋଧୀ' ଭାବେ ଅଭିହିତ କରାଗଲେ ତାହା ବିଚ୍ଛିନ୍ନତାକୁ ବଢ଼ାଇବା ଆଶଙ୍କା ରହୁଛି। ଏଭଳି ସ୍ଥଳେ ଲଦାଖର ଲୋକମାନଙ୍କୁ ଆଶ୍ୱାସନା ଦିଆଯିବା କଥା ଯେ ସେମାନଙ୍କ ଗଣତାନ୍ତ୍ରିକ ଆକାଂକ୍ଷା ଓ ସାଂସ୍କୃତିକ ପରିଚୟ ଜାତୀୟ ନିରାପତ୍ତାକୁ ଦୁର୍ବଳ ନ କରି ସୁରକ୍ଷିତ ହୋଇପାରିବ।

ଲଦାଖରେ ଅଶାନ୍ତି ନୂଆଦିଲ୍ଲୀ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷକରି ମଣିପୁର ସଙ୍କଟର ଭୁଲ୍ ପରିଚାଳନା ଯୋଗୁ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଜାତିଗତ ହିଂସା ଆରମ୍ଭ ହେବାର ୨ ବର୍ଷ ୪ ମାସ ପରେ ମଧ୍ୟ ଜଳୁଛି। ଏପରି ଅଶାନ୍ତି ଦେଶର ସୀମା ମଧ୍ୟରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ନୂଆଦିଲ୍ଲୀର ବିଭ୍ରାନ୍ତିକର ବହିର୍ବ୍ୟାପାର ନୀତି ଦ୍ୱାରା ସୃଷ୍ଟ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରୁଛି।

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 7 | 4 | 8 | | | |
| | 8 | | 5 | | | | 6 | 3 |
| | | | | | 6 | | | |
| | 6 | 5 | | | | | | 7 |
| | 2 | 7 | | | 5 | 8 | 9 | |
| | | | 2 | | | | | 4 |
| | | 2 | | 1 | 4 | | | |
| 5 | | | 8 | | | | | 1 |
| | | | | | | 9 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 6 | 1 | 2 | 8 | 7 | 3 |
| 7 | 3 | 6 | 9 | 8 | 5 | 1 | 4 | 2 |
| 8 | 2 | 1 | 4 | 7 | 3 | 5 | 9 | 6 |
| 2 | 4 | 8 | 3 | 5 | 9 | 6 | 1 | 7 |
| 9 | 1 | 7 | 8 | 4 | 6 | 3 | 2 | 5 |
| 3 | 6 | 5 | 1 | 2 | 7 | 9 | 8 | 4 |
| 1 | 5 | 9 | 7 | 3 | 4 | 2 | 6 | 8 |
| 4 | 8 | 3 | 2 | 6 | 1 | 7 | 5 | 9 |
| 6 | 7 | 2 | 5 | 9 | 8 | 4 | 3 | 1 |

ଗତକାଲିର ଉତ୍ତର

# ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମନ୍ଦିରର ଦକ୍ଷିଣ ଭାଗରେ ଥିବା ମଣ୍ଡପଟି ହେଉଛି ମୁକ୍ତିମଣ୍ଡପ। ଶ୍ରୀଜୀଉମାନଙ୍କ ଦର୍ଶନ ପରେ ମୁକ୍ତିମଣ୍ଡପରେ ମୁଣ୍ଡିଆ ମାରି ଶ୍ରୀମନ୍ଦିରରୁ ଫେରିବା ବିଧି ରହିଛି। କିନ୍ତୁ ଏହି ମୁକ୍ତିମଣ୍ଡପ ନାମକରଣ ପଛରେ କୌଣସି ଐତିହାସିକ ସ୍ୱୀକୃତି ନ ଥିବାବେଳେ ଏହାର ନିର୍ମାଣ ଅବଧି ମଧ୍ୟ ଦ୍ୱନ୍ଦ୍ୱ ମୁକ୍ତ ନୁହେଁ। ଦକ୍ଷିଣ ଦିଗର ଅଧିପତି ଯମଙ୍କ ଦର୍ପ ଚୂର୍ଣ୍ଣ ପାଇଁ ଯଜ୍ଞାଦି କର୍ମରେ ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମାଙ୍କୁ ସ୍ଥାନ ଦେବାର ବିଧି ରହିଛି। 'ଦକ୍ଷିଣ ତୋ ବ୍ରହ୍ମାସନ'। ତେଣୁ ପ୍ରଥମେ ବ୍ରହ୍ମାସନ ବା ବ୍ରହ୍ମବେଦୀ ଏବଂ ପରେ ବାରାଣସୀର ମୁକ୍ତିମଣ୍ଡପ ଅନୁକରଣରେ ଏହାର ନାମକରଣ ହୋଇଛି ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ଏହି ମଣ୍ଡପକୁ ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ପତ୍ନୀ ଗୌରୀ ରାଣୀ ନିର୍ମାଣ କରିଥିଲେ ବୋଲି ମାଦଳାପାଞ୍ଜିରେ ଲିଖିତ ଅଛି। କିନ୍ତୁ ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଏହି ମଣ୍ଡପ ମାନସିଂହଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ବିଦ୍ୟମାନ ଥିଲା। ତାଙ୍କ ପତ୍ନୀ ଗୌରୀ ରାଣୀ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଏହାର ସଂସ୍କାର ବା ନବୀକରଣ କରାଇଥିଲେ। ଏଥିରେ ଷୋଳଟି ସ୍ତମ୍ଭ ଥିବାରୁ ଷୋଳ ଶାସନର ବ୍ରାହ୍ମଣମାନେ ଏହା ଉପରେ ବସିବା ପାଇଁ ପ୍ରାଧିକୃତ ବୋଲି କୁହାଯାଏ। ଏହା ମଧ୍ୟ ସତ୍ୟତା ଉପରେ ପର୍ଯ୍ୟବସିତ ନୁହେଁ। କାରଣ ପ୍ରତ୍ୟେକ ଯଜ୍ଞବେଦୀ ନିର୍ମାଣରେ ଯଜ୍ଞଶାଳାରେ ଚାରି ଓ ବାହ୍ୟ ଯଜ୍ଞଶାଳାରେ ବାର ଏପରି ଷୋଳଟି ସ୍ତମ୍ଭ ରହିବାର ବିଧି ରହିଛି। କେଉଁ ଷୋଳ ଶାସନର ବ୍ରାହ୍ମଣମାନେ ସେଠାରେ ବସିବାକୁ ପ୍ରାଧିକୃତ ସେ ସମ୍ପର୍କରେ କୌଣସି ତଥ୍ୟ କେଉଁଠି ମଧ୍ୟ ଉପଲବ୍ଧ ନାହିଁ। ସ୍ୱତ୍ୱଲିପି ଅନୁଯାୟୀ ଚବିଶଟି ଶାସନ ଗ୍ରାମର ବ୍ରାହ୍ମଣ ମହାଜନମାନେ ସେଠାରେ ବସିବାକୁ ପ୍ରାଧିକୃତ ହୋଇଥିବା ବେଳେ ଦଣ୍ଡୀ ସନ୍ନ୍ୟାସୀ, ରାଜଗୁରୁ , ଶ୍ରୀମନ୍ଦିର ପୁରୋହିତ ମଧ୍ୟ ବସିବାର ସ୍ୱତ୍ୱଲିପି ରହିଛି। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଣ୍ଡପରେ ଆସନ ପକାଇ ଅଧିଷ୍ଠିତ ହେବାର ବିଧି ରହିଛି। କିଛି ଶାସନର ଅଧିକାର ଉପରେ ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି।

ଶ୍ରୀମନ୍ଦିରର ପ୍ରତ୍ୟେକ ଧାର୍ମିକ ବ୍ୟବସ୍ଥା ସହ ମୁକ୍ତିମଣ୍ଡପ ଓଡ଼ିଶାର ଧାର୍ମିକ କ୍ଷେତ୍ରରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା। ତାହାର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବିବେଚିତ ହେଉଥିଲା। ସ୍ୱୟଂ ଗଜପତି ମଧ୍ୟ ସେଥିରେ ହସ୍ତକ୍ଷେପ କରୁ ନ ଥିଲେ। ବ୍ରିଟିଶ ଶାସନ ସମୟରେ ପୁରୀ କଲେକ୍ଟର ଗ୍ରୋମ ସାହେବ ୧୮୦୫ ମସିହାରେ ମୁକ୍ତିମଣ୍ଡପ ଦ୍ୱାରା ପରୀକ୍ଷା କରାଯାଇ ଶ୍ରୀମନ୍ଦିର ସେବାପୂଜାରେ ସେବକ ନିଯୁକ୍ତି ପାଇଁ ସୁପାରିସ କରିଥିବାର ପ୍ରମାଣ ରହିଛି। ସେଠାରେ ବ୍ରାହ୍ମଣମାନେ ପ୍ରତିଦିନ ବିଭିନ୍ନ ଶାସ୍ତ୍ର ଆଲୋଚନା କରୁଥିବା ଏବଂ ଏଥିପାଇଁ ଶ୍ରୀମନ୍ଦିର ତରଫରୁ ଥାଳି ଖେଚୁଡ଼ି ବ୍ୟବସ୍ଥା ଥିବା ସ୍ୱତ୍ୱଲିପିରେ



ଲିଖିତ ଅଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ମୁକ୍ତିମଣ୍ଡପର ଜଣେ ସଭ୍ୟ ପ୍ରତିନିଧିତ୍ୱ କରନ୍ତି। ଏବେବି ଓଡ଼ିଶାର ଜନସାଧାରଣଙ୍କ ମନରେ ଅତୁଟ ବିଶ୍ୱାସ ଥିବାରୁ କୌଣସି ଧାର୍ମିକ ସଂକଟ ହେଲେ ମୁକ୍ତିମଣ୍ଡପର ନିର୍ଣ୍ଣୟ ସର୍ମାନ୍ୟ ହୋଇଥାଏ। କିନ୍ତୁ ଶ୍ରୀମନ୍ଦିରରେ ନକଲି ସେବକ, ନକଲି ବ୍ରାହ୍ମଣଙ୍କ ଉପସ୍ଥିତି ପରି 'ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା' ନାମରେ ଆଉ ଗୋଟିଏ ଅନୁଷ୍ଠାନ ରହିଛି। ଶ୍ରୀମନ୍ଦିର ପରିସରରେ କୌଣସି ଭିତ୍ତି ବା ସ୍ୱତ୍ୱଲିପିରେ ନଥିବା ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା ନାମରେ ସେଇ ଅନୁଷ୍ଠାନ ବେନିୟମ ଭାବରେ ନିଜର ସ୍ଥିତି ଜାହିର କରୁଛି। ଶ୍ରୀମନ୍ଦିର ପରିସରରେ ଏଭଳି କିଛି ଅନୁଷ୍ଠାନ ନାହିଁ ବୋଲି ପ୍ରଶାସନିକ ଆଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହା ସାଧାରଣ ଭକ୍ତଙ୍କୁ ମଧ୍ୟ ବିଭ୍ରାନ୍ତ କରାଉଛି। ଏହା ସହିତ ମୁକ୍ତିମଣ୍ଡପ ପଣ୍ଡିତ ସଭା ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ରହିଛି। ଉପଲବ୍ଧ ଥିବା କାଗଜାଦିରୁ ଜଣାଯାଏ ଯେ, ୧୯୦୫ ମସିହାରେ ଅନେକ ପଣ୍ଡିତ ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ବିଶୃଙ୍ଖଳିତ ହେବା, ପବିତ୍ର ସ୍ଥାନକୁ ଅପବିତ୍ର କରି କେବଳ ଅର୍ଥ ଲାଳସା ଚରିତାର୍ଥ ପାଇଁ ଗୋପନରେ ବ୍ୟବସ୍ଥା ଦେଉଥିବାରୁ ମର୍ମାହତ ହୋଇଥିଲେ। ଲୋକଙ୍କ ଧର୍ମ ରକ୍ଷା ପାଇଁ ଶ୍ରୀମନ୍ଦିର ମ୍ୟାନେଜରଙ୍କ ପରାମର୍ଶକ୍ରମେ ତତ୍କାଳୀନ ଶଙ୍କରାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠନ କରିଥିଲେ। ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା, ଯାହାକି ୧୯୭୩ ମସିହାରେ ସମବାୟ ନିୟମରେ ଅନୁବନ୍ଧିତ ହୋଇଛି। ଏହାର ପ୍ରାଧିକୃତ ଶାସନ ସଂଖ୍ୟା ୩୧ ହୋଇଥିବା ବେଳେ ମୁକ୍ତିମଣ୍ଡପର ପାଠାଗାର ଗୃହରେ ଏହାର କାର୍ଯ୍ୟାଳୟ ରହିଛି। ଉଭୟ ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଏବଂ ପୃଷ୍ଠପୋଷକ ଗଜପତି ମହାରାଜା ଦୁଇ ଅନୁଷ୍ଠାନକୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବାକୁ ପ୍ରୟାସ କରିଥିଲେ। ଶାସନ ସଂଖ୍ୟାରେ ତାରତମ୍ୟ ଯୋଗୁ ସ୍ୱତ୍ୱଲିପି ଆଧାରରେ ତାହା ସମ୍ଭବ ହୋଇନାହିଁ। ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣଙ୍କ ଶୃଙ୍ଖଳା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ତତ୍କାଳୀନ ଗଜପତି ବୀରକିଶୋର ଦେ ତା୧୦।୮।୧୯୫୯ରିଖରେ କିଛି ନିୟମ ସହ ସେମାନେ କୌଣସି ବ୍ୟବସ୍ଥା ଦେଇପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ, ଯାହାକି ଶ୍ରୀମନ୍ଦିର କାର୍ଯ୍ୟାଳୟର ମହାଫିସ ଖାନାରେ ଉପଲବ୍ଧ ଅଛି। କିନ୍ତୁ ମୁକ୍ତିମଣ୍ଡପ ଏବେବି ବିବିଧ ବ୍ୟବସ୍ଥା ଦେଇ ଚାଲିଛି। ମୁକ୍ତିମଣ୍ଡପରେ ବସୁଥିବା ବ୍ୟକ୍ତିମାନେ ଯେଉଁ ଶାସନର ଅଧିବାସୀ ଭାବରେ ପରିଚୟ ଦେଉଛନ୍ତି ସେ ଶାସନରେ ତାଙ୍କର ଘର ବା ଗ୍ରାମ୍ୟ କୋଠ ବ୍ୟବସ୍ଥାରେ ହକରା ଡାକରା ନାହିଁ। ଏ ସମ୍ପର୍କରେ ଅନେକ ଲିଖିତ ଅଭିଯୋଗ ସତ୍ତ୍ୱେ ମୁକ୍ତିମଣ୍ଡପ ଉପରେ ନିୟନ୍ତ୍ରଣ ଅଧିକାର ଥାଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ନୀରବତା ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଅନୁଷ୍ଠାନ ୨୦୧୬ ମସିହାରୁ ଆତ୍ମଘୋଷିତ ସଭାପତି ଓ ସମ୍ପାଦକଙ୍କ ନିୟନ୍ତ୍ରଣରେ ଚାଲିଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ କ୍ଷୁବ୍ଧ ହୋଇ ତା'ର ସଂସ୍କାର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସକଙ୍କ ବଦଳି ପରେ ପ୍ରସ୍ତାବରେ ପୂର୍ଣ୍ଣଚ୍ଛେଦ ପଡୁଥିବାରୁ ସେ ମଧ୍ୟ ନୀରବ ରହିଛନ୍ତି।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ମଧ୍ୟ ନିର୍ବାଚିତ କାର୍ଯ୍ୟ ନିର୍ବାହିକା ପରିଷଦର କାର୍ଯ୍ୟକାଳ ୨୦୨୦ ମସିହା ଏପ୍ରିଲ ମାସରୁ ଶେଷ ହୋଇଥିବାବେଳେ କୌଣସି ନିର୍ବାଚନ ହେଉନାହିଁ। ସ୍ଥାୟୀ ସଭାପତିଙ୍କ ଅନୁମୋଦନ ବିନା ପଣ୍ଡିତ ସଭାର ପ୍ରତ୍ୟେକ କାର୍ଯ୍ୟ ବା ନିର୍ଣ୍ଣୟ ଉପରେ ଅନିୟମିତତା ଅଭିଯୋଗ ମଧ୍ୟ ଉଠୁଛି। ଯେଉଁ ମହତ ଉଦ୍ଦେଶ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠିତ ହୋଇଥିଲା, ଯେଉଁଠାରେ ମୂର୍ଦ୍ଧନ୍ୟ ପଣ୍ଡିତମାନଙ୍କର ଶାସ୍ତ୍ରାଲୋଚନା ହେଉଥିଲା ତାହା ଏବେ କିଛି ଅବସରପ୍ରାପ୍ତ ମଧ୍ୟମା ଶିକ୍ଷକ, କିରାଣି, ଓକିଲଙ୍କ ଦ୍ୱାରା ପରିଚାଳିତ ହେଉଛି। ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ତ୍ରୁଟିଯୁକ୍ତ ବୋଲି ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି। ଚଳିତ ବର୍ଷର ରଥ ଅନୁକୂଳ ଏକ ରିକ୍ତା ତିଥିରେ ଆରମ୍ଭ ହେବାରୁ ତାହା ଅନେକ ଅଘଟଣର କାରଣ ବୋଲି ମଧ୍ୟ ପ୍ରକାଶ ପାଇଛି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କୌଣସି ଦୃଷ୍ଟି ନଦେଇ ବୈଧତା ନଥିବା ପଣ୍ଡିତ ସଭା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ପ୍ରୟାସ କରିଚାଲିଛି। ବିଡ଼ମ୍ବନାର ବିଷୟ ହେଉଛି ଯେ, ରାଜ୍ୟରେ ଧାର୍ମିକ ଭାବନା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ପଣ୍ଡିତ ସଭା ପ୍ରତ୍ୟେକ ଗୃହସ୍ଥ ନିଜ ଘରେ ମୃତ ବ୍ୟକ୍ତିଙ୍କ ଶ୍ରାଦ୍ଧ ନିଶ୍ଚିତ କରିବେ ଏବଂ କୌଣସି ପରିସ୍ଥିତିରେ ଶ୍ରାଦ୍ଧ ବନ୍ଦ ହେବନାହିଁ ବୋଲି ନିଜ ସ୍ୱୀକୃତ ପଞ୍ଜିକାରେ ଉଲ୍ଲେଖ କରୁଛନ୍ତି। କିନ୍ତୁ ପଣ୍ଡିତ ସଭାରେ ଅର୍ଥ ଜମାକରି ଶ୍ରାଦ୍ଧ ଦିବସରେ ବ୍ରାହ୍ମଣ ଭୋଜନ କରାଇବାକୁ ସେଇ ପଞ୍ଜିକାରେ ବିଜ୍ଞାପନ ଦେଉଛନ୍ତି। ଏବେବି ପଣ୍ଡିତ ସଭାରେ ପାଞ୍ଚ ହଜାରରୁ ଅଧିକ ଦୁଷ୍ପ୍ରାପ୍ୟ ଶାସ୍ତ୍ରୀୟ ପୁସ୍ତକ ରହିଥିଲେ ବି ଗତ ଦୁଇ ଦଶନ୍ଧି ଧରି ପୁସ୍ତକ ଆଲମିରା ଖୋଲାଯାଇ ନାହିଁ। ଶ୍ରୀମନ୍ଦିରରେ ଧାର୍ମିକ ବାତାବରଣ ସୃଷ୍ଟି ପାଇଁ ସଂସ୍କାର ନିଶ୍ଚିତ ଜରୁରୀ। ଶ୍ରୀମନ୍ଦିର ପରିଚାଳନା ନିୟମରେ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପରେ ପ୍ରଶାସନିକ କର୍ତ୍ତୃତ୍ୱ ରହିଛି। ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଗୁରୁତ୍ୱ ଦେଇ ସର୍ବୋପରି ଆମର ଧାର୍ମିକ ଭାବନାରେ ଦେଶ ବା ରାଜ୍ୟର ମଙ୍ଗଳ ପାଇଁ ଦକ୍ଷ ପଣ୍ଡିତ ସଭା ଗଠନ ସହ ଅପ୍ରାଧିକୃତ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏଂ ଉଭୟ ଅନୁଷ୍ଠାନର ଗୌରବ ରକ୍ଷା ପ୍ରଶାସନ ସହ ସରକାରଙ୍କର ନିଶ୍ଚିତ କର୍ତ୍ତବ୍ୟ।

୧୧୩– ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନୂତନ ସୁଯୋଗ



ଡ. ଷ୍ଟାଲିନ ମିଶ୍ର

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏଚ୍.ୱାନ୍.ବି ଭିସା ଦେୟ ବୃଦ୍ଧି କରିଛି। ଅଚାନକ ଏହି ଦେୟ ଦେଢ଼ ହଜାର ଆମେରିକୀୟ ଡଲାରରୁ ଏକ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଅନେକେ ଏହାକୁ ଭାରତୀୟ ସୂଚନା ପ୍ରଯୁକ୍ତି ବୃତ୍ତିଜୀବୀ ଓ କମ୍ପାନୀମାନଙ୍କ ପାଇଁ ବିପରୀତ ଭାବେ ଦେଖୁଛନ୍ତି। କିନ୍ତୁ ବାସ୍ତବରେ ଏହା ବିପଦ ନୁହେଁ ବରଂ ଭାରତ ପାଇଁ ନୂତନ ସୁଯୋଗ। ଏପରିକି ଏହି ଦେୟ ବୃଦ୍ଧି ପାଇଁ ଭାରତର ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଫଳ ବିଦେଶ ନୀତି ଦାୟୀ ବୋଲି କହୁଛନ୍ତି।

ଏଚ୍.ୱାନ୍.ବି ଭିଜା କ'ଣ ? ଏଚ୍.ୱାନ୍.ବି ଭିଜା ହେଉଛି ଯୁକ୍ତରାଷ୍ଟ୍ର ସରକାରଙ୍କ ଅଣ-ପ୍ରବାସୀ ଭିଜା କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଆମେରିକୀୟ କମ୍ପାନୀମାନେ ବିଦେଶୀ ଦକ୍ଷ ପେସାଜୀବୀଙ୍କୁ ନିଯୁକ୍ତ କରନ୍ତି। ବିଶେଷତଃ ସୂଚନା ପ୍ରଯୁକ୍ତି କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଅଟୋମୋଟିଭ ଶିଳ୍ପ, ଆର୍ଥିକ ପରାମର୍ଶ, ଚିକିତ୍ସା ସେବା କ୍ଷେତ୍ର ଭଳି କ୍ଷେତ୍ରରେ ଏହାର ବ୍ୟବହାର ଅଧିକ ହୁଏ। ଏହି ଭିଜାଧାରୀମାନେ ସାଧାରଣତଃ ତିନି ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ରରେ ରହି କାମ କରିପାରନ୍ତି, ଯାହାକୁ ପରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଆମେରିକାର ଶ୍ରମ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହି ଭିଜାଧାରୀଙ୍କ ବାର୍ଷିକ ସର୍ବନିମ୍ନ ବେତନ ଷାଠିଏ ହଜାର ଆମେରିକୀୟ ଡଲାର ରହିଛି। ନିକଟ ଅତୀତରେ ଏହାକୁ ଦେଢ଼ଲକ୍ଷ ଡଲାରକୁ ବୃଦ୍ଧି କରିବାକୁ ଯୋଜନା ହେଉଛି। ଏହି ଭିଜାର ଅନ୍ୟ ସୁବିଧାଗୁଡ଼ିକ ଯେପରିକି ଗ୍ରୀନକାର୍ଡ ଆବେଦନ, ଜୀବନସାଥୀଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଇତ୍ୟାଦି ଏହାକୁ ଅଧିକ ଲୋକପ୍ରିୟ କରିଥିଲା। ଏହା ପ୍ରକୃତରେ ଅସ୍ଥାୟୀ ରୂପେ କୁଶଳୀ କର୍ମଚାରୀଙ୍କୁ ବିଦେଶରୁ ଆଣି ଉଚ୍ଚ କୁଶଳୀ କ୍ଷେତ୍ରଗୁଡ଼ିକରେ ଆମେରିକୀୟ ବୃତ୍ତିଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସୃଷ୍ଟି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡ଼ିକ ନିଜ ଲାଭ ପାଇଁ କମ୍ ଦରମାରେ ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି କରି ଆମେରିକୀୟ କୁଶଳୀ କର୍ମଚାରୀଙ୍କର ବିକଳ୍ପ ରୂପେ ବ୍ୟବହାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଲା। ଫଳ ସ୍ୱରୂପ ପ୍ରବାସୀଙ୍କ ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇ କଠୋର ନିୟମ ଆଣିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି ହେଲା।

ବିଷୟଟିକୁ ଆଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଆମ ପାଇଁ ବାଧା ନୁହେଁ, ବରଂ ସୁଯୋଗର ଦ୍ୱାର ଖୋଲିଦେଇଛି। ଡଲାର-ଟଙ୍କାର ଉଚ୍ଚ ବିନିମୟ ମୂଲ୍ୟ ହିଁ ବିଦେଶୀ କମ୍ପାନୀଗୁଡ଼ିକ ଭାରତୀୟ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବାର ପ୍ରକୃତ କାରଣ। ଏହି ଉଚ୍ଚ ବିନିମୟ ମୂଲ୍ୟ ଲୋଭରେ ଭାରତରୁ ଅନ୍ୟ ଦେଶକୁ ଚାଲିଯାଉଥିବା କୁଶଳୀମାନେ ପରୋକ୍ଷରେ ଅନ୍ୟ ଦେଶର ଆର୍ଥିକ, ସାମାଜିକ ତଥା ଉଦ୍ୟୋଗ ବିକାଶର କାରଣ ହେଉଛନ୍ତି। ଯଦି ବର୍ଦ୍ଧିତ ଭିଜା ଦେୟ ପାଇଁ ବିଦେଶୀ କମ୍ପାନୀମାନେ ଭାରତୀୟଙ୍କୁ ନିଯୁକ୍ତି ଦେବାକୁ ଅସମର୍ଥ ହେବେ, ତେବେ ପରୋକ୍ଷରେ ସେମାନେ ତାଙ୍କ କାମକୁ ଭାରତକୁ ଆଉଟସୋର୍ସିଂ କରିବାକୁ ବାଧ୍ୟ ହେବେ। କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ




ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ପ୍ରତିଭାଙ୍କର କର୍ତ୍ତୃତ୍ୱ ବଜାୟ ରହିଛି। ବିଦେଶୀ କମ୍ପାନୀମାନଙ୍କ ପାଇଁ ଏହାର ବିକଳ୍ପ ନାହିଁ। ଭିଜା ଦେୟ ବଢ଼ିବାରୁ ଯୁକ୍ତରାଷ୍ଟ୍ର କମ୍ପାନୀମାନେ ପ୍ରଫେସନାଲଙ୍କୁ ନେଇଯିବା ପରିବର୍ତ୍ତେ ଭାରତକୁ କାମ ଆଉଟସୋର୍ସ କରିବାକୁ ପସନ୍ଦ କରିବେ। ଏହା ସୂଚନା ପ୍ରଯୁକ୍ତି ସେବାକୁ ନେଇ ଭାରତର ପ୍ରଭାବକୁ ଆହୁରି ବିଶ୍ୱବ୍ୟାପୀ କରାଇବ। ଆଉଟସୋର୍ସିଂ ବଢ଼ିଲେ, ସେହି ପ୍ରତିଭା ଦେଶରେ ରହି ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ। କୋଭିଡ-୧୯ ପରେ ରିମୋଟ ୱାର୍କ (ଘରୁ କାମ କରିବା ) ଏକ ସାଧାରଣ କଥାରେ ପରିଣତ ହୋଇଛି। ଭିଜାଦେୟ ବୃଦ୍ଧି ଏହାକୁ ଅଧିକ ଗତିଶୀଳ କରିବ ତଥା ଆଞ୍ଚଳିକ ବିକାଶ ପାଇଁ ବାଟ ଖୋଲିଦେବ। ଭାରତୀୟ ସହର ଏପରିକି ଗ୍ରାମାଞ୍ଚଳ ଗୁଡ଼ିକରେ ରହି ପ୍ରଫେସନାଲମାନେ ସିଲିକନ ଭ୍ୟାଲି ପାଇଁ କାମ କରିପାରିବେ। ଭାରତୀୟ ଷ୍ଟାର୍ଟଅପଗୁଡ଼ିକ ପାଇଁ ସୁବର୍ଣ୍ଣ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ଆଇ, ତଥ୍ୟ ବିଜ୍ଞାନ, ବ୍ଲକଚେନ, ଫିନଟେକ, ସାଇବର ନିରାପତ୍ତା ଭଳି ଉଦୀୟମାନ କ୍ଷେତ୍ରରେ ଭାରତୀୟ ଷ୍ଟାର୍ଟଅପଗୁଡ଼ିକ ବିଶ୍ୱସ୍ତରୀୟ କ୍ଲାଇଣ୍ଟ ପାଇବାର ସୁଯୋଗ ମିଳିବ। ଏହା ନୂତନ ଉଦ୍ୟମୀମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆଣିପାରେ।

ସୁଯୋଗକୁ ଚରିତାର୍ଥ କରିବା ପାଇଁ ଆମକୁ ଦକ୍ଷତା ବିକାଶ, ଛୋଟ ସହର ତଥା ଗ୍ରାମାଞ୍ଚଳ ଗୁଡ଼ିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଉପଲବ୍ଧ କରାଇବା, ନବସୃଜନ ଷ୍ଟାର୍ଟଅପ ଅନୁକୂଳ ନୀତି ଓ ସରକାରୀ ପ୍ରୋତ୍ସାହନକୁ ପ୍ରାଥମିକତା ଦେବା ଆବଶ୍ୟକ। ଆମ ଉଚ୍ଚ କୁଶଳୀ ଯୁବପ୍ରତିଭା ଭାରତର ସବୁଠାରୁ ବଡ଼ ଶକ୍ତି। ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଏହା କୃଷ୍ଟ ସମୟ। କୁଶଳୀ ଭାରତୀୟମାନେ ଏକ କୁଶଳ ତଥା ଆତ୍ମନିର୍ଭର ଭାରତ ନିର୍ମାଣରେ ଭାଗୀଦାରି ହେବା ଗୌରବର କଥା ନୁହେଁ କି ?

ବିଦେଶରେ ଭାରତୀୟମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଈର୍ଷା ଓ ହିଂସା ପ୍ରଦର୍ଶନର ଖବର ବ୍ୟାପକ ହେଉଛି। ମୋ ମତରେ ନିଜ ଦେଶରେ ରହି ନିଜକୁ ତଥା ନିଜ ପିଲାଙ୍କୁ ବିଶ୍ୱର ସର୍ବୋତ୍ତମ ସଂସ୍କୃତି ଭାରତୀୟ ସଂସ୍କୃତିରେ ଗଢ଼ିତୋଳିବା ଶ୍ରେୟସ୍କର ନୁହେଁ କି ? ଅଧିକ ଅର୍ଥ ଉପାର୍ଜନ ଲୋଭରେ ନିଜ ଦେଶ, ପରିବାର ଓ ସଂସ୍କୃତିର ପ୍ରତିକୂଳରେ ଯାଇ ନିଜକୁ ତଥା ନିଜର ଆଗାମୀ ପିଢ଼ିକୁ ଏକ ଅନିଶ୍ଚିତ ଦୁନିଆରେ ପ୍ରତିଷ୍ଠିତ କରାଇବାର ଆକାଂକ୍ଷା କେତେ ବୁଦ୍ଧିମତ୍ତା ତାହା ପୁନଃ ବିଶ୍ଳେଷଣ କରିବା ଉଚିତ ଯେତେବେଳେ ଆମ ଦେଶ ଭାରତ ନୂତନ ସୁଯୋଗର ଭୂମି ଭାବେ ଉଦୀୟମାନ ହୋଇ ସାରା ବିଶ୍ୱରୁ ଉଦ୍ୟୋଗପତିଙ୍କୁ ଭାରତରେ ନିବେଶ କରାଇବା ପାଇଁ ପ୍ରବର୍ତ୍ତାଇ ପାରୁଛି ସେତେବେଳେ ଅନ୍ୟ ଦେଶରେ ପ୍ରବାସୀ ବା ତୃତୀୟଶ୍ରେଣୀ ନାଗରିକ ହୋଇ ପ୍ରତି ମୁହୂର୍ତ୍ତରେ ଭୟ ଓ ଅନିଶ୍ଚିତତାକୁ ଆଲିଙ୍ଗନ କରିବାର ଆବଶ୍ୟକତା କ'ଣ ? ତେଣୁ ମୁଁ ଆଉ ଥରେ କହିବି ଭିସା ଶୁଳ୍କ ବୃଦ୍ଧି ଭାରତୀୟ ଉଦ୍ୟୋଗ କ୍ଷେତ୍ର ପାଇଁ ବିପଦ ନୁହେଁ। ବରଂ ଏହା ଆମ ନିଜସ୍ୱ ପ୍ରତିଭାକୁ ନୂତନ ସୁଯୋଗ ଦେଇ ବିଶ୍ୱକୁ ନେତୃତ୍ୱ ଦେବାର ରାସ୍ତା ଖୋଲିଛି।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର
ମୋ:୯୩୪୩୯୩୫୩୪୧

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ। ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢ଼ାଉଛନ୍ତି। ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଜୁଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୭୬

- ଭାରତ ଓ ନାଇଜେରିଆ ସାଧାରଣତନ୍ତ୍ର ମିଳିତ ଉଦ୍ୟମରେ ଫସଫରିକ ଏସିଡ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନ ନିମନ୍ତେ ଚୁକ୍ତିବଦ୍ଧ ହୋଇଛନ୍ତି।
- ଜାତୀୟ କୋଠାବାଡ଼ି ନିର୍ମାଣ ସଂସ୍ଥା ପକ୍ଷରୁ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ।

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପଥ ହେଲାଣି ପଥଭ୍ରଷ୍ଟ

ମହାଶୟ,

ରାଜ୍ୟର ଚତୁର୍ଥ ବୃହତ୍ତମ ସହର କେନ୍ଦ୍ରାପଡ଼ା । ଏହା ତୁଳସୀ କ୍ଷେତ୍ର ନାମରେ ବିଦିତ। ଆଧ୍ୟାତ୍ମିକ, ସାଂସ୍କୃତିକ ଐତିହ୍ୟ ପରମ୍ପରାର ମହାନ୍ ଶୋଭନୀୟ ଓ ସୌନ୍ଦର୍ଯ୍ୟମୟ ଏହି ସହର। ମୁଖ୍ୟ ପ୍ରସଙ୍ଗ କେନ୍ଦ୍ରାପଡ଼ାର ତିନିମୁହାଣୀ, ଗରାପୁର ସଂଲଗ୍ନ ରାସ୍ତାଟି ହେଉଛି ବଳଦେବଜୀଉ ପଥ। ପରିତାପର ବିଷୟ ଉକ୍ତ ପଥଟି ଖାଲଖମା ଯୋଗୁ ଯାନବାହନ ଚଳାଚଳରେ ଘୋର ସମସ୍ୟା ଦେଖାଦେଲାଣି। କେନ୍ଦ୍ରାପଡ଼ା ସହରର ଜନସାଧାରଣ ବହୁ ଆଲୋଚନା ସମାଲୋଚନା କରନ୍ତି ସତ, ଫଳ କିନ୍ତୁ ଶୂନ। ବିକାଶ ନାଁରେ କୋଟି କୋଟି ଟଙ୍କା ଆସି ଫେରିଯାଏ। ରାଜ୍ୟ ସରକାରଙ୍କ ବାହୁସ୍ଫୋଟ ଭାଷଣକୁ କେନ୍ଦ୍ରାପଡ଼ାର ଲକ୍ଷ ଲକ୍ଷ ଜନସାଧାରଣ କର୍ଣ୍ଣପାତ କରନ୍ତି ସତ ହେଲେ ଉପଯୁକ୍ତ ପଥଟିକୁ ପାସୋରି ପକାନ୍ତି। ଯାହା ଫଳରେ ପ୍ରଶାସନକୁ ଟେଇଁ ଶୋଇବାକୁ ଯଥେଷ୍ଟ ସୁଯୋଗ ମିଳେ। ତଥାପି ରାଜ୍ୟ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଧୂଳିସାତ ନ କରନ୍ତୁ।

–ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ





ବର୍ତ୍ତମାନ ଯେଉଁ କେତୋଟି ସ୍ୱାସ୍ଥ୍ୟ ସମସ୍ୟା ପ୍ରମୁଖ ଭାବରେ ଆମେ ସମ୍ମୁଖୀନ ହେଉଛେ ତନ୍ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ପ୍ରତ୍ୟେକ ତିନିଗୋଟି ମୃତ୍ୟୁର କାରଣ ହେଉଛି ହୃଦ୍‌ରୋଗଜନିତ। ଆମର ହାତମୁଠା ଆକାର ହୃତ୍‌ପିଣ୍ଡଟି ଛାତିର ବାମ ପଟେ ତିର୍ଯ୍ୟକ୍ ଭାବରେ ଅବସ୍ଥାପିତ। ଏହା ଗର୍ଭ ସଞ୍ଚାରର ୨ ମାସଠାରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ ନିରବଚ୍ଛିନ ଭାବେ କାମ କରିଥାଏ। ହୃତ୍‌ପିଣ୍ଡର ଚାରିଗୋଟି ଅଳିନ୍ଦ (artium)ଗୁଡ଼ିକର ମାଂସପେଶୀ ପତଳା ଓ ନିଳୟ (ventricle)ର ମାଂସପେଶୀ ଅପେକ୍ଷାକୃତ ମୋଟ। ଦକ୍ଷିଣପଟ ହୃତ୍‌ପିଣ୍ଡରୁ ଅମ୍ଳଜାନ ସଂଯୁକ୍ତ ହେବା ପାଇଁ ରକ୍ତ ଫୁସ୍‌ଫୁସ୍‌କୁ ଯାଏ ଓ ତା'ପରେ ଏହା ଫୁସ୍‌ଫୁସୀୟ ଶିରା ଦ୍ୱାରା ବାମ ପଟକୁ ଆସି ସାରା ଶରୀରରେ ପ୍ରବାହିତ ହୁଏ।

ଜଣେ ବୟସ୍କ ବ୍ୟକ୍ତିର ହୃତ୍‌ପିଣ୍ଡ ମିନିଟ୍‌କୁ ୭୨ ଥର ସ୍ପନ୍ଦିତ ହୋଇଥାଏ ଏବଂ ଗୋଟିଏ ଦିନରେ ଏହା ପାଖାପାଖି ଲକ୍ଷେ ଚାରି ହଜାର ଥର ସ୍ପନ୍ଦିତ ହୁଏ। ଆମ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ପାଖାପାଖି ୫ ଲିଟର ରକ୍ତ ସଞ୍ଚାରଣ କରିଥାଏ ଓ ଗୋଟିଏ ଦିନରେ ଏହା ୭୦୦୦-୮୦୦୦ ଲିଟର ରକ୍ତ ପମ୍ପ କରିଥାଏ।

ସାଧାରଣତଃ ହୃଦ୍‌ଯନ୍ତ୍ର କାମ କରିବା ବନ୍ଦ କରିଦେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତି ବର୍ଷ ଦୁଇ କୋଟିରୁ ଊର୍ଦ୍ଧ୍ୱ ଲୋକ ହୃଦ୍‌ରୋଗ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମୃତ୍ୟୁକୁ ଆଗୁଆ ନିଦାନ ଦ୍ୱାରା ଟାଳି ଦିଆଯାଇପାରନ୍ତା, ମାତ୍ର ଜନସଚେତନତାର ଅଭାବରୁ ଏହା ହୋଇପାରୁନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟସେବାର ବ୍ୟାପକତା, ସୁବିଧା ତଥା ପ୍ରାଥମିକ ସ୍ତରରେ ଯାଞ୍ଚ ଦ୍ୱାରା ପ୍ରତିହତ କରାଯାଇପାରନ୍ତା।

ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' (World Heart Day) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷର ଏ ନେଇ ବାର୍ତ୍ତା ରହିଛି-'ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ (Don't miss a beat)।

ହୃତ୍‌ପିଣ୍ଡଜନିତ ରୋଗଗୁଡ଼ିକ ମଧ୍ୟରେ ସିଏଡି ବା କରୋନାରି ଆର୍ଟେରି ରୋଗ ପ୍ରମୁଖ। ଏଥିରେ ହୃତ୍‌ପିଣ୍ଡର ମାଂସପେଶୀକୁ ରକ୍ତ ଯୋଗାଉଥିବା ମୁଖ୍ୟ ଏବଂ ସହଯୋଗୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ମାଂସପେଶୀ କାମ କରିପାରି ନ ଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ଏକ ନୀରବ ଘାତକ ରୋଗ। ଏହା ବାହାରକୁ ଜଣାପଡ଼ି ନ ଥାଏ ମାତ୍ର ପରୀକ୍ଷା ବେଳେ ଜଣାପଡ଼େ। ଏଥିଲାଗି ନିୟମିତ ଯାଞ୍ଚ ଓ ଔଷଧ ସେବନ ଆବଶ୍ୟକ। ହଠାତ୍ ହୃଦ୍‌ଘାତ ଓ କାର୍ଡିଆକ୍ ଆରେଷ୍ଟ ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଜୀବନ ନେଇଯାଇଥାଏ। ହୃଦ୍‌ଯନ୍ତ୍ରର କାର୍ଯ୍ୟହୀନତା ଓ ହୃତ୍‌ସ୍ପନ୍ଦନରେ ଅନିୟମିତତା (arrythmia) ଅନ୍ୟ ଦୁଇଗୋଟି ପ୍ରମୁଖ ରୋଗ। ଏହା ବ୍ୟତୀତ ଜନ୍ମଜନିତ ହୃଦ୍‌ରୋଗ, ମାଂସପେଶୀ ସଂକ୍ରମଣ, କାର୍ଡିଓ ମାୟୋପାଥି, ଗଣ୍ଠିବାତଜନିତ ହୃଦ୍‌ରୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଅଗ୍ରଗତି ଦ୍ୱାରା ସହଜରେ ଅଳ୍ପ ସମୟ ମଧ୍ୟରେ ହୃଦ୍‌ରୋଗର ନିର୍ଣ୍ଣୟ ସହିତ ଉପଯୁକ୍ତ ଚିକିତ୍ସା କରାଯାଇ ପାରୁଅଛି। ତେଣୁ ଏବର୍ଷର ବାର୍ତ୍ତା ଜଣାଉଛି ଯେ ହୃଦ୍‌ରୋଗର ଯାଞ୍ଚ ଓ ନିର୍ଣ୍ଣୟ ତଥା ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରିବା ଉଚିତ ନୁହେଁ। ହୃଦ୍‌ରୋଗ ହେବାର ପ୍ରମୁଖ ବିପଦ ସୃଷ୍ଟିକାରୀ ବିଷୟଗୁଡ଼ିକ ହେଉଛି-ଅତ୍ୟଧିକ ଧୂମପାନ, ଅତ୍ୟଧିକ ମେଦବହୁଳତା, ଶାରୀରିକ କର୍ମରହିତ ଜୀବନ, ଡାଇବେଟିସ, ଅତ୍ୟଧିକ ରକ୍ତରେ ଚର୍ବି, ଅସନ୍ତୁଳିତ ଉଚ୍ଚ ରକ୍ତଚାପ ଏବଂ ଅତ୍ୟଧିକ ମାନସିକ ଅବସାଦ। ଏହା ସହିତ ପାରିବାରିକ ରୋଗ ପ୍ରାଦୁର୍ଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା।

ହୃଦ୍‌ରୋଗକୁ ପ୍ରତିହତ କରିବାର ସହଜ ଉପାୟଗୁଡ଼ିକ ମଧ୍ୟରେ ରହିଛି- ରକ୍ତଚାପ, ଚର୍ବି ବହୁଳତା ଏବଂ ମେଦବହୁଳତାର ନିୟନ୍ତ୍ରଣ। ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ବର୍ଜନ, ଶାରୀରିକ ପରିଶ୍ରମ ଓ ନିୟମିତ ବ୍ୟାୟାମ, ଚାଲିବା, ପହଁରିବା, ସାଇକେଲ ଚାଳନା ଇତ୍ୟାଦି ମଧ୍ୟ ଉପଯୋଗୀ। ପ୍ରତିଦିନ ଅଧ ଘଣ୍ଟାଏ ବ୍ୟାୟାମ ମନ ଏବଂ ଶରୀରକୁ ସୁସ୍ଥତା ପ୍ରଦାନ କରେ। ଅବସାଦ ଏବଂ ମାନସିକ ଚାପରୁ ଦୂରରେ ରହି ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା ଉଚିତ। ହୃଦ୍‌ରୋଗର ନିୟନ୍ତ୍ରଣ ଓ ଚିକିତ୍ସା ପାଇଁ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ପରୀକ୍ଷା ଯଥା-ଇସିଜି, ଇକୋ, ଷ୍ଟ୍ରେସ୍ ଟେଷ୍ଟ, ବ୍ଲଡ୍ ଟେଷ୍ଟ, କାର୍ଡିଆକ୍ କ୍ୟାଥେଟରାଇଜେଶନ, ଆଞ୍ଜିଓଗ୍ରାମ ଏବଂ ଷ୍ଟେଣ୍ଟିଙ୍ଗ ଇତ୍ୟାଦି ଦ୍ୱାରା ହୃଦ୍‌ରୋଗର ସଫଳ ଚିକିତ୍ସା କରାଯାଇପାରୁଅଛି।

**- ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର

## ଯୁବମାନଙ୍କ ମଧ୍ୟରେ ବଢୁଥିବା ହୃଦ୍‌ଘାତ ଗୁରୁତର ସାମାଜିକ ସଙ୍କଟ

ହୃଦ୍‌ଘାତ (Heart Attack) ପୂର୍ବରୁ ୫୦ ବର୍ଷରୁ ଅଧିକ ବୟସରେ ଦେଖାଯାଉଥିବା ରୋଗ ବୋଲି ମନେ କରାଯାଉଥିଲା। କିନ୍ତୁ ଏବେ ପରିସ୍ଥିତି ଦ୍ରୁତ ବଦଳିଛି। ଭାରତରେ ପ୍ରାୟ ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ହେଉଛି, ଯେଉଁଥିରୁ ୨୫% କେସ୍ ୪୦ ବର୍ଷରୁ କମ୍ ବୟସରେ ଦେଖାଯାଉଛି। ଓଡ଼ିଶାରେ ମଧ୍ୟ ଏହି ପ୍ରବୃତ୍ତି ସ୍ପଷ୍ଟ। କେତେକ କେସ୍‌ରେ ୨୦-୨୫ ବର୍ଷ ବୟସରେ ଯୁବକମାନେ ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଓଡ଼ିଶାର କାର୍ଡିଆକ୍ ସେଣ୍ଟରଗୁଡ଼ିକରେ ୪୦ ବର୍ଷରୁ କମ୍ ବୟସୀ ରୋଗୀଙ୍କ ସଂଖ୍ୟା ୩୦% ପର୍ଯ୍ୟନ୍ତ ପହଞ୍ଚିଛି।



Dr. Ritesh Acharya
Cardiologist/Electrophysiologist
Hi-Tech Medical College

### କାହିଁକି ଯୁବମାନେ ହୃଦ୍‌ଘାତରେ ପୀଡ଼ିତ

- ✔ ଧୂମପାନ ଓ ମଦ୍ୟପାନ : ୨୦-୩୫ ବର୍ଷ ବୟସରେ ଅଧିକାଂଶ ରୋଗୀଙ୍କ ସାଧାରଣ କାରଣ।
- ✔ ମଧୁମେହ, ଉଚ୍ଚ ରକ୍ତଚାପ ଓ କଲେଷ୍ଟେରଲ : "Silent Killers" ଯାହା ଯୁବବର୍ଗରେ ଅନୁଦିଷ୍ଟ ଅବସ୍ଥାରେ ରହିଥାଏ।
- ✔ ଅସୁସ୍ଥ ଖାଦ୍ୟାଭ୍ୟାସ : ଫାଷ୍ଟ ଫୁଡ୍, ତେଲ-ମସଲା ଖାଦ୍ୟ, ଶର୍କରାଧିକ ପାନୀୟ।
- ✔ ନିଷ୍କ୍ରିୟ ଜୀବନଶୈଳୀ : Mobile-TV-Laptop ପାଖରେ ଘଣ୍ଟା, ଅଭ୍ୟାସର ଅଭାବ।
- ✔ ଚାପ ଓ ଅତିରିକ୍ତ କାର୍ଯ୍ୟଭାର : ଯୁବମାନଙ୍କ ପାଇଁ ମାନସିକ ଚାପର ପ୍ରବନ୍ଧନ ବହୁତ କମ୍।
- ✔ ପରିବାରରେ ହୃଦ୍‌ରୋଗର ପୂର୍ବ ଇତିହାସ : Genetic Predisposition

### ସାମାଜିକ ପ୍ରଭାବ

୧. ଅର୍ଥନୈତିକ ଚାପ : ୨୦-୪୦ ବର୍ଷରେ ପରିବାରର ପ୍ରଧାନ ଉପାର୍ଜନକାରୀ ଯଦି ହୃଦ୍‌ଘାତରେ ପୀଡିତ, ସାରା ପରିବାର ଆଘାତିତ।
୨. ଉତ୍ପାଦନଶୀଳତାର ହାନି : ସମାଜର କାର୍ଯ୍ୟକ୍ଷମ ବର୍ଗରେ ରୋଗ ବଢିବା।
୩. ମାନସିକ ପ୍ରଭାବ : ପରିବାରରେ ଭୟ, ଉତ୍କଣ୍ଠା ଓ ନିରାଶା।

### ପ୍ରତିରୋଧ କିପରି ?

- ✔ ସୁସ୍ଥ ଖାଦ୍ୟ - ଅଧିକ ଶାକ-ସବ୍ଜୀ, ଫଳ, ଡାଲି, ପୂର୍ଣ୍ଣାନ୍ନ, କମ୍ ତେଲ, ଲୁଣ, ଚିନି।
- ✔ ନିୟମିତ ବ୍ୟାୟାମ - ପ୍ରତିଦିନ ୩୦-୪୫ ମିନିଟ୍।
- ✔ ନିୟମିତ ଚେକ୍‌ଅପ୍ - ୩୦ ବର୍ଷ ପରେ ଡାଯାବେଟିକ୍, ରକ୍ତଚାପ ଓ କଲେଷ୍ଟେରଲ ପରୀକ୍ଷା।
- ✔ ମାନସିକ ଚାପର ପ୍ରବନ୍ଧନ - ପ୍ରତିଦିନ ଧ୍ୟାନ, ପ୍ରାଣାୟମ, ପରିବାର ସହିତ ସମୟ।
- ✔ ଧୂମପାନ ଓ ମଦ୍ୟପାନକୁ "ନା"।

### ସାରକଥା

ହୃଦ୍‌ଘାତର "ଯୁବ ପ୍ରବଳତା" ସମାଜ ପାଇଁ ଗୁରୁତର ସଙ୍କେତ। ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ଘଟୁଥିବା ତଥ୍ୟ ସଚେତନତା ପାଇଁ ପର୍ଯ୍ୟାପ୍ତ ସମୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ପରୀକ୍ଷା ଓ ମାନସିକ ସ୍ୱାସ୍ଥ୍ୟରେ ଯତ୍ନ - ଏହାହିଁ ଯୁବମାନଙ୍କୁ ହୃଦ୍‌ଘାତରୁ ରକ୍ଷା କରିପାରିବ।

**"ଯୁବମାନଙ୍କ ହୃଦୟ ସୁସ୍ଥ - ରାଷ୍ଟ୍ରର ଭବିଷ୍ୟତ ସୁସ୍ଥ"**

## ହୃତ୍‌ପିଣ୍ଡ ଅନୁକୂଳ ଖାଦ୍ୟ



ଶରୀରର ସବୁ ଅଙ୍ଗ ଭଳି ହୃତ୍‌ପିଣ୍ଡ ମଧ୍ୟ ଖାଦ୍ୟ ଉପାଦାନ ଓ ଅକ୍ସିଜେନ୍ ଦରକାର କରିଥାଏ। ଏହା ସେ ପାଇଥାଏ ହୃତ୍‌ଧମନୀ ନାମକ ରକ୍ତନଳୀ ସାହାଯ୍ୟରେ। ହୃତ୍‌ଧମନୀର ରନ୍ଧ୍ର ସରୁ ହୋଇଗଲେ ହୃତ୍‌ପିଣ୍ଡ ଆଶାନୁରୂପ ଖାଦ୍ୟ ଉପାଦାନ ଓ ଅମ୍ଳଜାନ ବା ଅକ୍ସିଜେନ ପାଇପାରେନି। ଫଳରେ ଜାତ ହୁଏ ମାରାତ୍ମକ ଧରଣର ହୃଦ୍‌ରୋଗ। ସ୍ୱାସ୍ଥ୍ୟ ହିତକର ଖାଦ୍ୟ ଖାଇ ନିୟମିତ ବ୍ୟାୟାମ କଲେ ହୃତ୍‌ପିଣ୍ଡ ସୁସ୍ଥ ରହେ।

**କ'ଣ ଖାଇବେ:** ହୃତ୍‌ପିଣ୍ଡ ସୁସ୍ଥ ରହିବା ପାଇଁ କ'ଣ ଖାଇବେ ? ସୁସ୍ଥ ହୃତ୍‌ପିଣ୍ଡ ଖାଦ୍ୟ ତାଲିକାରେ ରହିଛି ରୁଟି, ଭାତ, ଚୁଡ଼ା, ମୁଢ଼ି, ଖଇ, ସୁଜି, ଡାଲି, ଆଳୁ, ଶାଗ, ସାଲାଡ, ସବୁ ପ୍ରକାରର ତଟକା ସବୁଜ ପନିପରିବା, ତଟକା ଫଳମୂଳ, ଲେମ୍ବୁ, ସର କଢ଼ା କ୍ଷୀର, ସର କଢ଼ା କ୍ଷୀରରେ ପ୍ରସ୍ତୁତ ଦହି ଓ ଛେନା। ରୋଷେଇ କରିବା ସମୟରେ ଅଳ୍ପ ପରିମାଣର ସୋରିସ ତେଲ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ସୋୟାବିନ ତେଲ, ସୂର୍ଯ୍ୟମୁଖୀ ତେଲରେ ଖାଦ୍ୟ ପ୍ରସ୍ତୁତ କରିପାରିବେ। ଚିନି, ଗୁଡ଼, ମାଛ, ଲୁଣିମାଛ, କୁକୁଡା ମାଂସ, ଅଣ୍ଡାର ଧଳା ଅଂଶ ଖାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଅଳ୍ପ ଅଳ୍ପ ପରିମାଣରେ ଦିନକୁ ପାଞ୍ଚ-ଛଅ ଥର ଆହାର କରନ୍ତୁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଆନ୍ତୁ।

**କ'ଣ ଖାଇବେନି:** ଲହୁଣି, ଘିଅ, କ୍ଷୀରସର, କ୍ରିମ୍, ତେଲରେ ଛଣାଛଣି ଏବଂ ଭଜାଭଜି ଖାଦ୍ୟ, ନଡିଆ, ବନସ୍ପତି, ମାଂସର ଚର୍ବି, ଛେଳି, ମେଣ୍ଢା, ଗୋରୁ, ଘୁଷୁରି ମାଂସ, ଅଣ୍ଡାର କେଶର, ବେଶି ତନ୍ତୁଯୁକ୍ତ ଓ ମିଷ୍ଟାନ୍ନ, ବେଶି ଲୁଣ, ଲୁଣିଆ ଖାଦ୍ୟ, ପାମ୍ପଡ଼, ଚଟଣି, ଆଚାର, କଲିଜା, ଚିଙ୍ଗୁଡି, କଙ୍କଡ଼ା, କଫି, ଫାଷ୍ଟଫୁଡ୍, କୋଲ୍ଡ ଡ୍ରିଙ୍କସ ଇତ୍ୟାଦି। କିନ୍ତୁ ଏଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ଅଳ୍ପ ଅଳ୍ପ ଖାଇପାରିବେ। କିନ୍ତୁ ନିୟମିତ ସବୁଦିନ ଖାଇବା ମନା।

ଅଧିକ ପରିମାଣର ତନ୍ତୁଜାତୀୟ ଖାଦ୍ୟ, ଅଳ୍ପ ପରିମାଣର ତେଲ, ନିୟମିତ ବ୍ୟାୟାମ, ଅଳ୍ପ ପରିମାଣର ୫-୬ ଥର ଆହାର ବ୍ୟତୀତ ଧୂମପାନ, ମଦ୍ୟପାନ ବର୍ଜନ କରନ୍ତୁ। ଏହାଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
ଅଭୀପ୍ସା, ପ୍ଲଟ ନଂ-୧୧୩୧, ସେକ୍ଟର-୬, ସିଡିଏ, କଟକ






## ହୃଦ୍‌ରୋଗର ଆୟୁର୍ବେଦୀୟ ଉପଚାର

ହୃତ୍‌ପିଣ୍ଡ ଆମ ଶରୀରର ରକ୍ତକୁ ପମ୍ପିଙ୍ଗ କରି ଶରୀରର ସମସ୍ତ ଅଙ୍ଗର କୋଷକୁ ପହଞ୍ଚାଇଥାଏ। ଏପରିକି ହୃତ୍‌ପିଣ୍ଡ ଧମନୀ ଦ୍ୱାରା ହୃତ୍‌ପିଣ୍ଡକୁ ପୋଷଣ କରିଥାଏ। ଯଦି ତେଲ, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇଲେ ପରିଶ୍ରମ ନ କଲେ ତା'ହେଲେ ଶରୀରରେ ଚର୍ବି ଜମା ହୋଇଥାଏ। ଏହା ଫଳରେ ଧମନୀ ରାସ୍ତା ସଙ୍କୁଚିତ ହୁଏ। ତା' ସହ ଅଧିକାଂଶ ସମୟ ଚିନ୍ତା, ଅବସାଦରେ ରହିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହି ସମସ୍ୟାର କେତେକ ଆୟୁର୍ବେଦୀୟ ଉପଚାର ରହିଛି।



- ଅର୍ଜ୍ଜୁନ ଛେଲି ରସ ଦୁଇ ଚାମଚ ଉଷୁମ କ୍ଷୀର ଏକ କପ ସହ ମିଶାଇ ସକାଳେ ଖାଲି ପେଟରେ ଖାଇବେ।
- ଓସ୍ତପତ୍ର ରସ ବା ପତ୍ର ୬ଟି ପାଣିରେ ପକାଇ ଫୁଟାଇ ତାହାକୁ ଥଣ୍ଡା କରି ଦିନକୁ ଦୁଇ ଥର ପିଇବେ।
- ଅର୍ଜ୍ଜୁନାରିଷ୍ଟ, ସର୍ପଗନ୍ଧାରିଷ୍ଟ, ହୃଦୟବଲ୍ଲଭ ରସ, ଅକୀକ ଭସ୍ମ, ନାଗାର୍ଜ୍ଜୁନାଭ୍ର ଇତ୍ୟାଦି ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ ଖାଇବେ।
- ମନ୍ଥର ଗତିରେ ଚାଲିବେ। ବାମ କଡ଼ ମାଡି ଶୋଇବେ, ଅନୁଲୋମ, ବିଲୋମ କରିବେ। କଞ୍ଚା ଲଙ୍କା ଅଳ୍ପ ପରିମାଣରେ ଖାଇବେ।
- ପୁରୁଣା ଚାଉଳ ଭାତ, ମୁଗ, ପୋଟଳ, ପାଣିକଖାରୁ, କଷିମୂଳା, ଛୋଟ ମାଛ, ଆମ୍ବ, ଡାଳିମ୍ବ, କିସ୍‌ମିସ୍, ରସୁଣ ଓ ଅଦା ଖାଇବା ହୃତ୍‌ପିଣ୍ଡ ପାଇଁ ହିତକର।
- ଦୂଷିତ ପାଣି ପିଇବେ ନାହିଁ, ଗୁରୁପାକ ଖାଦ୍ୟ ଏବଂ ଖଟା ଖାଇବେ ନାହିଁ।

**-ଡା. ଆଶିଷ ବାନାର୍ଜୀ,** ବେତନଟୀ, ମୟୂରଭଞ୍ଜ






# ୧୪ ବର୍ଷରେ ତେଲିପଡ଼ା ଛକ ଦୁର୍ଗାପୂଜା

## ସୁନା, ରୁପା ଅଳଙ୍କାରରେ ସଜେଇ ହୋଇଛନ୍ତି ମା’




ନୂଆପଡ଼ା,୨୮।୯ (ମକାରୁ ବେମାଲ)

ନୂଆପଡ଼ା ସହରର ୩ଟି ୱାର୍ଡର ୪ଟି ପଡ଼ା ତେଲିପଡା, ସୂର୍ଯ୍ୟ ନଗର, ରାମ ନଗର ଓ ନରୋତ୍ତମ ନଗରକୁ ନେଇ ଦୁର୍ଗା ପୂଜା କମିଟି ଗଠନ କରି ତେଲିପଡା ଛକଠାରେ ଦଶହରା ନବରାତ୍ର ଦୁର୍ଗା ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ଦୁର୍ଗାପୂଜା ୧୪ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଷ ୧୨୫ ଗ୍ରାମର ସୁନା ଓ ୧୪ କିଲୋଗ୍ରାମ ରୁପା ଅଳଙ୍କାରରେ ମା’ ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀ ସଜେଇ ହୋଇଛନ୍ତି। ୨୦୧୨ ମସିହାରେ ତେଲିପଡା ଠାରେ ଦୁର୍ଗା ପୂଜା ଆରମ୍ଭ ହୋଇ ୨୦୧୪ ରେ ପ୍ରଥମ କରି ନବରାତ୍ର ପୂଜା ଆୟୋଜିତ ହୋଇ ୧୨ ବର୍ଷରେ ପହଞ୍ଚିଲାଣି। ଚଳିତ ବର୍ଷ ମା’ ଦୁର୍ଗାଙ୍କ ମଥାରେ ମୁକୁଟ, ହାତ ଚୁଡି, ଅଣ୍ଟାର ସୂତା, ଗୋଡର ପାୟଲ, ବାହୁରେ ବାହୁଟି ତିଆରି ହୋଇଛି। ସେହିପରି ସୁନାରେ ମା’ଙ୍କ ବେକରେ ହାର, କାନ ଫୁଲ, ନାକ ଫୁଲ, ମଙ୍ଗଳସୂତ୍ର ଓ ନୁଥ ତିଆରି ହୋଇଛି। ସେହିପରି ମା’ଙ୍କ ସହ ପାର୍ଶ୍ୱ ଦେବାଦେବୀଙ୍କ ପାଇଁ ରୁପାର ଅଳଙ୍କାର ତିଆରି ହୋଇଛି। ୧୪ କିଲୋଗ୍ରାମ ରୁପାରେ ଲକ୍ଷ୍ମୀ,ସରସ୍ୱତୀ, କାର୍ତ୍ତିକ ଓ ଗଣେଶଙ୍କ ପାଇଁ କିରିଟି, ବାହୁଟି, ଅଂଟା ସୂତା ତିଆରି ହୋଇଛି। ଚଳିତ ବର୍ଷ ୧୨୫ ଗ୍ରାମ ସୁନା ଓ ୧୪ କିଲୋଗ୍ରାମ ରୁପାରେ ଅଳଙ୍କାରରେ ଦେବୀ ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀମାନଙ୍କୁ ସଜେଇଛନ୍ତି। ଗତ ୨୨ ତାରିଖ ସୋମବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ତେଲିପଡା ବିଶେଶ୍ୱର ଶିବ ମନ୍ଦିର ପୋଖରୀରୁ ୭୨୧ ଗୋଟି ପୂର୍ଣ୍ଣ କଳସି ଆଣି ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଏହା ୯ ଦିନ ଧରି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସୁବାଷ ଚନ୍ଦ୍ର ଗର୍ଗ ଓ ତାଙ୍କ ଧର୍ମପତ୍ନୀ ଉର୍ମିଳା ଗର୍ଗ କର୍ତ୍ତା ଦାୟୀତ୍ୱରେ ରହିଛନ୍ତି। କେନ୍ଦ୍ରାପଡା ଜିଲାର ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରମାନନ୍ଦ ଶତପଥୀ ଓ ସାରଦା ପ୍ରସାଦ ନନ୍ଦ ପୂଜକ ଭାବରେ ଦାୟୀତ୍ୱ ନିର୍ବାହ କରୁଛନ୍ତି। ଆୟୋଜକ କମିଟି ସଭାପତି ମୁରଲିଧର ସୁନା, ସମ୍ପାଦକ ଦେବକେତୁ ସାହୁ, ଉପ ସଭାପତି ପୁରୁଷୋତ୍ତମ ସାହୁ, ମହେଶ ନିଆଲ, ସହ ସମ୍ପାଦକ କୃଷ୍ଣଅର୍ଜୁନ ସିଂ, କୋଷାଧ୍ୟକ୍ଷ ଟଙ୍କଧର ସାହୁ, ହେମନ୍ତ ଦଣ୍ଡସେନା, ଅମୂଲ୍ୟ ଖୁଣ୍ଟିଆ, ସୁଧୀର ସାହୁ, ପ୍ରଦୀପ ସେଠୀ, ମହାଦେବ ଛତ୍ରିଆ, ବିଷ୍ଣୁଚରଣ ଭୂୟାଁ, ଡା.ବାସୁଦେବ ସାହୁ, ଗୋପି ସୁନା, ହରି ସାହୁ, ଦୁଲୁ ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସହରବାସୀ ସହଯୋଗ କରୁଛନ୍ତି।

### ସେମାନଙ୍କ ମୁହଁରୁ...



“ ପ୍ରତିଦିନ ଷୋଡଶ ଉପଚାରରେ ପୂଜା କରି ଦିନକୁ ୫ ଥର ଆଳତି କରାଯାଉଛି। ଆଳତି ସମୟରେ କୁଆରୀ ଝିଅମାନଙ୍କୁ କାଲିସି ଆସି ଘଣ୍ଟବାଦ୍ୟରେ ନୃତ୍ୟ କରୁଛନ୍ତି। ମା’ ଦୁର୍ଗା ଆବିର୍ଭାବ ହେଉଛନ୍ତି ବୋଲି ଲୋକେ ବିଶ୍ୱାସ କରୁଛନ୍ତି।

-ପୂଜକ ପ୍ରକାଶ ଚନ୍ଦ୍ର ମିଶ୍ର



“ ଚଳିତବର୍ଷ ଦୁର୍ଗା ପୂଜା ୧୪ ବର୍ଷରେ ପଦାର୍ପଣ କରି ନବରାତ୍ର ଦୁର୍ଗା ପୂଜା ୧୨ ବର୍ଷ ହୋଇଛି। ମା’ଦୁର୍ଗାଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ପୂଜା କମିଟି ନିଷ୍ପତ୍ତି ନେଇଛି। ଆସନ୍ତା ବର୍ଷ ଦୁର୍ଗା ମନ୍ଦିରରେ ମା’ଙ୍କ ପୂଜା ହେବ ବୋଲି ଆଶା ରଖିଛୁ।

-ମୁରଲିଧର ସୁନା, ଆୟୋଜକ କମିଟି ସଭାପତି



“ ନବଦୁର୍ଗା ପୂଜାରେ ୯ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେଥିରେ ବିଶେଷ ଆକର୍ଷଣ ଡାଣ୍ଡିଆ ନୃତ୍ୟ ରହିଥାଏ। ସହର ତଥା ଅଂଚଳର ଝିଅମାନେ ୯ଦିନ ଯାକ ଡାଣ୍ଡିଆ ନୃତ୍ୟ ପରିବେଷଣ କରନ୍ତି। ଏହା ସହିତ ସମ୍ବଲପୁରୀ ଦଣ୍ଡ ନୃତ୍ୟ କରାଯାଇଥାଏ।

-ମହେଶ ନିଆଳ, ଉପସଭାପତି



“ ନବରାତ୍ର ଚାଲିଛି ବୋଲି ୯ଟି ଦୁର୍ଗା ମୂର୍ତ୍ତି ନିର୍ମାଣ କରି ମଣ୍ଡପରେ ପୂଜା କରିବାକୁ ନିଷ୍ପତି ନେଇଥିଲୁ। ଲଗାଣ ବର୍ଷା ଯୋଗୁ ହୋଇପାରିଲା ନାହିଁ। ଆସନ୍ତା ବର୍ଷଠାରୁ ମଣ୍ଡପରେ ୯ଗୋଟି ଦୁର୍ଗା ବସାଇ ପୂଜା କରାଯିବ।

-ଡା.ବାସୁଦେବ ସାହୁ, ଉପଦେଷ୍ଟା



“ ସହରର ୩ଟି ୱାର୍ଡର ୪ଟି ପଡାକୁ ନେଇ ନବରାତ୍ର ଦୁର୍ଗା ପୂଜା ଚାଲିଛି। କମିଟି ଯେତିକି ଦାୟୀତ୍ୱ ନେଉଛି ପଡାବାସୀ ମଧ୍ୟ ତା’ଠାରୁ ଅଧିକ ଦାୟୀତ୍ୱ ନେଉଛନ୍ତି। ସମସ୍ତଙ୍କ ସହଯୋଗରେ ପୂଜା ଶାନ୍ତିଶୃଙ୍ଖଳାର ସହ ଚାଲିଛି।

-କୃଷ୍ଣ ଅର୍ଜୁନ ସିଂ, ସହ ସମ୍ପାଦକ

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରବିବାର ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପକ୍ଷରୁ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ଯୁଗଲ କିଶୋର ପୋଡ଼ ଓ ଅନ୍ୟତମ ଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ନରହରି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ କୁମାର ସାହୁ ଓ ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ ଦୁବେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଭେଷଜ ଚିକିତ୍ସା ବିଶେଷଜ୍ଞ ଡାକ୍ତର ବିଶ୍ୱଜିତ ମୁଣ୍ଡ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସସ୍ମିତା ସାହୁ, ଅସ୍ଥି ଓ ଶୈଲ୍ୟ ବିଶେଷଜ୍ଞ ଡାକ୍ତର ଅରୁଣ କୁମାର ଗିରି, ଚର୍ମ ଓ ଯୌନ ରୋଗ ବିଶେଷଜ୍ଞ ଡାକ୍ତର ଏକ୍ତା ମିଶ୍ର ପ୍ରମୁଖ ଯୋଗଦେଇ ୨ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗର ନିରାକରଣ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ସେହିପରି ବ୍ଲଡ଼ ବ୍ୟାଙ୍କ ଅଫିସର ବିବେନ୍ଦୁ ବଳଙ୍କ ଉପସ୍ଥିତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଲକ୍ଷାଧିକ ଟଙ୍କାର ବାଣ ଜବତ

ରିଷିଡା, ୨୮।୯( ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ପୋଲିସର ମିଳିତ ଅପରେଶନରେ ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି। ତେରେସିଂହା ପଞ୍ଚାୟତ ବେଲପଡାର ବ୍ୟବସାୟୀ ରାକେଶ କେଡିଆଙ୍କ କଲୋନୀପଡ଼ା ସ୍ଥିତ ଦୋକାନ ଗୋଦାମ ଘରୁ ପୁଳାପୁଳା ବାଣ ଜବତ କରାଯାଇଛି। ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ସ୍ୱତନ୍ତ୍ର ଟିମ୍ ରବିବାର ପୂର୍ବାହ୍ନ ୧୧ ଟାରେ ବ୍ୟବସାୟୀଙ୍କ ଦୋକାନ ଘରେ ଚଢାଉ କରିଛନ୍ତି। ପ୍ରାୟ ଏକ ଲକ୍ଷ ପଚାଶ ହଜାରରୁ ଅଧିକ ଟଙ୍କାର ବାଣ ଜବତ ହୋଇଥିବା ଫାଣ୍ଡି ଅଧିକାରୀ ମନୁଆ ବିଡିକା ସୂଚନା ଦେଇଛନ୍ତି। ଚଢାଉରେ ଫାଣ୍ଡି ଅଧିକାରୀଙ୍କ ସମେତ କନଷ୍ଟେବଳ ଭୂବନେଶୂରୀ ମାଝୀ ସଞ୍ଜୀବ ସାହୁ, ଜ୍ୟୋତିମୟ ମହାନନ୍ଦ, କୈଳାସ ପୁଟେଲ ପ୍ରମୁଖ ସାମିଲ ଥିଲେ। କିଛି ଦିନ ପୂର୍ବେ ବୌଦ୍ଧ ଜିଲାର ବାଣ ବିସ୍ଫୋରଣ ଘଟଣା ପରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ମା’ ଡୋକରି ବୁଢ଼ିଙ୍କ ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି

ଜୟପାଟଣା,୨୮।୯ (ଓମ ପ୍ରକାଶ ବୈଠାରୁ)

ଦେବୀଙ୍କୁ ବି ଛାଡୁ ନାହାନ୍ତି ଦୁର୍ବୃତ୍ତ। କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ତାଲଗୁଡ ମା’ ଡୋକରି ବୁଡିଙ୍କ ପୀଠରୁ ଶନିବାର ବିଳମ୍ବିତ ରାତିରେ କେହି ଦୃର୍ବୃତ୍ତ ଦାନବାକ୍ସ ଭାଙ୍ଗି ସେଥିରେ ଥିବା ଟଙ୍କା ଏବଂ ସମସ୍ତ ସାମଗ୍ରୀ ଚୋରି କରି ନେଇ ଯାଇଛନ୍ତି। ଦାନ ବାକ୍ସରେ ଏକ ବର୍ଷର ଟଙ୍କା, ଅନ୍ୟାନ୍ୟ ଦାନ ଜିନିଷ ରହିଥିଲା। ଘଟଣାସ୍ଥଳରେ ଜୟପାଟଣା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ଶାରଦୀୟ ଦୁର୍ଗାପୂଜା ଅବସରରେ ତାଲଗୁଡ଼ ମା’ ଡୋକାରୀଙ୍କ ପୀଠରେ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ତେବେ ଦାନବାକ୍ସ ଚୋରିକୁ ନେଇ ଭକ୍ତ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଲାଗିବା ସହ ଚୋରି କରିଥିବା ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି।

## ଖଡ଼ିଆଳରେ ନବରାତ୍ର ପୂଜା ଜମୁଛି

# ସାର୍ବଜନୀନ ପଟ୍ଟନାୟକପଡ଼ା ଦୁର୍ଗାପୂଜା

ଖଡ଼ିଆଳ,୨୮।୯ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ପଟ୍ଟନାୟକ ପଡା ଦୁର୍ଗା ପୂଜା କମିଟି ପକ୍ଷରୁ ନବରାତ୍ରୀ ପୂଜା ସପ୍ତମୀ ଦିନରେ ପହଞ୍ଚିଛି। ଜଗତ ଜନନୀ ମା’ ଦୁର୍ଗା ଓ ପାର୍ଶ୍ୱ ଦେବ ଦେବୀ ଗଣେଶ, କାର୍ତ୍ତିକ, ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ମଣ୍ଡପରେ ପୂଜା ପାଉଛନ୍ତି। ୧୯୫୪ ମସିହାରୁ ହୋଇ ଆସୁଥିବା ଏହି ପୂଜା ଚଳିତ ଏବେ ୭୧ ବର୍ଷରେ ପହଞ୍ଚିଛି। ୧୯୯୭ ମସିହାରୁ ନବରାତ୍ର ପୂଜା ହୋଇ ଆସୁଛି। ଏଠାରେ ନବରାତ୍ର ଦୁର୍ଗା ପୂଜା ହୋଇ ଆସୁଥିବା ବେଳେ ଖଡ଼ିଆଳ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସକାଳ ୭ଘଣ୍ଟା ସମୟରେ ସକାଳ ଆଳତି ହେଉଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତିରେ ଶହ ଶହ ଭକ୍ତ ସାମିଲ ହେଉଛନ୍ତି। ପୂଜାର ତୋରଣ ଠାରୁ ଆରମ୍ଭ କରି ଆଲୋକସଜ୍ଜାରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି। ବାହ୍ୟ ଚାକଚକ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବିଶେଷ ପ୍ରାଧାନ୍ୟ ନ ଦେଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଶୃଙ୍ଖଳିତ ବାତାବରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜାରେ ବଳି ପ୍ରଥା ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପୂଜା କର୍ତ୍ତା ଭାବରେ ୯ଜଣ ଦମ୍ପତିଙ୍କୁ ଚୟନ କରି ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ପୂଜା କର୍ତ୍ତା ପୂଜାରେ ବସିବେ ପୂଜା ଆରମ୍ଭ ସଂକଳ୍ପ ଠାରୁ ବିସର୍ଜନ ପର୍ଯ୍ୟନ୍ତ ଏହି ନଅ ଜଣ ପୂଜା କର୍ତ୍ତା ପୂଜାରେ ବସିବେ। ଚଳିତ ବର୍ଷ ପୂଜକ ଭାବରେ ମୁଖ୍ୟ ପୂଜକ ପ୍ରଦୀପ ମିଶ୍ର, ସୁବାଷ ଦାଶ ଥିବାବେଳେ ଓ ଅନ୍ୟ ୯ଜଣ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜା କମିଟି ସଭାପତି ସବ୍ୟସାଚୀ ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରୋହିତ ତ୍ରିବେଦୀ ଥିବାବେଳେ ପରାମର୍ଶଦାତା ଭାବରେ ଜଗଦୀଶ ତ୍ରିବେଦୀ, ସତୀଶ ପଟ୍ଟନାୟକ, ଅମ୍ବିକା ତ୍ରିବେଦୀ, ସୁଧୀର ପଟ୍ଟନାୟକ, ଜୟଦେବ ପାଢ଼ୀ, ରୁକଦେ ନାଇଁଖୋର, ପ୍ରଦୀପ ତ୍ରିବେଦୀ, ସୁମେଶ ପଟ୍ଟନାୟକ, ପୁନିତ ହଟୱାର, ମୁକେଶ ପଟ୍ଟନାୟକ ସମେତ ଦୁର୍ଗା ପୂଜା କମିଟି ପଟ୍ଟନାୟକ ପଡାର ସମସ୍ତେ ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ଖଡ଼ିଆଳ ସହରର ଇଷ୍ଟ ଦେବୀ ସମଲେଶ୍ୱରୀ ଓ ଗଡଦେବୀ ରକ୍ତାମ୍ବରି ଦେବୀଙ୍କ ସହର ପରିକ୍ରମା ପରେ ବିସର୍ଜନ କାର୍ଯ୍ୟ ଆରମ୍ଭ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଖଡ଼ିଆଳ ପଟ୍ଟନାୟକ ପଡା ଦୁର୍ଗାପୂଜା କମିଟି ପକ୍ଷରୁ ଦେବୀଙ୍କ ପୂଜା ଚାଲିଛି।



ଲାଞ୍ଜିଗଡ ସହରର ସାର୍ବଜନୀନ ଦୁର୍ଗାପୂଜାର ତୋରଣ ଓ ମା’ଙ୍କ ମୂର୍ତ୍ତି।

# ଭକ୍ତଙ୍କ ମନ ମୋହୁଛି ଆକର୍ଷଣୀୟ ମେଢ଼, ମଣ୍ଡପ

## ୬୦ ବର୍ଷରେ ପହଞ୍ଚିଲା ଲାଞ୍ଜିଗଡ଼ ସାର୍ବଜନୀନ ଦୁର୍ଗାପୂଜା

ଲାଞ୍ଜିଗଡ,୨୮।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ସହରର ସାର୍ବଜନୀନ ଦୁର୍ଗାପୂଜା ୬୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ହୋଇଛି ଲାଞ୍ଜିଗଡ ଦୁର୍ଗାଙ୍କ ମେଢ ଓ ମଣ୍ଡପ। ଆକର୍ଷଣୀୟ ତୋରଣ ସହିତ ମା’ଙ୍କ ଚତୁର୍ଦ୍ଧା ମୂର୍ତ୍ତି ଦେଖଣାହାରୀ, ଭକ୍ତ-ଶ୍ରଦ୍ଧାଳୁଙ୍କୁ ଭାବଭକ୍ତିରେ ତଲ୍ଲୀନ କରିଦେଉଛି। ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନ ବଜାର ଆଦି ଲୋକଙ୍କ ପୂଜାଛୁଟିରେ ଉପଭୋଗ ମାତ୍ରାକୁ ଦ୍ୱିଗୁଣିତ କରିଦେଉଛି। ଏଥିପାଇଁ ସମସ୍ତେ ବେଶ ଉତ୍ସାହିତ ହୋଇପଡିଛନ୍ତି। ଏହି ଅବସରରେ ଶନିବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶୀଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ଠାରୁ ଦେବୀ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହୋଇଥିବାବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ କର୍ତ୍ତା ଭାବେ ପିତାମ୍ବର ଡ଼ମ୍ବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମ୍ବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଛନ୍ତି। ତାଙ୍କ ସହିତ ଡ. ମୋହନ ପୁରୋହିତ, ବିଶ୍ୱଜିତ ଚାନ୍ଦ, ଅଭିଷେକ ଦେବତା, ଦେବାଶିଷ ଦେବତା ରହିଛନ୍ତି।ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ, ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୫ଦିନ ଧରି ହେବାକୁ ଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡି ପରିବେଷଣ ହେବାର ଯୋଜନା ଓ ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଛି। ଏହି ସବୁ କାର୍ଯ୍ୟକ୍ରମ ଭକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ କରୁଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଏମ. ଚନ୍ଦ୍ର ଶେଖର, ସାଧାରଣ ସମ୍ପାଦକ ଭାବେ କିଶୋର ପେସନିଆ, କୋଷାଧ୍ୟକ୍ଷ ଭାବେ ସୁମନ୍ତ ଦଳବେହେରା, ଉପ ସଭାପତି ଜୟନ୍ତ ମହାଖୁଡ, ସହ ସମ୍ପାଦକ କାର୍ତ୍ତିକ ଓଡ଼ିଆ, ସହ କୋଷାଧ୍ୟକ୍ଷ ରାଘବ ଗହୀର ରହିଥିବା ବେଳେ ଶାନ୍ତି କମିଟି ପକ୍ଷରୁ ସଭାପତି ଲାଞ୍ଜିଗଡ ଥାନା ଅଧିକାରୀ ଯଶବନ୍ତ ହିଆଲ, ସଦସ୍ୟ ଭାବେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଡା. ନରେନ୍ଦ୍ର ଦାସ, ଅମର ମହାନ୍ତି, ପ୍ରଶାନ୍ତ ପରମାଣିକ, ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଏସଓ ସନତ ପ୍ରଧାନ, ଭବାନୀ ଶଙ୍କର ନନ୍ଦ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ,ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସୁବାଷ ମହାପାତ୍ର, ଶ୍ରୀମୁଖ ଅଗସ୍ତି, ଶରତ ସିଂ, ଲାଞ୍ଜିଗଡ ପ୍ରେସ କ୍ଲବ ଉପସଭାପତି କ୍ଷମାନିଧି ମହାଖୁଡ ରହିଛନ୍ତି। ସେହିପରି ଆୟୋଜକ କମିଟିପକ୍ଷରୁ ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ଯୁବକ ସଂଘ ପୂର୍ବତନ ସଭାପତି ବିନୋଦ ଗଉଡ଼, ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ସଞ୍ଜୀବ ପେଶନିଆ, ସତ୍ୟନାରାୟଣ ନାଏକ, ସମେତ ଲାଞ୍ଜିଗଡ ଯୁବକ ସଂଘ ସମସ୍ତ ସଦସ୍ୟ ଓ ଅଞ୍ଚଳର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି।

# ଜଗନ୍ନାଥ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଧର୍ମଗଡ, ୨୮।୯ (ଘାସିରାମ ଜଗତ)

ଜଗନ୍ନାଥ ସେବା ସମିତି ପକ୍ଷରୁ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ପିପଲା ଗ୍ରାମ ଠାରେ ଏକ ସାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଥିବା ଦୁର୍ଗମ ଅଞ୍ଚଳରେ ଏଭଳି ସ୍ୱାସ୍ଥ୍ୟ ସେବା ଜାରି ରହିବ ବୋଲି ଧର୍ମଗଡ ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଥିଲେ। ଡାକ୍ତର ଶ୍ରୀନିବାସ ମେହେର, ଡାକ୍ତର ସଂଗ୍ରାମ ପାଣିଗ୍ରାହି ଓ ଡାକ୍ତର ମାନସ ପାଣିଗ୍ରାହୀ ଏହି ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାୟ ୩ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ମେଡିସିନ ବିତରକ ମନୋଜ କୁମାର ନାଏକ, ବରିଷ୍ଠ ବିଦ୍ୟାଧର ସାହୁ ଓ ବାଜି ପ୍ରଧାନ ଏହି ଅବସରରେ ଉପସ୍ଥିତ ଥିବା ବେଳେ ଗ୍ରାମର ସ୍ୱେଚ୍ଛାସେବୀ ଜଳଧର ସାହୁ, ହିମାଂଶୁ ସେଠୀ, ରାଜନ ବାଗ, ଆଶା କର୍ମୀ ବିଳାସିନୀ ନାଗ, ଅଙ୍ଗନବାଡ଼ି କର୍ମୀ ଦୁଶିଳା ସୁନାନୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜଳାତଙ୍କ ରୋଗ ସମ୍ପର୍କରେ ସଚେତନତା ଶିବିର

ଥୁଆମୂଳ ରାମପୁର,୨୮।୯(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ସ୍ଥିତ ଜାଗେଜପଦର ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଛବିଳ ମାଝୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଜଳାତଙ୍କ (ରେଭିଜ) ଦିବସ ୨୦୨୫ ଅବସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ସୁଧାଂଶୁ ପଣ୍ଡା,ଏଭିଏସ ଶୁଭେନ୍ଦୁ ଆଚାର୍ଯ୍ୟ, ଏଲ.ଆଇ ପୂର୍ଣ୍ଣଚନ୍ଦ୍ର ଭୋଇ, ବିଶ୍ୱଜିତ ମାଝୀ, ଦେବେନ୍ଦ୍ର ପୂଝାରୀ, ଭେକ୍ସିନେଟର ଏଲିନା ସିଂ, ଏଟେଣ୍ଡେଣ୍ଟ ସଞ୍ଜୟ କଳସାଇ, ପ୍ରତାପ କିଶୋର ଯୁଆଡ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଶିବିରରେ ଜଳାତଙ୍କ ରୋଗ ବିଷୟରେ ସବିଶେଷ ବିବରଣୀ ବର୍ଣ୍ଣନା କରିବା ସହିତ ତାହାର ପ୍ରତିଷେଧକ ଓ ନିରାକରଣ ଉପରେ ଅବଗତ କରାଯାଇଥିଲା। ଏହା ଏକ ଯୁନୋଟିକ ରୋଗ ଯାହାକି ମନୁଷ୍ୟ ଏବଂ ପଶୁପକ୍ଷୀ ମଧ୍ୟରେ ସଂକ୍ରମଣ ହୋଇଥାଏ। ଯେହେତୁ ଏହି ରୋଗର କୌଣସି ସଫଳ ଚିକିତ୍ସା ବ୍ୟବସ୍ଥା ନାହିଁ, ସେଥିପାଇଁ ବକ୍ତାମାନେ ଏହାର ପ୍ରତିଷେଧକ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ନାଏକ, ଶିକ୍ଷୟିତ୍ରୀ ସାଗରିକା ନାଏକଙ୍କ ସମେତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅନ୍ୟ ଅଧିକାରୀ ସହଯୋଗ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ।

# ୟୁଆଇଏଲ୍ ସିଏସ୍ଆର୍ ପକ୍ଷରୁ ମହାପ୍ରୟାଣ ଯାନ ପ୍ରଦାନ

## ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର

ଭବାନୀପାଟଣା/ଥୁଆମୂଳ ରାମପୁର, ୨୮।୯(ଉତ୍ତମ କୁମାର ଦାଶ/ଦୁର୍ଗା କିର୍ତ୍ତୀ)

ରାୟଗଡା ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ୟୁଆଇଏଲ ପକ୍ଷରୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ମହାପ୍ରୟାଣ ଯାନ ହସ୍ତାନ୍ତର କରାଯାଇଛି। ୟୁଆଇଏଲ ଖଣି ସିଏସ୍ଆର୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଉତ୍କଳ ଆଲୁମିନା ଏହାର ସିଏସ୍ଆର୍ ଅନ୍ତର୍ଗତ ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ ଲୋକାଭିମୁଖୀ ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛି। ଗ୍ରାମାଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ତଥା କୌଶଳ ପ୍ରଶିକ୍ଷଣ ଜରିଆରେ ଜୀବିକା ପ୍ରଦାନ ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ଏହି କ୍ରମରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇବା ସକାଶେ ଜିଲାର ଥୁଆମୂଳ ରାମପୁର ବ୍ଲକରେ ମହାପ୍ରୟାଣ ଯାନ ୟୁଆଇଏଲ ତରଫରୁ ବ୍ଲକ ପ୍ରଶାସନ ଜରିଆରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଛି। ଏହି ବ୍ଲକରେ ପ୍ରାଣହାନୀ ଘଟିଥିବା କୌଣସି ବ୍ୟକ୍ତିଙ୍କ ମର ଶରୀରକୁ ପରିବହନ ପାଇଁ ଏହା ନିଶୁଳ୍କ ସେବା ଯୋଗାଇବ। ବିଭିନ୍ନ ସମୟରେ ମୃତ ବ୍ୟକ୍ତିଙ୍କ ମର ଶରୀରକୁ ପରିବହନ ପାଇଁ ଉପଯୁକ୍ତ ଯାନ ନ ମିଳିବାରୁ ଲୋକେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିଲେ। ଏନେଇ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନଙ୍କ ପରାମର୍ଶ କ୍ରମେ ଥୁଆମୂଳ ରାମପୁରବାସୀଙ୍କ ନିକଟରେ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯାଇଛି। ଏହି ଯାନକୁ ଆନୁଷ୍ଠାନିକ ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲି, ତହସିଲଦାର ନିରଜ ଭାତ୍ରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଦ୍ୟୁମ୍ନ ପଣ୍ଡା, ବିଧାୟକ ପ୍ରତିନିଧି ମାଣିକ ନାଏକଙ୍କ ସମେତ ୟୁଆଇଏଲ ଖଣି ସିଏସ୍ଆର ମୁଖ୍ୟ ମନୋଜ ଦାଶ, ସିକ୍ୟୁରିଟି ପରିଚାଳକ ଦିବ୍ୟଜ୍ୟୋତି ଦାସ, ବିଜୟ ବିଶି, ବିନୋଦ ପୂଜାରୀ ଓ ସଞ୍ଜିବ କୁମାର ପ୍ରମୁଖ ଉପସ୍ଥିତ ରହି ଉକ୍ତ ମହାପ୍ରୟାଣ ଯାନକୁ ହସ୍ତାନ୍ତର କରିଥିଲେ।




ୟୁଆଇଏଲ ସିଏସଆର୍ ପକ୍ଷରୁ ମହାପ୍ରୟାଣ ଯାନ ପ୍ରଦାନ କରାଯାଉଛି।

# ମା' ଲଙ୍କେଶ୍ୱରୀ ପୀଠରେ ଦଶହରା ମହାଆଳତି

ସୋନପୁର,୨୮।୯(ମୃତ୍ୟୁଞ୍ଜୟ ଶତପଥୀ)

ଯନ୍ତ୍ର, ତନ୍ତ୍ର ଓ ମନ୍ତ୍ରର ସହର ସୁବର୍ଣ୍ଣପୁରରେ ରହିଛି ଅନେକ ଶକ୍ତି ପୀଠ। ଦଶହରା ସମୟରେ ମା' ଲଙ୍କେଶ୍ୱରୀଙ୍କ ପାଇଁ ମହାନଦୀର ତେନ୍ତୁଳିଘାଟରେ ଆୟୋଜିତ ହୁଏ ମହାଆଳତି। ଆସ୍ଥା ଓ ବିଶ୍ୱାସର ସହିତ ଏହା ପାଳନ ହୋଇଆସୁଛି। ମହାଆଳତି ଦେଖିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସିଥାନ୍ତି। ୨୧ ତାରିଖ ରବିବାରଠାରୁ ଆରମ୍ଭ ହୋଇଥିବା ମହାଆଳତି ଆସନ୍ତା ଅକ୍ଟୋବର ୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ସ୍ୱର୍ଣ୍ଣିମ ସଂସ୍କୃତିର ମାଟି ସୁବର୍ଣ୍ଣପୁରକୁ ପ୍ରକୃତିର ଦାନ ଅପାର। ବିଭିନ୍ନ ମନ୍ଦିର, ମହାନଦୀର ନୀଳ ଜଳରାଶି ଏହି ଶୋଭାକୁ ଦ୍ୱିଗୁଣିତ କରିଥାଏ। ସହରସ୍ଥିତ ମହାନଦୀ ଗର୍ଭରେ କାହିଁ କେତେ ଦିନରୁ ପୂଜା ପାଇ ଆସୁଛନ୍ତି ମା' ଲଙ୍କେଶ୍ୱରୀ। ସେ ହେଉଛନ୍ତି କୈବର୍ତ୍ତ ସମ୍ପ୍ରଦାୟର ଇଷ୍ଟଦେବୀ। ମା' ଲଙ୍କେଶ୍ୱରୀ ମନ୍ଦିରର ଦୃଶ୍ୟ ପର୍ଯ୍ୟଟକଙ୍କୁ ବର୍ଷ ସାରା ଆକୃଷ୍ଟ କରେ। ମହାନଦୀର କୁଳୁକୁଳୁ ଶବ୍ଦ ସାଙ୍ଗକୁ ରଙ୍ଗ ବେରଙ୍ଗର ପକ୍ଷୀମାନଙ୍କ କଳରବ ମା'ଙ୍କ ପୀଠରେ ଏକ ସଙ୍ଗୀତମୟ ପରିବେଶ ସୃଷ୍ଟି କରିଥାଏ। ବିରାଟ ପଥର ଚଟାଣ ଉପରେ ନିର୍ମିତ ମନ୍ଦିରରେ ଅଭୟ ବରଦାୟିନୀ ମୁଦ୍ରାରେ କୈବର୍ତ୍ତମାନଙ୍କ ଦ୍ୱାରା ମା' ପୂଜା ପାଉଛନ୍ତି। ପ୍ରାୟ ସପ୍ତମ/ଅଷ୍ଟମ ଶତାବ୍ଦୀରେ ଏହି ପୀଠ ଏକ ତନ୍ତ୍ର ପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିଲା। ଚୌହାନ ରାଜତ୍ୱ କାଳରେ ଦେବୀ ମା' ଲଙ୍କେଶ୍ୱରୀଙ୍କୁ ତନ୍ତ୍ରର ଦେବୀ ଭାବେ ଗ୍ରହଣ କରାଯାଇଥିଲା। କୈବର୍ତ୍ତମାନେ ସକାଳୁ ଡଙ୍ଗା ଧରି ନଦୀଗର୍ଭକୁ ମାଛ ଧରିବାକୁ ଯିବା ପୂର୍ବରୁ ମା'ଙ୍କୁ ପ୍ରଥମେ ମୁଣ୍ଡିଆ ମାରି ଡଙ୍ଗା ବୋହିବା ଆରମ୍ଭ କରିଥାନ୍ତି। ମା'ଙ୍କ ଆଶୀର୍ବାଦରୁ କେବେ କୌଣସି ଅଘଟଣ ଘଟି ନଥିବା ଲୋକଙ୍କ ବିଶ୍ୱାସ ରହିଛି। ମା' ବର୍ଷସାରା ନଦୀଗର୍ଭରେ ଏକ ବିରାଟ ଚଟାଣ ଉପରେ ପୂଜା ପାଉଥିଲେ। ଗତ କିଛି ବର୍ଷ ହେଲା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ସେଠାରେ ନିର୍ମିତ ଏକ ମନ୍ଦିରରେ ମା' ପୂଜା ପାଉଛନ୍ତି।



ମା' ଲଙ୍କେଶ୍ୱରୀ।



ମହାନଦୀର ତେନ୍ତୁଳିଘାଟରେ ସନ୍ଧ୍ୟାରେ ଆୟୋଜିତ ମହାଆଳତି।

ସ୍ଥାନୀୟ ବରିଷ୍ଠ ଲୋକଙ୍କ କହିବା ଅନୁଯାୟୀ, ଶତାଧିକ ବର୍ଷ ପୂର୍ବରୁ ମହାନଦୀ ଗର୍ଭର ଗଣ୍ଡ ନିକଟରେ ମା'ଙ୍କ ସହ ପୂଜା ପାଉଛନ୍ତି ସାତ ଭଉଣୀ। ପୂଜକ ସାତ ଭଉଣୀଙ୍କୁ ୭ଟି ସ୍ଥାନରେ

## ଆଧ୍ୟାତ୍ମିକତା ସହ ସ୍ୱଚ୍ଛ ମହାନଦୀର ବାର୍ତ୍ତା

ପୂଜା କରି ଫେରିବା ପରେ ଭୁଲବଶତଃ ନିଜ ପୂଜା ଗଡୁକୁ ଛାଡି ଦେଇ ଆସିଥିଲେ। ପୂଜାସ୍ଥଳକୁ ଗଡୁ ଆଣିବାକୁ ଯିବା ବେଳେ ସାତ ଭଉଣୀ ପୂଜକ ଦେଇଥିବା ଭୋଗକୁ ଭାଗବଣ୍ଟା କରି ଖାଉଥିଲେ। ପୂଜକଙ୍କୁ ଦେଖି ସାତ ଭଉଣୀ ବିରକ୍ତ ହୋଇଥିଲେ ହେଁ ତାଙ୍କୁ କ୍ଷମା କରି ଦେଇଥିଲେ। ପୂଜକ ନିଜର ଭୁଲ ସ୍ୱୀକାର କରି କ୍ଷମା ମାଗିବାରୁ ସାତ ଭଉଣୀ କହିଲେ ଏହି ଗଡୁଟିକୁ ଆମେ ଫିଙ୍ଗି ଦେଉଛୁ। ଯେଉଁଠି ପଡିବ ସେଠାରେ ତୁମେ ପୂଜା କରିବ। ପୂଜକ ସେଠାରୁ ଫେରି ଆସି ଦେଖିଲା ବେଳକୁ ଗଡୁଟି ପଥର ଚଟାଣ ଉପରେ ପଡିଥିଲା। ଆଉ ସେହି ପଥର ଚଟାଣ ଉପରେ ମା' ଲଙ୍କେଶ୍ୱରୀଙ୍କ ପ୍ରତିମୂର୍ତ୍ତି ଆବିର୍ଭାବ ହୋଇଥିଲା। ସେହି ଦିନ ଠାରୁ ମା' ସେଠାରେ ପୂଜା ପାଇ ଆସୁଛନ୍ତି। ବନ୍ୟା ସମୟ ବ୍ୟତୀତ ଏହି ପୀଠକୁ ଡଙ୍ଗାରେ ଆସି ମା'ଙ୍କୁ ପୂଜା କରିବାକୁ ପଡେ।

ଦଶହରା ଅବସରରେ ଭାଗବତ ପାଠାଗାର, ମା' ଲଙ୍କେଶ୍ୱରୀ ଉନ୍ନୟନ କମିଟି ଓ ଜିଲା କୈବର୍ତ୍ତ ସମାଜର ମିଳିତ ସହଯୋଗରେ ଏଠାରେ ମହାଆଳତି ଅନୁଷ୍ଠିତ ହେଉଛି। ମହାଳୟାରୁ ଦଶହରା ପର୍ଯ୍ୟନ୍ତ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କଠାରେ ମାଛ ଭୋଗ ଲାଗି କରା ଯାଇଥାଏ। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହା ଆଧ୍ୟାତ୍ମିକତା ସହ ସ୍ୱଚ୍ଛ ମହାନଦୀର ବାର୍ତ୍ତା ଦେଉଛି। ପୂଜକ ଭାବେ ବଳରାମ ନାଏକ ଓ ଚମରୁ ନାଏକ ଦାୟିତ୍ୱ ନିର୍ବାହ କରୁଛନ୍ତି। ମା' ଲଙ୍କେଶ୍ୱରୀ ଉନ୍ନୟନ କମିଟିର ସଭାପତି ମୁନା ବାରିକ, ଉପସଭାପତି ଗୋବିନ୍ଦ ନାଏକ, ରାମେଶ୍ୱର ତରିଆ, ସମ୍ପାଦକ ଚନ୍ଦନ ସେଠୀ, ସହସମ୍ପାଦକ ବିଭୁଦତ୍ତ ସେଠୀ, କୋଷାଧ୍ୟକ୍ଷ ସିଦ୍ଧାର୍ଥ କୁମାର ସାହୁ, ସଦସ୍ୟ ବୈଦ୍ୟନାଥ ସାହୁ, ହିମାଂଶୁ ନାଏକ, ଜଗନ୍ନାଥ ସାହୁ, ହଳଧର ତରିଆ, ପବିତ୍ର ସାହୁ, ଉମେଶ ତରିଆ, ଜିତେନ୍ଦ୍ର ନାଏକ, ଚନ୍ଦନ ସେଠୀ, ବବୁଲୁ ନାଏକ, ଲାଲୁ ସେଠୀ ଓ ପ୍ରଶାନ୍ତ ପାଣ୍ଡେଙ୍କ ସହ ଅନେକ ଶ୍ରଦ୍ଧାଳୁ ଏଥିରେ ସହଯୋଗ କରୁଛନ୍ତି।

# କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା' ଦୁର୍ଗା

## ପୂଜା କର୍ତ୍ତା ହେଲେ ଜିଲାପାଳ

ବିନିକା,୨୮।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ପ୍ରସିଦ୍ଧ ଦୁର୍ଗା ମନ୍ଦିରରେ ଚାଲିଥିବା ନବରାତ୍ର ଦୁର୍ଗାପୂଜାର ରବିବାର ସପ୍ତମ ଦିନରେ ମା' ଦୁର୍ଗା କାତ୍ୟାୟିନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପୂଜାକର୍ତ୍ତା ଭାବେ ଜିଲାପାଳ ଡ଼. ନୃପରାଜ ସାହୁ ଓ ତାଙ୍କ ସ୍ତ୍ରୀ ଶୁଭ୍ରା ସାହୁ ଦାୟିତ୍ୱ ତୁଲାଇଛନ୍ତି। ରାବଣ ଦରବାରରେ ରାଜ ଅତିଥି ଭାବେ ଜିଲାପାଳ ସାହୁ, ଦୁର୍ଗା ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ହିମାଂଶୁ ଭୂଷଣ ପଣ୍ଡା ଓ ନୀଳାଞ୍ଚଳ ମେହେର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରାବଣ ଦରବାରରେ ରାବଣ ଭୂମିକାରେ ଅଭିନୟ କରୁଥିବା ପଶ୍ଚିମ ଓଡିଶାର ସୁନାମଧନ୍ୟ କଳାକାର ଗୋପାଳ ପଣ୍ଡାଙ୍କ ଚମତ୍କାର ଅଭିନୟ ଏବଂ ମଞ୍ଚରେ ପରିବେଷଣ କରାଯାଇଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। କମିଟି ସମ୍ପାଦକ ଗନ୍ଧର୍ବ ମାହାର, କୋଷାଧକ୍ଷ ଶ୍ରୀକାନ୍ତ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ରବିବାର କାଳରାତ୍ରି ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# ବସ୍ତାଣ୍ଡ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

ବୀରମହାରାଜପୁର,୨୮।୯(ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ବସ୍ତାଣ୍ଡ ଚମ୍ପାପୁର ସାର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି। ଐତିହାସିକ ରଜା ବନ୍ଧଠାରେ ଗଙ୍ଗାମାତାଙ୍କୁ ବରଣ କଲାପରେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥଲା। ସଙ୍କୀର୍ତ୍ତନ୍ୟ ଦଳ ସହିତ ଶୋଭାଯାତ୍ରା ପୂଜା ମଣ୍ଡପରେ ପହଞ୍ଚିବା ପରେ ବିଲ୍ୱଧିବାସ ଓ ନବ ପତ୍ରିକା ଆବାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। କର୍ତ୍ତା ଭାବରେ ଗିରିଜା ଶଙ୍କର ପଣ୍ଡା ଓ ତାଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳୀ ପଣ୍ଡା କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବରେ ପଣ୍ଡିତ ଅର୍ଜୁନ ପଣ୍ଡା କାର୍ଯ୍ୟ ନିର୍ବାହ କରୁଛନ୍ତି।

# ବାଉଁଶୁଣୀରେ ମାଁ ଦୁର୍ଗାଙ୍କ ସପ୍ତମୀ ପୂଜା



ବାଉଁଶୁଣୀରେ ପୂଜିତ ଦୁର୍ଗାଙ୍କ ମୂର୍ତ୍ତି।

ବାଉଁଶୁଣୀ,୨୮।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଷ୍ଟାର କ୍ଲବ ଡିମିରିପାଲି ତରଫରୁ ମାଁ ଦୁର୍ଗାଙ୍କ ସପ୍ତମୀ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅକ୍ଷୟ କୁମାର ମିଶ୍ର, ସଞ୍ଜୟ ମିଶ୍ର, କିରଣ ତ୍ରିପାଠୀ, ରୁପୁନ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଅଶ୍ୱିନୀ ତ୍ରିପାଠୀ ଓ ସପତ୍ନୀ ଶୁଭଶ୍ରୀ ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଚଣ୍ଡୀପାଠରେ କିରଣ ତ୍ରିପାଠୀ ପୂଜକ ଥିବା ବଳେ ସହସ୍ରାଂଶୁ ମହାକୁଳ କର୍ତ୍ତା ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସଭାପତି କନ୍ଦର୍ପ ସେଠୀଙ୍କ ସମେତ ଡିମିରିପାଲି ଗ୍ରାମବାସୀ ସହଯୋଗ କରିଥିଲେ। ଏହାସହିତ ବାଉଁଶୁଣୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ବାଦିକଟା, ବହିରା, ଗୋଛାପଡା ସମେତ ଅନେକ ସ୍ଥାନରେ ମାଁ ଦୁର୍ଗାଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି।

# ବିଜୟା ଦଶମୀ ଉତ୍ସବ ପାଳନ



ବିଜୟା ଦଶମୀ ଉତ୍ସବ ପାଳନ ଅବସରରେ ସଦସ୍ୟମାନେ ।

ବୀରମହାରାଜପୁର,୨୮।୯(ଯୁଗଳ କିଶୋର ମିଶ୍ର)

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୀରମହାରାଜପୁର ଖଣ୍ଡ

ସୁବର୍ଣ୍ଣପୁର ଜିଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୀରମହାରାଜପୁର ଖଣ୍ଡର ବିଜୟା ଦଶମୀ ଉତ୍ସବ ଓ ପଥ ସଂଚଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂସେବକମାନେ ସ୍ଥାନୀୟ ଟାଙ୍ଗରସାହି ହନୁମାନ ଛକରୁ ସଂଚଳନରେ ବାହାରି ଚମ୍ପାପୁର ଦେଇ ଅନ୍ନପୂର୍ଣ୍ଣା ରେସିଡେନ୍ସି ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ନରେନ୍ଦ୍ର ବଘାର, ମୁଖ୍ୟବକ୍ତା ଭାବେ ସହପ୍ରାନ୍ତ ସମ୍ପର୍କ ପ୍ରମୁଖ ପଶ୍ଚିମ ଓଡ଼ିଆ ସରୋଜ ଦାଶ ଏବଂ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ସଂଘ ଚାଳକ ଡ. ଦିଲୀପ ତ୍ରିପାଠୀ, ବୀରମହାରାଜପୁର ଖଣ୍ଡ କାର୍ଯ୍ୟବାହ ବିଭୂତି ଭୂଷଣ କୁଦେଇ ମଞ୍ଚାସୀନ ଥିଲେ। ସ୍ୱୟଂସେବକମାନଙ୍କ ଦ୍ୱାରା ବିଜୟା ଦଶମୀ ପାଳନ ଅବସରରେ ଯୋଗାସନ ଓ ନିଯୁଦ୍ଧ (ଶାରିରୀକ କୌଶଳ) ପ୍ରଦର୍ଶନ ହୋଇଥିଲା। ଖଣ୍ଡ ପ୍ରଚାର ପ୍ରମୁଖ ଡ. ଯୁଧିଷ୍ଠିର ଖମାରୀ ଓ ରାଜେଶ ବାରିକ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ଶତାଧିକ ସ୍ୱୟଂସେବକ, ସହପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ କୁମାର ନାୟକ, ସୋନପୁର ସହ ଜିଲା କାର୍ଯ୍ୟବାହ ହୃଷୀକେଶ ଭୋଇ, ଜିଲା କାର୍ଯ୍ୟବାହ ଧର୍ମେନ୍ଦ୍ର ବଡମାଲି, ସଜ୍ଜନ ଶକ୍ତି, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଜିଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାଏକ, ଜିଲା ପ୍ରଚାର ପ୍ରମୁଖ ରଶ୍ମି ରଞ୍ଜନ ମିଶ୍ର, ଜିଲା ସହ ପ୍ରଚାର ପ୍ରମୁଖ ରାଜେଶ ସିଂ, ଖଣ୍ଡ ବ୍ୟବସ୍ଥା ପ୍ରମୁଖ ସୁରେଶ ସାହୁ, ରାମଚନ୍ଦ୍ର ମେହେର, ଦୁର୍ଯ୍ୟୋଧନ ମେହେର, ଧର୍ମ ନିରଞ୍ଜନ ପଣ୍ଡା, ହୃଷୀକେଶ ଦେହୁରୀ, ଫକୀର ସାହୁ, ଜିଲା ଘୋଷ ପ୍ରମୁଖ ଦିଲୀପ ମେହେର ଭିନ୍ନ ଭିନ୍ନ ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ବଡମାଲି ମୁଖ୍ୟ ଶିକ୍ଷକ, ଡ. ଦ୍ୱିତୀକୃଷ୍ଣ ପଣ୍ଡା ପ୍ରାର୍ଥନା ପ୍ରମୁଖ ଓ ପ୍ରତ୍ୟୁଷ ପଣ୍ଡା ବୌଦ୍ଧିକ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୨୮।୯(ଦୀନବନ୍ଧୁ ସୁନା)

କେନ୍ଦ୍ର ଏବଂ ରାଜ୍ୟ ସରକାର ଗତ ୧୭ ତାରିଖରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ଓ ମା' ବିଭାଗଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ବିଡ଼ିଓ ଦିଲୀପ କୁମାର ବାଡା ଉଦ୍‌ଘାଟନ କରିଥିଲେ । ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯୁବନେତା ହେମନ୍ତ ବିଶ୍ୱାଳ, ରୋଗୀ କଲ୍ୟାଣ ସମିତିର ସଦସ୍ୟ ହିମାଂଶୁ ଶେଖର ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଡା. ଦୈତ ନାରାୟଣ ପାଢ଼ୀ, ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଦାସ ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ସେ ସୁସ୍ଥ ରହିବା ସହ ପରିବାର ଓ ସମାଜକୁ ସଶକ୍ତ କରିଥାଏ ବୋଲି କହିଥିଲେ। ସଭା କାର୍ଯ୍ୟ ଶେଷଦେବ ଥନାପତି ପରିଚାଳନା କରିଥିଲେ । ଡା. ଆଲୋକ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ । ଭେଷଜ ବିଶେଷଜ୍ଞ ଡା. ସଞ୍ଜୟ କୁମାର ପଧାନ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ସରୋଜ କୁମାର ସେଠୀ, ଡା. କିରନ ପ୍ରଭା ଡୁଙ୍ଗଡୁଙ୍ଗ, ଶିଶୁ ରୋଗ ବିଶେଷଜ୍ଞ ଡା. ମନୋଜ କୁମାର ଅଦାବର, ଡା. ଶାନ୍ତନୁ ମେହେର, ମାନସିକ ବିଶେଷଜ୍ଞ ଡା. ତ୍ରିବିକ୍ରମ ପାଣ୍ଡିଆ, ଦାନ୍ତ ରୋଗ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ହୋତା ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୨୬ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସୋନପୁର ରକ୍ତ ଭଣ୍ଡାରରୁ ଡାକ୍ତର ଓ କର୍ମଚାରୀ ଆସି ରକ୍ତ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଥିଲେ। ବ୍ଲକର ୨୬ ପଞ୍ଚାୟତରୁ ୪୦୯ ଜଣ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ପଞ୍ଜୀକରଣ କରିଥିଲେ। ଏଥିରେ ପ୍ରଦୀପ କୁମାର ସାହୁ, ପ୍ରଭାସ ପଧାନ, ନାରାୟଣ ମେହେର, ନିରୁପମା ନାଏକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦୁର୍ଗାପୂଜାକୁ ପରିବେଶ ଅନୁକୂଳ କରାଯିବ: ପୂଜା କମିଟି

ପଲସାଗୋରା,୨୮।୯(ଅଶ୍ୱିନୀ କୁମାର ନନ୍ଦ)

ଚଳିତ ନବରାତ୍ର ଓ ଦୁର୍ଗାପୂଜା ଉତ୍ସବକୁ ପରିବେଶ ଅନୁକୂଳ ଓ ସମ୍ପୂର୍ଣ୍ଣ ଭାବେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ବୌଦ୍ଧ ଜିଲା ପଲଶାଗୋରା ଖଟଖଟିଆ ଦୁର୍ଗା ମଣ୍ଡପରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜା କମିଟି ସଭାପତି ଚମ୍ପେଶ୍ୱର ପାଢ଼ୀ, ସମ୍ପାଦକ ଲବ କୁମାର ପ୍ରଧାନ, କମିଟି ସଦସ୍ୟ ସମୀର ଖଟୁଆ, ପଞ୍ଚାନନ ସାହୁ, ଦେବେନ୍ଦ୍ର ପ୍ରଧାନ, ନିବାସ ପଣ୍ଡା, ଲୋକନାଥ ପାଢ଼ୀ, ନବୀନ ମହାକୁଡ଼, ଅଶୋକ କୁମାର ମହାନ୍ତି, ଗିରିଶ ଚନ୍ଦ୍ର ଦଳବେହେରା, ସୁକାନ୍ତ ତ୍ରିପାଠୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ବୌଦ୍ଧ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାଶ ଚନ୍ଦ୍ର ଦଣ୍ଡସେନା, ଜିଲା ଜଳ ଓ ପରିମଳ ମିଶନ ପରାମର୍ଶଦାତା ଆର୍ତ୍ତତ୍ରାଣ ପାଢ଼ୀ, ସରୋଜ ରଞ୍ଜନ ପାଢ଼ୀ, ଇଆର୍‌ପି ରଞ୍ଜନ କୁମାର ପାତ୍ର, ପୂର୍ଣ୍ଣଚରଣ ସାହୁ ପ୍ରମୁଖ ମଧ୍ୟ ପୂଜା କମିଟି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଚଳିତବର୍ଷ ପୂଜା ମଣ୍ଡପକୁ ସମ୍ପୂର୍ଣ୍ଣ ପରିବେଶ ବନ୍ଧୁ ଓ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ପେଣ୍ଡାଲ୍ ସାଜସଜ୍ଜାରେ ପ୍ଲାଷ୍ଟିକ୍ ବଦଳରେ ବାଉଁଶ, କାଠ, ମାଟି, ପ୍ରାକୃତିକ ରଙ୍ଗ, କପଡ଼ା, ଫୁଲ ଓ କାଗଜ ଭଳି ଜୈବିକ ଉପାଦାନ ବ୍ୟବହାର କରାଯିବ । ପ୍ରସାଦ ବଣ୍ଟନ କିମ୍ବା ଖାଦ୍ୟ ବିକ୍ରି ପାଇଁ ମାଟି ପାତ୍ର, ପତ୍ର ଥାଳି, କାଗଜର କପ୍ ଆଦି ପରିବେଶ ବନ୍ଧୁ ବିକଳ୍ପ ବ୍ୟବହୃତ ହେବ। ପୂଜାର ଶେଷ ଦିନ ପ୍ରତିମା ବିସର୍ଜନ ପରେ ବିସର୍ଜନ ସ୍ଥଳୀ ସମ୍ପୂର୍ଣ୍ଣ ସଫାସୁତୁରା ନିଶ୍ଚିତ କରିବା ପାଇଁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଏବଂ ଅନ୍ୟ ସଙ୍ଗଠନଙ୍କ ସହଯୋଗରେ ଏକ ବିଶେଷ ସ୍ୱଚ୍ଛତା ଅଭିଯାନ ମଧ କରାଯିବ। ଯାହାଦ୍ୱାରା ନଦୀ କିମ୍ବା ଜଳାଶୟଗୁଡିକ ପ୍ରଦୂଷିତ ହେବନାହିଁ। ପରିବେଶ ଉପରେ ପଡୁଥିବା ପ୍ରଭାବକୁ କମ୍ କରିବା ପାଇଁ ପରିବେଶ ଅନୁକୂଳ ବିସର୍ଜନ ପଦ୍ଧତି ଅବଲମ୍ବନ କରାଯିବ। ଚଳିତବର୍ଷ ପୂଜାକୁ ଏକ ଆଦର୍ଶ ଓ ଅନୁକରଣୀୟ ମାପଦଣ୍ଡରେ ପରିଚାଳନା କରାଯିବ ବୋଲି ପୂଜା କମିଟି ନିଷ୍ପତ୍ତି ନେଇଥିବା ଜଣାପଡିଛି।



ଆଲୋଚନାରେ ଭାଗ ନେଇଥିବା ପୂଜା କମିଟି କର୍ମକର୍ତ୍ତା।

# କେନଝିରିଆପାଲିକୁ ହରାଇ ଲୁତୁରପଙ୍କ ସେମିଫାଇନାଲରେ

## ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ

ଅମରପାଲି,୨୮।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ଲୁତୁରପଙ୍କ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ଚୌକା ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଚୌକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ୭.୧ ଓଭରରେ ୪ ଉଇକେଟ ହରାଇ ୯୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କେନଝିରିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭର ରେ ୯ ଉଇକେଟ ହରାଇ ୫୧ରନ କରିଥିଲା। ଜବାବରେ ଅଡ଼ାଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୪୭ ରନ କରି ପରାସ୍ତ ହୋଇଥିଲା। କ୍ୱାର୍ଟର ଫାଇନାଲରେ କେନଝିରିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୭୧ ରନ କରିଥିବା ବେଳେ ଲୁତୁରପଙ୍କ ୭.୨ ଓଭରରେ ୭ ଉଇକେଟ ହରାଇ ୭୨ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମାନସ ନନ୍ଦ ଓ ଟିଟୁନ ନନ୍ଦ ଅମ୍ପାୟାର, ଅନିଲ ଭୁକ୍ତା ଓ ଲଳିତ ପଧାନ ସ୍କୋରିଂ ଏବଂ କାହ୍ନା ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ବିଜୟୀ ଲୁତୁରପଙ୍କ ଦଳର ଖେଳାଳିମାନେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ରାଉରକେଲା, (ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡର ଏକ ଦୋକାନ ପାର୍ଶ୍ୱରୁ ରବିବାର ସନ୍ଧ୍ୟା ୬ଟାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିବା ସହ ଏକ ମାମଲା (ନଂ.୨୫/୨୫) ରୁଜୁ କରିଛି।

# ଶୋଭାପାଉଛି ରାମଲାଲା ମନ୍ଦିର

## ଟେଲିଫୋନ୍ ଭବନରେ ଦୁର୍ଗାପୂଜା

ରାଉରକେଲା, ୨୮।୯
(ସଙ୍ଗୀତା ଜେନା)

ରାଉରକେଲାରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଏହି କ୍ରମରେ ସେକ୍ଟର-୬ ଟେଲିଫୋନ୍ ଭବନର ସ୍ୱତନ୍ତ୍ରତା ରହିଛି। ବିଗତ ଦିନରେ ପୂଜାରେ ଚାକଚକ୍ୟ ଅଧିକ ଥିବାବେଳେ ଏହା କ୍ରମଶଃ ହ୍ରାସ ପାଉଛି। କିଛି ପୂର୍ବତନ କର୍ମଚାରୀ ଓ ମୀନାବଜାରରୁ ସଂଗୃହୀତ ରାଶିରେ ପୂଜା ଆୟୋଜନ ହେଉଛି। ବିଏସ୍‌ଏନ୍‌ଏଲ କର୍ମଚାରୀ ଓ ଉପଭୋକ୍ତାଙ୍କ ଦ୍ୱାରା ଉକ୍ତ ପୂଜା କରାଯାଉଛି। ଚଳିତ ବର୍ଷ ଟେଲିଫୋନ୍ ଭବନ ଦୁର୍ଗାପୂଜା ୫୯ତମ ବର୍ଷରେ ପଦାର୍ପଣ କରିଛି। ଏଠାରେ ରାମଲାଲା ମନ୍ଦିର ଆକୃତିର ତୋରଣ ନିର୍ମାଣ କରାଯାଇଛି। ଏହା ୯୦ ଫୁଟ୍ ଚଉଡା ଏବଂ ପ୍ରାୟ ୫୦ଫୁଟ୍ ଉଚ୍ଚତା ରହିଛି। ଉକ୍ତ ତୋରଣରେ ପ୍ରାୟ ୪ ହଜାର ମିଟର କପଡ଼ା ଓ ଫାଇବର ବ୍ୟବହୃତ ହେଉଛି। ଏହାସହ ପ୍ରାୟ ୩ ହଜାର ବାଉଁଶ ଖଣ୍ଡ ଓ ୩ ଶହ ସିଫ୍‌ଟରୁ ଉର୍ଦ୍ଧ୍ୱ ପ୍ୟାଟର୍ନ



ରାମଲାଲା ମନ୍ଦିର ଆକୃତି ତୋରଣ।

ବ୍ୟବହୃତ ହେଉଛି। ଉକ୍ତ ତୋରଣରେ ମା'ଙ୍କ ୧୫ ଫୁଟ୍‌ର ଓରିଏଣ୍ଟାଲ୍ ମୂର୍ତ୍ତି ବିରାଜମାନ। ସେହିପରି ପେଣ୍ଡାଲ ସମ୍ମୁଖ ରିଂରୋଡ୍‌କୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଝଙ୍କଡ଼ ଶାରଳା ପୀଠରୁ ଆସିଥିବା ପୂଜକମାନେ ପୂଜା ପରିଚାଳନା କରୁଛନ୍ତି। ଉପଦେଷ୍ଟା ସଞ୍ଜୀବ ମହାନ୍ତି, ଅକ୍ଷୟ ନାୟକ, ପ୍ରମୋଦ ବେହେରା, ଉପସଭାପତି ସୁର ବିଶ୍ୱାଳ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ସଦସ୍ୟମାନେ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି।

### ଏମାନେ ଯାହା କୁହନ୍ତି...



"ସବୁ ବର୍ଷ ଭଳି କିଛି ନୂଆ କରିବାକୁ ପ୍ରୟାସ କରାଯାଇଛି। ପୂର୍ବରୁ ସହରରେ ଏହି ପୂଜା ବେଶ୍ ଖ୍ୟାତି ଲାଭ କରିଆସିଛି। ହେଲେ ସମ୍ପ୍ରତି ପୂଜା ପାଇଁ ବହୁ ପ୍ରତିବନ୍ଧକ ଦେଖାଯାଉଛି। ପେଣ୍ଡାଲ ସଙ୍କୁଚିତ ହୋଇଯାଇଛି। ଫଳରେ ପାର୍କିଂ, ମୀନାବଜାର ଓ ଦୋଳି ପାଇଁ ସମସ୍ୟା ହେଉଛି। ପୂଜା ପେଣ୍ଡାଲକୁ ପୁନଃ ପ୍ରତିଷ୍ଠା କରାଯାଇ ଯଜ୍ଞକୁଣ୍ଡ ନିର୍ମାଣ କରାଯାଇଛି। କମ୍ ପାଣ୍ଠି ସହ ପୂଜା ପରିଚାଳନା କରିବାକୁ ପଡୁଛି। ଶାନ୍ତିଶୃଙ୍ଖଳା ପାଇଁ ସିସିଟିଭି ବ୍ୟବସ୍ଥା ହୋଇଛି।

-ବସନ୍ତ ଜେନା, ସଭାପତି



"ପୂର୍ବ ଅପେକ୍ଷା ପୂଜା ଆୟୋଜନ କଷ୍ଟକର ହୋଇପଡ଼ିଛି। ପୂର୍ବରୁ ଲ୍ୟାଣ୍ଡଲାଇନ୍ ଉପଭୋକ୍ତାମାନେ ସହଯୋଗ କରୁଥିଲେ। ଏବେ ଲାଣ୍ଡ ଲାଇନ୍ ନାହିଁ କହିଲେ ଚଳେ। ପେଣ୍ଡାଲ ନିକଟରେ ପାର୍କ ଯୋଗୁ ତାହା ସଙ୍କୁଚିତ ହୋଇଛି। ଫଳରେ ପାର୍କିଂ ସମସ୍ୟା ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦୋଳି ପାଇଁ ସମସ୍ୟା ହେଉଛି। ତେବେ ପୂଜା ଶାନ୍ତିଶୃଙ୍ଖଳାରେ ଆରମ୍ଭ ହୋଇଛି। ଅଷ୍ଟମୀ, ନବମୀ ଓ ଦଶମୀରେ ଭିନ୍ନ ଭିନ୍ନ ପ୍ରସାଦ ଲାଗି କରାଯିବା ବ୍ୟବସ୍ଥା ହୋଇଛି।

-ସତ୍ୟପ୍ରିୟ ମିଶ୍ର, ସାଧାରଣ ସମ୍ପାଦକ

# ସ୍ୱାଧୀନତା ତ୍ୟାଗ, ପ୍ରେରଣାର ଉତ୍ସ




ସ୍ମୃତି ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା, ୨୮।୯(ବିପ୍ଳବ ରଞ୍ଜନ ଦାଶ)

ଛେଣ୍ଡସ୍ଥିତ ଧାମରା ସଂଘ ପକ୍ଷରୁ ଲୁଣିଆ ଓ ଇରମ ଶହୀଦ ସ୍ମୃତି ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ବାନ୍ ବ୍ୟାଙ୍କ ସଭାପତି ଦିଲୀପ କୁମାର ମହାପାତ୍ର ମୁଖ୍ୟଅତିଥି ଓ ସାହିତ୍ୟିକ ତଥା କବି ରାଜୀବ ପାଣି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ପାଣି ତାଙ୍କ ବକ୍ତବ୍ୟରେ କହିଲେ, ସ୍ୱାଧୀନତା ଏକ ଶବ୍ଦ ନୁହେଁ, ଏହା ତ୍ୟାଗ ଓ ପ୍ରେରଣାର ଉତ୍ସ। ୧୯୪୨ରେ ଲୁଣିଆ ଓ ଇରମଠାରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦଙ୍କ ସ୍ମୃତିଚାରଣ କରିବା ସହ ସେହି ମାଟିର ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ ବୀରକିଶୋର ଦାସଙ୍କ ରଚିତ କବିତା, ଅସହଯୋଗ ଆନ୍ଦୋଳନର ମୂଳଭିତ୍ତି, ରାଓ ଲାଜ୍ ଆଇନ, ଲବଣ ସତ୍ୟାଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ଶହୀଦଙ୍କ ସମ୍ପର୍କରେ ପଠନରେ ନୁହେଁ, ଉତ୍ତର ପିଢ଼ି କିପରି ଦିଗ୍‌ଦର୍ଶନ ପାଇବେ ତାହା ସମସ୍ତଙ୍କ ଧ୍ୟେୟ ହେବା ଦରକାର ବୋଲି ପାଣି ମତ ରଖିଥିଲେ। ମୁଖ୍ୟ ଅତିଥି ମହାପାତ୍ର ଇରମ ଗୁଳିକାଣ୍ଡ ଘଟଣାକୁ ଦ୍ୱିତୀୟ ଜାଲିଆନାୱାଲାବାଗ ବୋଲି ଅଭିହିତ କରି ଏ ସମ୍ପର୍କରେ ସରକାର ସମସ୍ତଙ୍କ ଜାଣିବା ପାଇଁ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ସହ ସମ୍ପାଦକ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ରାଜକୁମାରୀ ଦେବୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାନାଥ ଓଡ଼ିଆ ଭାଷା ସୁରକ୍ଷାର ସେନାପତି

ରାଉରକେଲା,୨୮।୯(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ଡିଭାଇନ ଲାଇଫ୍ ଏକାଡେମୀ, ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗଦ୍ରଷ୍ଟା କବିବର ରାଧାନାଥ ରାୟଙ୍କ ଜୟନ୍ତୀ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସୁସ୍ମିତା ଭୂମିଜ ପ୍ରାଥମିକ ସୂଚନା ଦେଇ କହିଲେ, ଓଡିଆ ସାହିତ୍ୟ ଯୁଗ ସ୍ରଷ୍ଟା ରାଧାନାଥ ରାୟ ହେଉଛନ୍ତି ଓଡ଼ିଆ ଭାଷା ସୁରକ୍ଷାର ସେନାପତି। ତାଙ୍କ କାବ୍ୟଗୁଡ଼ିକରେ ସୁନ୍ଦର ଚିତ୍ରପ୍ରତିମା ଫୁଟି ଉଠିଛି। ସେ କେଦାରଗୌରୀ, ନାସିକେଶ୍ୱରୀ ପାର୍ବତୀ, ଚିଲିକା, ମହାଯାତ୍ରା କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିବନ୍ତ କରିଛନ୍ତି ବୋଲି ଭୂମିଜ କହିଥିଲେ। ଓଡ଼ିଆ ଭାଷା ବିକାଶ ମଞ୍ଚ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କବିଙ୍କ ଜୀବନ ଦର୍ଶନ ଆଲୋଚନା କରି କହିଲେ, ଓଡ଼ିଆ ସାହିତ୍ୟ ଆକାଶରେ ଅନ୍ଧକାର ଘୋଟିଥିଲା ବେଳେ ନୂତନ ଆଲୋକ ଦେଖାଇଥିଲେ ରାଧାନାଥ। ଭାଷାକୁ ବଞ୍ଚାଇବା ପାଇଁ ସେ ଦୁର୍ବାର ସଂଗ୍ରାମ କରିଥିଲେ। ତାଙ୍କର ଜୀବନବ୍ୟାପୀ ସାହିତ୍ୟ ସାଧନା ଏ ଜାତିକୁ ଶହ ଶହ ବର୍ଷ ଧରି ପ୍ରାଣବନ୍ତ କରି ରଖିଛି ବୋଲି ମହାପାତ୍ର କହିଥିଲେ। ଏହି ଜୟନ୍ତୀ ସଭାରେ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାରାଣୀ ସାହୁ, ଦମୟନ୍ତୀ ପାତ୍ର ରାଧାନାଥ ରାୟଙ୍କ ଉପରେ ନିବନ୍ଧ ପାଠ କରିଥିଲେ। ଶିକ୍ଷକ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅନୁଷା ଜୟପୁରୀଆ, ବାବାଜୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

# ଜଳାତଙ୍କ ରୋଗରୁ ବର୍ତ୍ତିବାକୁ ସଚେତନତା ଲୋଡ଼ା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୮।୯(ସଙ୍ଗୀତା ଜେନା)

ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୨୮ତାରିଖକୁ ବିଶ୍ୱ ଜଳାତଙ୍କ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୧୯ତମ ଜିଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ରବିବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ରାଉରକେଲା ପ୍ରାଣୀ ଚିକିତ୍ସାଳୟରେ ଏକ ଟିକାକରଣ ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ଏହା ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟାରେ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ପଶୁମାନଙ୍କ ଟିକାକରଣ କରାଯାଇଥିଲା। ପରେ ସମ୍ମିଳନୀ କକ୍ଷରେ ଜଳାତଙ୍କ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ସନ୍ତୋଷ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଜଳାତଙ୍କ ରୋଗ ଭୂତାଣୁ ଜନିତ ଅଟେ। ବିଶ୍ୱରେ ଏହାର କୌଣସି ଔଷଧ ନାହିଁ। କେବଳ ସଚେତନତା ଓ ପଶୁଙ୍କୁ ଟିକାକରଣ ଯୋଗୁ ଏଥିରୁ ବର୍ତ୍ତିବା ସମ୍ଭବ ଅଟେ। ଏହାଦ୍ୱାରା ବହୁ ସଂଖ୍ୟାରେ ଲୋକ ମୃତ୍ୟୁମୁଖରେ ପଡିଥାନ୍ତି। ସହରବାସୀଙ୍କ ସହ ପୋଷାକୁକୁର ଓ ପଶୁ ମାଲିକମାନଙ୍କୁ ସଚେତନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ମଧ୍ୟ ଉକ୍ତ ଟିକାକରଣରେ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୁଲା କୁକୁର ପ୍ରତି ସାବଧାନ ରହିବା, ଗୃହପାଳିତ ପଶୁ କାମୁଡ଼ିଲେ ଉକ୍ତ ସ୍ଥାନକୁ ସଫା କରିବା, ପୋଷା କୁକୁରକୁ ନିୟମିତ ବ୍ୟବଧାନରେ ପ୍ରତିଷେଧକ ଟିକା ପ୍ରଦାନ କଲେ ଜଳାତଙ୍କ ରୋଗ ସମ୍ଭାବନା ହ୍ରାସ ପାଇବ। ସରକାରୀ ସ୍ତରରେ ବୁଲା କୁକୁରମାନଙ୍କୁ ଏହି ପ୍ରତିଷେଧକ ଦିଆଯାଉଛି। ଏହାସହ କୁକୁରମାନଙ୍କୁ ବ୍ରିଡିଂ କରି ବ୍ୟବସାୟ କରୁଥିବା ଲୋକେ ଡାକ୍ତରଖାନାରେ ପଞ୍ଜୀକରଣ କରିବାକୁ ଡ. ପାଣିଗ୍ରାହୀ କହିଥିଲେ। ସେହିପରି ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡ. ପ୍ରସନ୍ନ ମହାରଣା ଅତିଥି ଭାବେ ଯୋଗଦେଇ କହିଲେ, ବୁଲା ବିଲେଇ କୁକୁରଙ୍କୁ ପ୍ରତିଷେଧକ ଦେଇ ସେମାନଙ୍କୁ ସୁରକ୍ଷିତ ରଖିବା ସହ ସହରବାସୀଙ୍କୁ ସୁରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଆର୍‌ଏମ୍‌ସି ସହକାରୀ କମିଶନର ଅଜିତ ପଟ୍ଟନାୟକ, ରାଉରକେଲା ସରକାରୀ ଡାକ୍ତରଖାନାର ମେଡିକାଲ ଅଫିସର ଡ. ରାଜୀବ ବୋଦ୍ରା, ଆର୍‌ଏସ୍‌ପି ପରିଚାଳିତ ଇନ୍ଦିରାଗାନ୍ଧୀ ପାର୍କର ପ୍ରବନ୍ଧକ ପରିଚାଳକ ଡ. ଅଭିଜିତ୍ ବିଶ୍ୱାସ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଉରକେଲା ପ୍ରାଣୀ ଚିକିତ୍ସାଳୟର ବିଶେଷଜ୍ଞ ଡ. ସ୍ୱାତୀ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ବିଶେଷଜ୍ଞ ଡ. ସରିତ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲାଠିକଟା ବ୍ଲକ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡ. ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ପଶୁପ୍ରେମୀ ଓ ଅତିଥିମାନଙ୍କ ମଧ୍ୟରେ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସାମାଜିକ କର୍ମୀ ଓ ପ୍ରଶାସନିକ ଅଧିକାର ଯୋଗ ଦେଇଥିଲେ।

# ଇରମ୍ ଶହୀଦ ସ୍ମୃତି ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୮।୯(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ବାସୁଦେବପୁର ଜନ କଲ୍ୟାଣ ପରିଷଦ ରାଉରକେଲା ପକ୍ଷରୁ ଇରମ୍ ଶହୀଦ ସ୍ମୃତି ସଭା ସଭାପତି ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ ସ୍ୱାଗତ ଭାଷଣ ପ୍ରଦାନ ପ୍ରଦାନ କରିଥିଲେ। ଶିକ୍ଷାବତ୍ ବଳରାମ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇରମ୍ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହ ଶହୀଦମାନଙ୍କ ଉଦ୍ଦେଶ୍ୟରେ ସ୍ୱଲିଖିତ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପରିଷଦର ବରିଷ୍ଠ ସଦସ୍ୟ ଉଦୟ କୁମାର ସାହୁ ଉପସ୍ଥିତ ରହି ଇରମ ଗୁଳିକାଣ୍ଡରେ ପୂର୍ବାପର ବିବରଣୀ ପ୍ରଦାନ ସହ ସେ ସମୟରେ ସାମାଜିକ ତଥା ରାଜନୈତିକ ପରିସ୍ଥିତି ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦର କୋଷାଧ୍ୟକ୍ଷ ତଥା ଇସ୍ପାତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଇରମ ଗୁଳିକାଣ୍ଡ ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ କୃପାସିନ୍ଧୁ ନାୟକ, ସନାତନ ପତି, ସତ୍ୟଜିତ ସାହୁ, ପ୍ରଭାତ କୁମାର ଦାସ, ଉଜ୍ଜଳ ପ୍ରଦୀପ ଦାସ, ଉପେନ୍ଦ୍ର ପ୍ରସାଦ ଦାଶ, ଅଞ୍ଜନା ବେହେରା, ଏସ୍. ପାଢ଼ୀ, ଅଞ୍ଜୁ ବାରିକ, ସୁବାସ ଚନ୍ଦ୍ର ମହାପାତ୍ର, ନିବେଦିତା ସାହୁ, ରଞ୍ଜିତ କୁମାର ମାଝୀ, ଅନିନ୍ଦିତା ବେହେରା, ମଞ୍ଜୁ ବାରିକ, ମୋକ୍ଷ ପ୍ରଧାନ, ମୋକ୍ଷ ପ୍ରଧାନ, ଲାବନ୍ୟ ପାଢ଼ୀ, ସନ୍ଦୀପ କୁମାର ପତି, ଶିବ ପ୍ରସାଦ ମାଝୀ, ଅନନ୍ଦିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ରାଉରକେଲା,୨୮।୯(ଦିନେଶ ମିଶ୍ର)

ରାଉରକେଲା ସାରନା ଛକ ଜଗଦା ପଡିଆ ନିକଟରେ ଶନିବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ୫ଜଣଙ୍କୁ ରାଉରକେଲା ଝିରପାଣି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧ ଅଞ୍ଚଳର ଅନୀଲ ବେହେରା ଓରଫ ପିଙ୍କୁ(୨୮), ସେକ୍ଟର-୫ ଅଞ୍ଚଳର ସୋମନାଥ ମିଶ୍ର(୩୮), ଗୋପବନ୍ଧୁପାଲ୍ଲୀର ମନୋଜ କୁମାର ସାହା(୩୦), ନୟାବଜାର ଅଞ୍ଚଳର ରକି କୁମାର ବର୍ମା ଓରଫ ଛୋଟୁ(୩୪) ଏବଂ ମାଲଗୋଦାମ ଅଞ୍ଚଳର ପ୍ରମୋଦ ସାହୁ(୩୪)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଝିରପାଣି ଥାନାରେ ଏକ ମାମଲା (ନଂ.୧୧୫/୨୫) ରୁଜୁ ହୋଇଛି। ସୂଚନା ଅନୁସାରେ, ଝିରପାଣି ଥାନା ଅନ୍ତର୍ଗତ ସାରନା ଛକ ନିକଟ ଜଗଦା ପଡିଆରେ କିଛି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିବା ଖବର କୌଣସି ବିଶେଷ ସୂତ୍ରରୁ ପୋଲିସ ପାଇଥିଲା। ପରେ ପୋଲିସ ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୫ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଘଟଣାସ୍ଥଳରୁ ଗୋଟିଏ ବ୍ଲୁ ରଙ୍ଗର ଅଟୋ (ନଂ.ଓଡି୧୪ଏଜେ/୪୪୦୫), ଗୋଟିଏ ଦେଶୀ ବନ୍ଧୁକ, ୨ଟି ଖଣ୍ଡା, ୫ଟି ମାକ୍ସ, ୨ଟି ଛୁରି ଓ ଟର୍ଚ୍ଚଲାଇଟ୍ ସହ ନିଶା ସାମଗ୍ରୀ ଜବତ କରାଯାଇଥିଲା। ଅଭିଯୁକ୍ତ ପିଙ୍କୁ, ମନୋଜ ଓ ପ୍ରମୋଦଙ୍କ ନାଁରେ ପୂର୍ବରୁ ଏକାଧିକ ଥାନାରେ ମାମଲା ରହିଥିବା ଜଣାପଡିଛି।

## ମୋବାଇଲ ଚୋରି, ୩ ଗିରଫ

ରାଉରକେଲା, ୨୮।୯(ସଙ୍ଗୀତା ଜେନା)

ଟ୍ରେନ ଏବଂ ଷ୍ଟେଶନରୁ ମୋବାଇଲ ଚୋରି ଅଭିଯୋଗରେ ରବିବାର ଜିଆର୍‌ପି ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧୁସୂଦନପାଲୀର ଲାଲ ସିଂହ(୨୦), ଗୋପବନ୍ଧୁପାଲୀର ବାରା ଗିରି(୧୯) ଏବଂ ବାସନ୍ତୀ କଲୋନିର ରୋହିତ ନାଏକ(୨୩)। ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରିଛି।

## ଆଇଜିଏଚ୍‌କୁ ନେଇ ବିକ୍ଷୋଭ କରିବ ସିଟୁ

ରାଉରକେଲା, ୨୮।୯(ସଙ୍ଗୀତା ଜେନା)

ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନରେ ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ସିଟୁର ସମ୍ପାଦକ ମଣ୍ଡଳୀ ବୈଠକ ଶନିବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଜିଏଚ୍‌ରେ ଚିକିତ୍ସା ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆସନ୍ତା ନଭେମ୍ବର ମାସରେ ସିଟୁ ତରଫରୁ ଆଇଜିଏଚ୍ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିମାନ ମାଇତି, ଯଜ୍ଞେଶ୍ୱର ସାହୁ, ଜେ. କେ. ସାହୁ, ସନ୍ତୋଷ ବେହେରା, ଶିବରାମ ବେହେରା, ଜୀବନ ବରିହା, ଅକ୍ଷୟ ରାଉତ, ପ୍ରଦୋଷ ପରିଡା, ପିତାମ୍ବର ବେହେରା, ପି. କେ. ଷଡଙ୍ଗୀ, ସି. ଆର୍. ମହାନ୍ତି, ପର୍ଶୁରାମ ଜେନା ଓ ତ୍ରିଲୋଚନ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଦୂଷଣ ରୋକିବା ପାଇଁ ବୃକ୍ଷରୋପଣ ଜରୁରୀ

ରାଉରକେଲା, ୨୮।୯
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ପ୍ରସନ୍ନ କୁମାର ସାବତ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ମହାପ୍ରବନ୍ଧକ ସୁରେନ୍ଦ୍ର ନାଥ ଖେସ ମୁଖ୍ୟଅତିଥି ଓ ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗର ପ୍ରାଧ୍ୟାପକ ଡ. ମାନସ କୁମାର ମୁଖାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ଆମ ପରିବେଶ ଓ ଏହାର ଭବିଷ୍ୟତ' ଶୀର୍ଷକ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ଼. ମୁଖାର୍ଜୀ ତାଙ୍କ ବକ୍ତବ୍ୟରେ ସୃଷ୍ଟିର ଆରମ୍ଭ ଓ ପରବର୍ତ୍ତୀ ସମୟରେ ଆବଶ୍ୟକତାଠାରୁ ଅଧିକ ଅଙ୍ଗାରକାମ୍ଳ ସୃଷ୍ଟି ଓ ଅମ୍ଳଜାନ ହ୍ରାସ ତଥା ପରିବେଶ ସୁରକ୍ଷାରେ ଅବହେଳା ହିଁ ସୁସ୍ଥ ପରିବେଶ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପ୍ରତି ବିଶ୍ୱ ବିଭିନ୍ନ କାରଣ ପାଇଁ ପରିବେଶକୁ କ୍ଷତି କରିଚାଲିଛି। ଏଥିରୁ ମୁକ୍ତି ପାଇଁ ବ୍ୟାପକ ବୃକ୍ଷରୋପଣ, ବାୟୁମଣ୍ଡଳରେ ପ୍ରଦୂଷଣ ହ୍ରାସ ସହ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ମୁଖ୍ୟ ଅତିଥି ଖେସ ଆହ୍ୱାନ ଦେଇଥିଲେ। ସୁବାସିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ଅଧ୍ୟାପିକା ପ୍ରଣତି ବେହେରା ଏବଂ ଡ. ଜ୍ଞାନରଞ୍ଜନ ମିଶ୍ର ଅନ୍ଧାରର ଛାଇ ଶୀର୍ଷକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ଉର୍ବଶୀ ଦାସ ଏବଂ ପ୍ରଣତି ବେହେରାଙ୍କ ସଂଯୋଜନାରେ ସଂଯୁକ୍ତା ଦାଶ, ସୁସ୍ମିତା ସ୍ୱାଇଁ, ଅଶୋକ କୁମାର ପଟ୍ଟନାୟକ, ଗୌତମ ଦାସ, ସୁନୀଲ କୁମାର ମହାନ୍ତି, ମୀନକେତନ ପଶାୟତ, ବ୍ରହ୍ମାନନ୍ଦ ପାଢ଼ୀ, ଉପେନ୍ଦ୍ର କୁମାର ବସ୍ତିଆ, ଦେବେନ୍ଦ୍ର ବଳ, କରୁଣାକର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ପ୍ରିୟା ପାତ୍ର, ସଂଗ୍ରାମପ୍ରିୟ ତନ୍ତୀ, ରବିନ୍ଦ୍ର ଠାକୁର, ଶରତ ସ୍ୱାଇଁ, ହରିହର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ପରିବାର ମଙ୍ଗଳ ପାଇଁ ମହିଳା ସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୨୮।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବୃତ୍ତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ର (ଓଏଚ୍‌ଏସ୍‌ସି) ପକ୍ଷରୁ ଭାରତ ସରକାରଙ୍କ ସୁସ୍ଥ ନାରୀ ସଶକ୍ତ ପରିବାର ପଦକ୍ଷେପର ଅଂଶସ୍ୱରୂପ ଗର୍ଭାଶୟ କର୍କଟ ସଚେତନତା ମାସ ପାଳନ ଉପଲକ୍ଷେ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଆଇଜିଏଚ୍‌ର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗର ମୁଖ୍ୟ ଡାକ୍ତର ପ୍ରତିଭା ଷଡଙ୍ଗୀ ମୁଖ୍ୟ ଅତିଥି ଏବଂ ଅତିରିକ୍ତ ସିଏମ୍‌ଓ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଡାକ୍ତର ସୁରେନ୍ଦ୍ର କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଚେତନତା ଅଧିବେଶନରେ ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ୪୩ଜଣ ମହିଳା ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଡକ୍ଟର ଷଡଙ୍ଗୀ ନିଜ ବକ୍ତବ୍ୟରେ ପଲିସିଷ୍ଟିକ ଗର୍ଭାଶୟ ରୋଗ (ପିସିଓଡି), ଗର୍ଭାଶୟ କର୍କଟ ଏବଂ ଅଷ୍ଟିଓପୋରୋସିସ୍ ଉପରେ ଆଲୋଚନା କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ବିନା



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀ।

ଦ୍ୱିଧାରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଓଏଚ୍‌ଏସ୍‌ସିରେ ଉପଲବ୍ଧ ସୁବିଧାର ସମ୍ପୂର୍ଣ୍ଣ ବ୍ୟବହାର କରିବାକୁ ସେମାନେ ଉତ୍ସାହିତ କରିଥିଲେ। ଆତ୍ମ-ଯତ୍ନର ମହତ୍ୱ ଉପରେ ଗୁରୁତ୍ୱାରୋପ କରି ମହିଳାମାନେ ବୃତ୍ତିଗତ ଏବଂ ଘରୋଇ ଦାୟିତ୍ୱକୁ ସନ୍ତୁଳିତ କରିବା ସମୟରେ ପ୍ରାୟତଃ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତି ବୋଲି ମତବ୍ୟକ୍ତ କରି ମହିଳାମାନଙ୍କୁ ସୁସ୍ଥ ରହିବା ସହ ପରିପୂର୍ଣ୍ଣ ଜୀବନଯାପନ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ବିଶେଷକରି ମହିଳା କର୍ମଚାରୀମାନଙ୍କ ପାଇଁ ସମୟ ସମୟରେ ପ୍ରଭାବଶାଳୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଓଏଚ୍‌ଏସ୍‌ସିକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡାକ୍ତର ସୁରେନ୍ଦ୍ର କୁମାର ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ପରିବାରର ମଙ୍ଗଳ ବଜାୟ ରଖିବାରେ ମହିଳା ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଓଏଚ୍‌ଏସ୍‌ସି ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବାର ରୂପରେଖ ପ୍ରଦାନ କରିଥିଲେ। ଓଏଚ୍‌ଏସ୍‌ସିର ବୃତ୍ତିଗତ ସ୍ୱଚ୍ଛତା ଟେକ୍ନିସିଆନ କିଶୋର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୁର୍ଗାପୂଜା ସାଜିଛି ଲୋକ ସଂସ୍କୃତି ସଂରକ୍ଷଣର ମାଧ୍ୟମ

ସମ୍ବଲପୁର,୨୮।୯(ଭବାନୀ ଶଙ୍କର ଭୋଇ)

ସିଦ୍ଧିପୀଠ ଭାବେ ପରିଚିତ ବଟେମୁରାର ଶାରଦୀୟ ଦୁର୍ଗାପୂଜା ଲୋକ ସଂସ୍କୃତି, ଲୋକ କଳା, ଐତିହ୍ୟ ଏବଂ ପରମ୍ପରାକୁ ଶହେ ବର୍ଷ ହେବ ପ୍ରଚାର ଏବଂ ସଂରକ୍ଷଣ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଏଠାରେ ଅନୁଷ୍ଠିତ ଦୁର୍ଗାପୂଜା ପାଲା, ସଞ୍ଚାର, ସମ୍ପ୍ରଦା ଆଦି ସ୍ଥାନୀୟ ଲୋକ କଳା, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ଦିଗରେ କାର୍ଯ୍ୟ କରିଆସୁଛି। ଗ୍ରାମର ଜଗଦାନନ୍ଦ ବେହେରା ସଞ୍ଚାର କଳାର ପ୍ରସାର ପାଇଁ କଳାକାରମାନଙ୍କୁ ଦେଶ-ବିଦେଶରେ ପରିଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସଞ୍ଚାର କଳାକାରବୃନ୍ଦଙ୍କ ଉନ୍ନତି ପାଇଁ ଏକ ସଙ୍ଗଠନ କରିବାସହ ତାର ପରିଚାଳନା କାର୍ଯ୍ୟ ତୁଲାଇ ଆସୁ ଅଛନ୍ତି। ତାଙ୍କ ପ୍ରଚେଷ୍ଟାରେ ସ୍ୱର୍ଗତ ବୁଦ୍ଧଦେବ ଭାଟ, ସ୍ୱର୍ଗତ ଅଭିମନ୍ୟୁ ଭାଟ, ବିପିନ ସେଠ ଓ ଦୁଃଖନାଶନ ବେହେରା ପ୍ରଭୃତି କଳାକାରଗଣ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ପାଇ ପାରିଛନ୍ତି। ବଟେମୁରା ଦୁର୍ଗାପୂଜା କେବଳ ଏକ ସାଧାରଣ ଦୁର୍ଗାପୂଜା ନହୋଇ ପରମ୍ପରା ଏବଂ ସଂସ୍କୃତିର ସୁରକ୍ଷା ଦିଗରେ କାର୍ଯ୍ୟକରି ଆସୁଛି। ସମଗ୍ର ସମ୍ବଲପୁର ଜିଲାର ଅନ୍ୟତମ ସର୍ବ ପୁରାତନ ଦୁର୍ଗାପୂଜା ବ୍ରିଟିଶ ଅମଳରେ ୧୯୦୮ରେ ଆରମ୍ଭ ହୋଇଥିଲା। ସନ୍ତାନ କାମନା କରି ବଟେମୁରା ଗ୍ରାମର ଜୟରାମ ବେହେରା ସର୍ବପ୍ରଥମେ ନିଜ ବାସଗୃହରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ପଶ୍ଚିମବଙ୍ଗ ପୁରୁଲିଆଠାରେ ଚାକରି କରିବା ସମୟରେ ସେ ବଟେମୁରା ଗ୍ରାମରେ ଦୁର୍ଗାପୂଜାର ପରିକଳ୍ପନା କରିଥିଲେ। ତେଣୁ ସେ କଲିକତାରୁ ମାଁଙ୍କ ମୃଣ୍ମୟୀ ମୂର୍ତ୍ତି ସହିତ ପୂଜାସାମଗ୍ରୀ ସଂଗ୍ରହ କରି ବଟେମୁରାକୁ ଆଣି ଏଠାରେ ସ୍ୱଗୃହରେ ଦୁର୍ଗାପୂଜା ଆରମ୍ଭ କରିଥଲେ। ପାଞ୍ଚ ବର୍ଷ ପରେ ସେହି ଦୂର୍ଗାପୂଜା ସର୍ବଜନୀନ ପୂଜାରେ ରୂପାନ୍ତରଣ ହୋଇଥିଲା। ସେହି ଦିନଠାରୁ ଶାରଦୀୟ ଦୁର୍ଗାପୂଜା ଭକ୍ତଙ୍କ ସଙ୍କଳ୍ପ ସିଦ୍ଧିରେ ସହାୟକ ହୋଇ ଆସୁଛି। ଏଠାରେ ମା' ଦୁର୍ଗାଙ୍କ ଉପାସନା ବୈଦିକ ରୀତିନୀତି ତଥା କଠୋର ନିଷ୍ଠାର ସହିତ ଅନୁଷ୍ଠିତ ହୋଇଆସୁଛି। ପୂଜାବିଧି ତନ୍ତ୍ରରହିତ ସାତ୍ତ୍ୱିକଭାବେ ବିନା ବଳିପ୍ରଥାରେ ହୋଇ ଆୟୋଜିତ ଆସୁଛି। ସନ୍ତାନ କାମନା ସହିତ ଚତୁରବର୍ଗ ଫଳପ୍ରାପ୍ତି ଆଶାରେ ସମଗ୍ର ଜିଲା ତଥା ଅଖପାଖ ଅଞ୍ଚଳର ଅଧିବାସୀ ସ୍ୱତଃ ମାଁଙ୍କ ଉପାସନା ପାଇଁ ନିଜକୁ ସମର୍ପି ଦେଉଛନ୍ତି। ୧୯୬୪ରୁ ମନ୍ଦିର ପ୍ରତିଷ୍ଠା ପର୍ଯ୍ୟନ୍ତ ସ୍ୱର୍ଗତ ବିନୋଦ ବିହାରୀ ବେହେରା ୨୩ଥର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ବଟେମୁରା ଗ୍ରାମବାସୀ ଦୁର୍ଗାପୂଜା ସାମାଜିକ ଚେତନାର ମାଧ୍ୟମରେ ରୂପାନ୍ତରିତ ହୋଇପାରିଛି। ବର୍ତ୍ତମାନର ଯୁବପିଢ଼ୀ, ମାଁ ଦୁର୍ଗା ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଜନ୍ମଜୟ ବେହେରା ଓ ସଦସ୍ୟ ଦୀପକ କୁମାର ବେହେରା, ଶ୍ରବଣ କୁମାର ପଣ୍ଡା ପ୍ରମୁଖ। ସେହିପରମ୍ପରାକୁ ଉଦଜିବିତ କରିବାକୁ ଚେଷ୍ଟା ଚଲାଇ ଆସିଛନ୍ତି।

## ସିଦ୍ଧିପୀଠ ବଟେମୁରାରେ ଦୁର୍ଗାପୂଜା



ବଟେମୁରା ସ୍ଥିତ ଦୁର୍ଗା ମନ୍ଦିର।

# ଓଏସ୍ଓୟୁରେ ବିକଶିତ ଗାଁ, ବିକଶିତ ଭାରତ କାର୍ଯ୍ୟକ୍ରମ



ସମ୍ବଲପୁର ଜିଲା ଚାଉଁରପୁରଠାରେ ଓଏସ୍ଓୟୁ ପକ୍ଷରୁ ଆୟୋଜିତ ବିକଶିତ ଗାଁ ଓ ବିକଶିତ ଭାରତ କାର୍ଯ୍ୟକ୍ରମ।

ସମ୍ବଲପୁର,୨୮।୯(ବି.ଶଙ୍କର)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ)ପକ୍ଷରୁ ବିକଶିତ ଗାଁ ଓ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଉନ୍ନତ ଭାରତ ଅଭିଯାନରେ ବିଶ୍ୱବିଦ୍ୟାଳୟର ପାଳିତ ଗ୍ରାମ କରଡୋଲା, ସାହାଜବାହାଲ, ସାନ ସିଂହାରୀ, ବଡ଼ସିଂହାରୀ ଏବଂ ଚାଉଁରପୁରରେ ବିବିଧ କାର୍ଯ୍ୟକ୍ରମ ହୋଇଛି । ଏଥିସହ ଓଏସଓୟୁ ଆଞ୍ଚଳିକ କେନ୍ଦ୍ରଗୁଡ଼ିକ ଦ୍ୱାରା ୫ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ୍ୟ ସଚେତନତା ପ୍ରସାର, ବିକଶିତ ଗାଁ, ବିକଶିତ ଭାରତ ମାର୍ଗଦର୍ଶୀ ସ୍ଲୋଗାନ ହୋଇଥିଲା । ସବୁଜ ଶକ୍ତି ଏବଂ ଶକ୍ତି ସଂରକ୍ଷଣ, ଡିଜିଟାଲ ସଶକ୍ତିକରଣ ଏବଂ ସାଇବର ସୁରକ୍ଷା ଓ ସଚେତନତା, ଆମ୍ ସ୍ୱାସ୍ଥ୍ୟସେବା ଏବଂ ସୁସ୍ଥତା, ଗ୍ରାମୀଣ ସୁଯୋଗ, ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମଗୁଡ଼ିକରେ ଓଏସଓୟୁ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ ଗ୍ରାମାଞ୍ଚଳର ଲୋକମାନଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ମୁଖ୍ୟତଃ ପ୍ରାରମ୍ଭିକ ସ୍ତରରୁ ଥିବା ଚ୍ୟାଲେଞ୍ଜ ଏବଂ ସୁଯୋଗଗୁଡ଼ିକୁ ଚିହ୍ନଟ କରିଥିଲେ। ଯେଉଁଠାରେ ବିଶ୍ୱବିଦ୍ୟାଳୟ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଏସ୍ଓୟୁର ଆଞ୍ଚଳିକ କେନ୍ଦ୍ରଗୁଡ଼ିକ ଉପରୋକ୍ତ ବିଷୟବସ୍ତୁ ଉପରେ ସେମିନାର, ସମ୍ପ୍ରଦାୟ ପରିଦର୍ଶନ ଏବଂ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲା । ଏଥିସହ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ନେଇଛି। ଉଚ୍ଚଶିକ୍ଷା ପାଇଁ ପୌଷ୍ୟ ଗ୍ରାମର ଆକାଂକ୍ଷୀ ଯୁବକମାନଙ୍କୁ ମାଗଣା ଶିକ୍ଷା ସୁଯୋଗ ପ୍ରଦାନ କରୁଅଛି। ବିଶ୍ୱବିଦ୍ୟାଳୟ ପରିସରରେ ଏବଂ ବାହାରେ ଗ୍ରାମାଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଯେଉଁଠାରେ ଅନେକ ଅଫିସ ସହାୟକ, ସୁରକ୍ଷା କର୍ମୀ, ମାଳି ଏବଂ ସହାୟକ କର୍ମଚାରୀ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି ଓଏସଓୟୁ କୁଳପତି ଶ୍ୟାମସୁନ୍ଦର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଓଏସଓୟୁ ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ସହିତ ସେତୁ ବନ୍ଧିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି। ଓଏସଓୟୁ ଉଚ୍ଚଶିକ୍ଷାକୁ କେବଳ ଶିକ୍ଷାର ଏକ ଉପକରଣ ଭାବରେ ନୁହେଁ ବରଂ ଅନ୍ତର୍ଭୁକ୍ତ ଗ୍ରାମୀଣ ବିକାଶ ପାଇଁ ଏକ ଶକ୍ତିର ମାଧ୍ୟମ ଭାବେ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

## ସଂକ୍ଷେପରେ

### ଶ୍ରୀଅରବିନ୍ଦ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର,୨୮।୯(ବି.ଶଙ୍କର)

ସମ୍ବଲପୁର ମ୍ୟୁନିସିପାଲିଟି ଛକ ନିକଟସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ଶ୍ରୀଅରବିନ୍ଦ ବିଦ୍ୟାଳୟ) ରେ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ତଥା ଟ୍ରଷ୍ଟର ସମ୍ପାଦକ ନିହାର ରଞ୍ଜନ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଉପାଧ୍ୟକ୍ଷ ସଞ୍ଜୀବ କୁମାର ଗୁରୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଶ୍ରୀଅରବିନ୍ଦ ବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜକିଶୋର ହୋତାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବର୍ଦ୍ଧିତ କରିବ ସହ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅବସରକାଳୀନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଅଧ୍ୟକ୍ଷ ହୋତା ଦୀର୍ଘ ପ୍ରାୟ ଚାରି ଦଶନ୍ଧି କାଳ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସେବା ଭବନରେ କାର୍ଯ୍ୟ କରୁଥିଲେ। ତାଙ୍କ କାର୍ଯ୍ୟ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣାର ଉତ୍ସ ହେବ । ସେ ସହକାରୀ ଶିକ୍ଷକ, ଉପାଧ୍ୟକ୍ଷ, ଭାରପ୍ରାପ୍ତ ଅଧ୍ୟକ୍ଷ ଓ ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

### ରେମେଡରେ ହେବ ୭୦ ଫୁଟର ରାବଣ ପୋଡ଼ି

ସମ୍ବଲପୁର,୨୮।୯(ଭବାନୀ ଶଙ୍କର ଭୋଇ)

ଚଳିତ ବର୍ଷ ରେମେଡଠାରେ ୭୦ ଫୁଟର ରାବଣ ପ୍ରତିକୃତି ପୋଡ଼ାଯିବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀରାମ ସେନା ଦଶହରା ଦୁର୍ଗାପୂଜା କମିଟିପକ୍ଷରୁ ଆସନ୍ତା ୨ ତାରିଖରେ ହେବାକୁ ଥିବା ରାବଣ ପୋଡ଼ି ପାଇଁ ରେମେଡ଼ ଖେଳ ପଡ଼ିଆରେ ରାବଣ ପ୍ରତିକୃତି ନିର୍ମାଣ କରାଯାଉଛି । କାର୍ଯ୍ୟକ୍ରମରେ ଶତାଧିକ ବାନର ସେନା ବିରାଟ ଶୋଭାଯାତ୍ରାରେ ରେମେଡ଼ ଛକରୁ ପରିକ୍ରମା ଆରମ୍ଭ କରିବେ। ଚଳିତ ବର୍ଷ ରାବଣ ପୋଡ଼ି ମହୋତ୍ସବରେ ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ ବାଣ ବ୍ୟବହାର କରାଯିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣଗୁଡ଼ିକୁ ରିମୋଟ୍ ଦ୍ୱାରା ଫୁଟାଇବା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରାବଣ ପୋଡ଼ିରେ ମୋଟ ୯ଲକ୍ଷ ୧୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏନେଇ ରେମେଡ଼ ଶ୍ରୀରାମ ସେନା ରାବଣ ପୋଡ଼ି ଉତ୍ସବ ସଭାପତି ସନ୍ଦୀପ ବରେଇ କହିଛନ୍ତି ଯେ, ଶୋଭାଯାତ୍ରା ରେମେଡ଼ ଛକରୁ ବାହାରି ରେମେଡ଼ ଖେଳ ପଡ଼ିଆରେ ପହଞ୍ଚିବ। ଏଥିରେ ରାମ, ଲକ୍ଷ୍ମଣ, ହନୁମାନ ସହ ବାନର ସେନା ସାମିଲ ହେବେ। ଏଥିରେ ମନ୍ତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ କମିଟିରେ ଉପଦେଷ୍ଟା ଦିଲୀପ ଚୋବେଙ୍କ ସମେତ ସଭାପତି ସନ୍ଦୀପ ବରେଇ, ଉପ ସଭାପତି ଲୋକେଶ ପାଣ୍ଡେ, ସମ୍ପାଦକ ସୋରବ ପ୍ରଧାନ, କୋଷାଧ୍ୟକ୍ଷ ନୀତିକ ଚୋବେ, ସହ କୋଷାଧ୍ୟକ୍ଷ ଟିଟୁ ବେହେରା ଓ କିରଣ ପରିଡ଼ା, ରୋହିତ ବେହେରା, ସରୋଜ ଭୋଇ, ପ୍ରକାଶ ସାହୁ, ଗୋବର୍ଦ୍ଧନ ମଲିକ ସମେତ ସୁମିତ ନାୟକ ପ୍ରମୁଖ ପ୍ରସ୍ତୁତିରେ ଲାଗିଛନ୍ତି।

# ମାଁ ସମଲେଇ ମନ୍ଦିରରେ ୫୦୦ ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନ




ସମଲେଇପଦର ମାଁ ସମଲେଇଙ୍କ ମନ୍ଦିରରେ ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନ କରୁଛନ୍ତି ନବରାତ୍ର ସମିତି ସଦସ୍ୟ।

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ସମଲେଇପଦର ସମଲେଇ ମନ୍ଦିରରେ ସାର୍ବଜନୀନ ଦୁର୍ଗା ପୂଜା ଓ ନବରାତ୍ର ସମିତି ପକ୍ଷରୁ ଭକ୍ତଙ୍କୁ ଅନ୍ନ ଭୋଗ ବଣ୍ଟନ କରାଯାଇଛି। ନବରାତ୍ର ଅବସରରେ ଆସନ୍ତା ଆଗାମୀ ଦଶମୀ ପୂଜା ପର୍ଯ୍ୟନ୍ତ ଏଠାରେ ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନର ବ୍ୟବସ୍ଥା କରାଯାଇଛି। ରବିବାର ନବରାତ୍ର ଉତ୍ସବର ଷଷ୍ଠୀ ପୂଜା ଉପଲକ୍ଷେ ଏଠାରେ ପ୍ରାୟ ୫ ଶହ ଭକ୍ତଙ୍କୁ ଅନ୍ନ ଭୋଗ ବଣ୍ଟନ କରାଯାଇଥିଲା। ବୋଧରାମ ଓରାମ, ଜ୍ୟୋସ୍ନା ମିଞ୍ଜ, ନବରାତ୍ର ସମିତି ସଦସ୍ୟ ଡା. ସଞ୍ଜୀବ କୁମାର ମିଶ୍ର, ହାରାଚାନ୍ଦ କଠାର, କେଶବ ଭୁଏ, ଜସ୍ମନ୍ ସିଂହ, ଉମେଶ ଖଡ଼ିଆ, ସୂର୍ଯ୍ୟକାନ୍ତ ସାହୁ, ଅରୁଣ ଭୁଏ ପ୍ରମୁଖ ଭକ୍ତଙ୍କ ସେବାରେ ନିୟୋଜିତ ହୋଇ ସମସ୍ତଙ୍କୁ ଅନ୍ନଭୋଗ ବଣ୍ଟନ କରିଥିଲେ।

# ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

କୁଚିଣ୍ଡା,୨୮।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ରବିବାର ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମିତି ସଭାପତି ପ୍ରମୋଦ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲଇଡା ଦୂତିକା ସାହୁ ଡିଗ୍ରୀ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶତାବ୍ଦୀର ପଞ୍ଚ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଣବ କୁମାର ଦ୍ୱିବେଦୀ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ଲକ୍ଷ୍ମଣ ବେହେରା ସଭା ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ତଥା ଜିଲା ଟୋଲି ସହ ସଂଯୋଜକ ଚେତନ ଅଗ୍ରୱାଲ ଓ ବିଦ୍ୟାଳୟ ପୂର୍ବତନ ଛାତ୍ର ସଭାପତି ମମୁନ ପଟେଲ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟ ପୂର୍ବତନ ଛାତ୍ର ପରିଷଦ ପ୍ରମୁଖ ଚନ୍ଦ୍ରକାନ୍ତ ଦେଓଙ୍କ ସଂଯୋଜନା କରିଥିଲେ।

# ଆର୍‌ଏସ୍‌ଏସ୍ ପକ୍ଷରୁ ବିଜୟା ଦଶମୀ ଉତ୍ସବ




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆରଏସ୍ଏସ୍ କାର୍ଯ୍ୟକର୍ତ୍ତାମାନେ।

କୁଚିଣ୍ଡା,୨୮।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଅର୍ଡାବାହାଲରେ ମଣ୍ଡଳସ୍ତରୀୟ ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରବିବାର ପୂର୍ବାହ୍ନରେ ଅର୍ଡାବାହାଲ କଲେଜ ପଡ଼ିଆରେ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ମଣ୍ଡଳ ପ୍ରମୁଖ ଯଦୁମଣି ସେଠଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସଦାଶିବ ଭୋଇ ମୁଖ୍ୟଅତିଥି, ସୋମନାଥ କେଶରୀ ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ସତ୍ୟନାରାୟଣ ପଟେଲ, ଜିଲା କାର୍ଯ୍ୟବାହ ଲକ୍ଷ୍ମୀଧର ମିଶ୍ର, ଖଣ୍ଡକାର୍ଯ୍ୟବାହ କ୍ରିଷନ ସିଂ ଦେଓ, ସହକାର୍ଯ୍ୟବାହ ପ୍ରବୀର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦୁ ସମାଜର ଶକ୍ତି ଏବଂ ପରାକ୍ରମ ଜାଗରଣ ଉଦ୍ଦେଶ୍ୟରେ ପବିତ୍ର ବିଜୟା ଦଶମୀ ଉତ୍ସବ ପାଳନ କରାଯାଉଥିବା ନେଇ ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଆରଏସଏସ କାର୍ଯ୍ୟକର୍ତ୍ତା ଯଶୋବନ୍ତ ବଡେଇ, ମାନସ ପୃଷେଠ, ଉମେଶ ରକ୍ସା, କାହ୍ନା ସାହୁ, ରୋଶନ ସାହୁ, ବାପୁନ ବଢ଼େଇ, ସୁବ୍ରତ ପଟେଲ, ସଚ୍ଚିଦାନନ୍ଦ ଧୁରୁଆ, ଯୋଗେନ୍ଦ୍ର କିଷାନ,ଶିବ ଶଙ୍କର ନାଏକ, ସନାତନ ନାଏକ, ନବୀନ ତାଣ୍ଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମଲେଇଙ୍କ ଗରିମା କ୍ଷୁଣ୍ଣ କରିଛି ଅଶ୍ଳୀଳ ଆଲବମ୍ ଗୀତ

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠ ପରିସରରେ ଅନୁଷ୍ଠିତ ଦାଣ୍ଡିଆ କାର୍ଯ୍ୟକ୍ରମରେ ଅଶ୍ଳୀଳ ଆଲବମ୍ ଗୀତ ପରିବେଷଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାଦ୍ୱାରା ମାଁ ସମଲେଇଙ୍କ କେବଳ ମର୍ଯ୍ୟାଦା ବା ସମ୍ମାନହାନି ହୋଇ ନାହିଁ ବରଂ ଏହା ମାଁଙ୍କ ଗରିମାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷୁଣ୍ଣ କରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ଅଭିଯୋଗ କରିଛନ୍ତି । ଏକ ପ୍ରେସ ବିବୃତିରେ ସେ କହିଛନ୍ତି, କିଛିଦିନ ପୂର୍ବରୁ ସମ୍ବଲପୁର ବିଧାୟକଙ୍କ ଦ୍ୱାରା ମାଁ ସମଲେଶ୍ୱରୀଙ୍କ ପୀଠରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅଶ୍ଳୀଳ ଆଲବମ୍ ଗୀତ ପରିବେଷଣକୁ ଦୃଢ଼ ବିରୋଧ କରାଯାଇଥିଲା। ଏହା ସତ୍ତ୍ୱେ କିଛିଦିନ ବ୍ୟବଧାନରେ ପୁଣିଥରେ ମାଁ ସମଲେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ଦାଣ୍ଡିଆ କାର୍ଯ୍ୟକ୍ରମରେ ଏଭଳି ଅଶ୍ଳୀଳ ଆଲବମ୍ ସଙ୍ଗୀତ ପରିବେଷଣ କରିବା ଦୁର୍ଭାଗ୍ୟଜନକ। ମନ୍ଦିର ପରିସରରେ ଉଚ୍ଚ ଶବ୍ଦ ବିଶିଷ୍ଟ ଡିଜେ ଜରିଆରେ ଏଭଳି ଅଶ୍ଳୀଳ ଆଲବମ ଗୀତର ତାଳେତାଳେ ନୃତ୍ୟ କରି ଆୟୋଜକ ଅଶ୍ଳୀଳତାର ସମସ୍ତ ସୀମା ସରହଦ ଅତିକ୍ରମ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମାଁଙ୍କ ମନ୍ଦିର ପରିସରରେ ବାରମ୍ବାର ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ମାଁ ସମଲେଶ୍ୱରୀଙ୍କ ପୀଠର ଭକ୍ତିମୟ ପରିବେଶକୁ କଳୁଷିତ କରିବା ସହିତ ଏହା ୨ କୋଟିରୁ ଊର୍ଦ୍ଧ୍ୱ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବନା ପ୍ରତି ଗଭୀର କୁଠାରାଘାତ ବୋଲି ଇଂ. ପୂଜାରୀ କହିଛନ୍ତି। ତେବେ ଆଗାମୀ ପନ୍ଦର ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭବିଷ୍ୟତରେ ଯେପରି ମନ୍ଦିର ପରିସରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନ ହୁଏ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେବାକୁ ସେ ଦାବି କରିଛନ୍ତି। ଅନ୍ୟଥା ମାଁଙ୍କ ମର୍ଯ୍ୟାଦା ଓ ଗରିମାର ସୁରକ୍ଷା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବାକୁ କୁଣ୍ଠାବୋଧ କରିବ ନାହିଁ ବୋଲି ଇଂ. ପୂଜାରୀ ଚେତାବନୀ ଦେଇଛନ୍ତି।

### ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ: ବିଜେଡି



# ସୁପ୍ରଭା ମିଶ୍ର ସ୍ମାରକୀ ସାରସ୍ୱତ ସମାବେଶ

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ସ୍ୱର୍ଗତ ବିନୋଦ ପଶାୟତଙ୍କ ରଚିତ ସମସ୍ତ ନାଟକ ସମାଜର ସବୁ ବର୍ଗଙ୍କୁ ସ୍ପର୍ଶ କରିଥାଏ। ତାଙ୍କ ରଚିତ ନଟକ 'ଉଖି' ସମ୍ବଲପୁରୀ ନାଟକ ଆନ୍ଦୋଳନର ନବଦିଗନ୍ତ ଉନ୍ମୋଚିତ କରିଛି ବୋଲି ଡ. ଦ୍ୱାରିକାନାଥ ନାୟକ କହିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ) ରିସୋର୍ସ ସେଣ୍ଟରରେ ରବିବାର ସ୍ଥାନୀୟ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ସେତୁ' ପକ୍ଷରୁ ଆୟୋଜିତ ସୁପ୍ରଭା ମିଶ୍ର ସ୍ମାରକୀ ଦ୍ୱିତୀୟ ସାରସ୍ୱତ ସମାବେଶରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଡ. ନାୟକ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ 'ସେତୁ'ର ସଭାପତି ଡ. ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ 'ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସାହିତ୍ୟର ଅନ୍ତଃସ୍ୱର' ଶୀର୍ଷକ ଆଲୋଚନା ପ୍ରସଙ୍ଗରେ ସେ ପଶାୟତଙ୍କ ନାଟକ କୃତିଗୁଡ଼ିକ ଉପରେ ଆଲୋଚନା କରି କହିଲେ, ତାଙ୍କର ଉତ୍କୃଷ୍ଟ ରଚନାବଳୀ ମଧ୍ୟରେ ସମ୍ବଲପୁରୀ ନାଟକ 'ଅଲାର', 'ଲିତା' ଆଦି ଲୋକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି। ତେଣୁ ତାଙ୍କର ସମସ୍ତ ନାଟକ ପ୍ରକାଶନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅନ୍ୟତମ ଆଲୋଚକ କ୍ଷେତ୍ରମଣି ବିଭାର ସ୍ୱର୍ଗତ ପଶାୟତଙ୍କ ଗୀତିକବିତା ଉପରେ ବକ୍ତବ୍ୟ ରଖି ତାଙ୍କ ରଚିତ ୬ ଶହରୁ ଊର୍ଦ୍ଧ୍ୱ ଗୀତି କବିତା ଆକାଶବାଣୀରେ ପ୍ରସାରିତ ହୋଇଛି। ଯାହା ତାଙ୍କୁ ଜଣେ ସମ୍ବଲପୁରୀ କବି ଭାବେ ପ୍ରସିଦ୍ଧି ଲାଭ କରିବାରେ ସହାୟକ ହୋଇଥିଲା ବୋଲି କହିଥିଲେ। ସେ ଆହୁରି କହିଲେ, ତାଙ୍କର ବିଶିଷ୍ଟ ରଚନାବଳୀ ମଧ୍ୟରେ 'ସରବ ସହନି ମାଁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', 'ଏ ନନୀ ସୁଲୋଚନା', 'ଗଲାରାତି ଝୁମ୍‌ରାର ସୁରେ', 'ଲିଟି ଉଡ଼େ ଫୁରୁଫୁରୁରେ ମୋର ନାମ ଟେକାରୁ', 'ଟେଭା ତଲେ କାଏଁ ରସବତୀ' ଆଦିରେ ଅତ୍ୟନ୍ତ ସରଳ ଭାଷା ଓ ଅଳଙ୍କାର କ୍ଲିଷ୍ଟତାରହିତ ସାହିତ୍ୟିକ ମୂଲ୍ୟବୋଧ ଝଲସି ଥାଏ। ତାଙ୍କ ରଚିତ ବହୁ ସମ୍ବଲପୁରୀ ଗୀତି କବିତା ଅଦ୍ୟାପି ଲୋକପ୍ରିୟତାର ଶୀର୍ଷରେ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ 'ସେତୁ'ର ପ୍ରତିଷ୍ଠାତା ସମ୍ପାଦକ ଡ. ନିମାଇଁ ଚରଣ ପଣ୍ଡା ଯୁବ ସାହିତ୍ୟିକ ଆଶିଷ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭ୍ୟ ଡ. ସିଦ୍ଧାର୍ଥ ପଣ୍ଡା ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ 'ସେତୁ'ର ସମ୍ପାଦକ ସୁକାନ୍ତ କୁମାର କର ସଞ୍ଚାଳନ କରିଥିଲେ। ଯୁଗ୍ମ ସମ୍ପାଦକ ରୀତାରାଣୀ ମିଶ୍ର ସ୍ୱର୍ଗତା ସୁପ୍ରଭା ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ ପାଠ କରିଥିବା ବେଳେ ଶେଷରେ ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଭ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ, ହରିନାରାୟଣ ପଣ୍ଡା, ଡ. ସ୍ୱୟଂପ୍ରକାଶ ପଣ୍ଡା, ଦେବେନ୍ଦ୍ର ପ୍ରସାଦ ନାଥ, ସୁବ୍ରତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁପ୍ରଭା ମିଶ୍ର ସ୍ମାରକୀ ସାରସ୍ୱତ ସମାରୋହରେ ଅତିଥିଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି ସାହିତ୍ୟିକ।

### ବିନୋଦ ପଶାୟତଙ୍କ ନାଟକ ସମାଜର ସବୁ ବର୍ଗଙ୍କୁ ସ୍ପର୍ଶ କରେ

# ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୈବାର୍ଷିକ ସମାରୋହ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱାଦଶ ତ୍ରୈବାର୍ଷିକ ମଣ୍ଡ ଳ ସାଧାରଣ ପରିଷଦ ସଭା, ଅଷ୍ଟମ ତ୍ରୈବାର୍ଷିକ ସାଧାରଣ ପରିଷଦ ସଭା, ବ୍ୟାଙ୍କ କର୍ମଚାରୀ ଜାତୀୟ ରାଜ୍ୟ ସଂଘ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଂଘ ସମବାୟ ସମିତି(ଓଡ଼ିଶା)ର ୫୮ତମ ବାର୍ଷିକ ସମାରେହ ପାଳିତ ହୋଇଯାଇଛି। କଟକ ଜବାହାର ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ସଭାରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତଥା ସମବାୟ ସମିତିର ସଭାପତି ଡା. ଚିତ୍ତରଞ୍ଜନ ପଣ୍ଡା ଓ ସଂଘର ସଭାପତି ଡା. ତପନ କୁମାର ପାଲ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଅକେଲା ଦିନାକର ରତନ ତେଜା, ମହାପ୍ରବନ୍ଧକ ନେଟୱାର୍କ ୧ ବନ୍ଦନା ଅଗ୍ରୱାଲ, ମହାପ୍ରବନ୍ଧକ ନେଟୱାର୍କ ୨ କୌଶଲ ସିଂ, ସର୍ବଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘର ସଭାପତି ପଙ୍କଜ କୌଶିକ, ସାଧାରଣ ସମ୍ପାଦକ ଏଲ୍ ଚନ୍ଦ୍ରଶେଖରଙ୍କ ସହିତ ମଣ୍ଡଳର ସଭାପତି ଓ ସମ୍ପାଦକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ମୁଖ୍ୟ ସମ୍ପାଦକ ଗଙ୍ଗା ପ୍ରସାଦ ପଟ୍ଟନାୟକ ସମିତିର ପୁଞ୍ଜି ବିନିଯୋଗ, ଏହାର ଉନ୍ନତି ଓ ବାର୍ଷିକ ଲେଖା ବିବରଣୀ ବିଷୟରେ ଅବଗତ କରାଇଥିଲେ। କର୍ମଚାରୀ ସଂଘର ଉପସଭାପତି ନିର୍ମଳ କୁମାର ପଣ୍ଡା, ପରମାନନ୍ଦ ଦେ, ଉପ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ତରାଇ, ତୁଷାର ଦାସ, ଭୋଳାନାଥ ମେହେର, ଭାସ୍କର ପ୍ରଧାନ, ସମିତିର କୋଷାଧ୍ୟକ୍ଷ ସରୋଜ କୁମାର ଦାସ, ସହ ସମ୍ପାଦକ ଲୋକନାଥ ଛାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆରବିଆଇ ରେପୋରେଟ୍ କମାଇବା ଆଶା

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)




ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏବେ ୨୫ ବେସିସ ପଏଣ୍ଟ (ବିପିଏସ୍) ରେପୋ ରେଟ କମାଇଲେ ଘରୋଇ ଚାହିଦା ଓ ନିବେଶକୁ ଉତ୍ସାହିତ କରିପାରିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ରିସର୍ଚ ରିପୋର୍ଟ ଅନୁସାରେ, କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୪% ଲକ୍ଷ୍ୟରୁ କମ୍ ରହିଛି ଓ ଆଗାମୀ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବ ବୋଲି ଆଶା କରାଯାଉଛି। ଜିଏସଟି ସଂସ୍କାର ଦରଦାମ ବୃଦ୍ଧିକୁ ଆହୁରି କମାଇବ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ମନିଟାରୀ ପଲିସି କମିଟି (ଏମପିସି)ର ତିନିଦିନିଆ ବୈଠକ ସୋମବାରଠାରୁ ଆରମ୍ଭ ହେବ। ବିଶ୍ୱ ଭୂ-ରାଜନୈତିକ ସଙ୍କଟ ଓ ଆମେରିକାର ଭାରତୀୟ ଶିପମେଣ୍ଟରେ ୫୦% ଟାରିଫ ନିଷ୍ପତ୍ତି ପରେ ସୁଧ ଦର ଉପରେ ଚର୍ଚ୍ଚା ହେବ। ନିଷ୍ପତ୍ତି ଅକ୍ଟୋବର ୧ରେ ଘୋଷଣା ହେବ। ଫେବ୍ରୁଆରୀରୁ ଆରବିଆଇ ତିନି ପର୍ଯ୍ୟାୟରେ ୧୦୦ ବିପିଏସ୍ କମାଇଥିଲେ ମଧ୍ୟ ବୈଶ୍ୱିକ ପରିସ୍ଥିତିର ପ୍ରଭାବ ଦେଖିବାକୁ ଅଗଷ୍ଟରେ ସୁଧ ହାର ଅପରିବର୍ତ୍ତିତ ରଖିଥିଲା। ସେପ୍ଟେମ୍ବର ୨୨ରୁ ଜିଏସଟି ୫% ଓ ୧୮% ହାରରେ ସୀମିତ ରଖାଯାଇଛି ଯାହା ୯୯% ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଶସ୍ତା କରିଛି। ଏହା ଦରଦାମ ବୃଦ୍ଧି କମାଇବ ବୋଲି ଆଶା କରାଯାଉଛି। ଏସବିଆଇ ଓ କ୍ରିସିଲ ହ୍ରାସ ଚାହୁଁଥିବାବେଳେ ଅକ୍ଟୋବର ୧ରେ ପ୍ରକାଶ ପାଇବାକୁ ଥିବା ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି।। ନିବେଶକ ଓ ବଜାର ଏହି ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ରେପୋ ରେଟ କମିଲେ ହୋମ, କାର୍ ଓ ବ୍ୟବସାୟ ଲୋନର ଇଏମଆଇ ଶସ୍ତା ହୋଇପାରେ।

## ୨ ସପ୍ତାହରେ ୯.୪୨ କୋଟି ଆୟ କଲା ହୀର୍ ଏକ୍ସପ୍ରେସ

ଭୁବନେଶ୍ୱର, ୨୮।୯




ବଲିଉଡର ନୂଆ ତାରକା ଦିଭିତା ଜୁନେଜାଙ୍କ ପ୍ରଥମ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ସଫଳତା ପାଇଛି। ୨ ସପ୍ତାହରେ ଏହା ୯.୪୨ କୋଟି ଟଙ୍କା ଆୟ କରିଛି। ପ୍ରତିଦିନ ହଜାର ହଜାର ଟିକେଟ ବିକ୍ରି ହେଉଛି। ପରିବାର ଏକାଠି ଏହି ପାରିବାରିକ ଚଳଚ୍ଚିତ୍ରକୁ ଉପଭୋଗ କରୁଛନ୍ତି। ତନିଷ୍କ ବାଗ୍‌ଚୀଙ୍କ ସଙ୍ଗୀତ ଓ ଗୀତ ଦର୍ଶକଙ୍କ ମନ ଜିତିଛି। ଦିଭିତାଙ୍କ ଅଭିନୟ କ୍ରିଟିକ୍ସଙ୍କ ପ୍ରଶଂସା ପାଇଛି। ନିକଟରେ ଚଣ୍ଡିଗଡ଼ସ୍ଥିତ ଏକ ଥିଏଟର ପରିଦର୍ଶନ ବେଳେ ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# କନ୍ୟାଦିବସ ପାଳିଲା ରୂପମନ୍ତ୍ରା



ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଡିଭିସା ହର୍ବାଲସ ପ୍ରାଇଭେଟ ଲିମିଟେଡର 'ରୂପ ମନ୍ତ୍ରା' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଝିଅମାନଙ୍କ ବିଷୟରେ ନିଜର ମତ ଓ ଚିନ୍ତାଧାରା ବାଣ୍ଟିଥିଲେ। ଏହି ଅବସରରେ 'ବ୍ରାଣ୍ଡ ମେସିନ' ନାମରେ ଜଣାଶୁଣା ଉଦ୍ୟୋଗୀ ତଥା ନିବେଶକ ଡ଼. ସଞ୍ଜୀବ ଜୁନେଜା କହିଲେ, ଝିଅମାନେ ଈଶ୍ୱରଙ୍କ ପ୍ରଦତ୍ତ ଏକ ମୂଲ୍ୟବାନ ଉପହାର। ସେମାନେ ଘରକୁ ଖୁସି ଓ ପ୍ରେମରେ ଭରି ଦିଅନ୍ତି। ତୁମେ ତୁମ ଝିଅକୁ କେତେ ଭଲ ପାଉଛ ତାହା ତାକୁ ଜଣାଇବା ଜରୁରୀ, ସେ ବଡ଼ ହୋଇ ଦୂରରେ ଥିଲେ ମଧ୍ୟ ସେ ତୁମର ରାଜକୁମାରୀ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ସମ୍ବୋଧିତ କରି ଡ଼. ଜୁନେଜା କହିଥିଲେ, ଝିଅମାନଙ୍କ ପାଇଁ ଆତ୍ମବିଶ୍ୱାସ ବହୁତ ଜରୁରୀ। ଏହା ସେମାନେ ପରିବାରର ଭଲପାଇବା ଓ ଭରସାରୁ ପାଆନ୍ତି। ଝିଅମାନେ ଘରକୁ ଦୀପ ପରି ଆଲୋକିତ କରନ୍ତି। ତୁମ ଝିଅକୁ ହସାଇ ତା ପାଇଁ ଗର୍ବ ଅନୁଭବ କର।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶାଖା




ଅନୁଗୋଳ, ୨୮।୯(ମାନସ ବିଶ୍ୱାଳ)

ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ୧୦ମ ଶାଖା ଅନୁଗୋଳ ସହର ଶଙ୍କର ସିନେମା ହଲ୍ ରୋଡ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଓ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମ୍‌କୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦ ହଜାରରୁ ଊର୍ଦ୍ଧ୍ୱ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନାଗହଣା, ରୁପାଗହଣାର ତାରକସି କାରୁକାର୍ଯ୍ୟ, ହୀରାଗହଣାର ଭିନ୍ନ ଭିନ୍ନ କଲେକ୍ସନ ଏବଂ ପ୍ରିମିୟମ, ସମ୍ବଲପୁରୀ ସିଲ୍କ ଶାଢ଼ିରେ ସଜ୍ଜିତ ଏହି ଶୋ'ରୁମ୍ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳ ସହରରେ ଅରୁନ୍ଧତୀର ଦଶମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି।

# ଫୋନପେ'ର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ପାର୍ବଣରେ ବାଣ ଯୋଗୁ ହେଉଥିବା ଦୁର୍ଘଟଣାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ଫୋନପେ' ପୁଣି ଥରେ ନିଜର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ କଭରେଜକୁ ଶୁଭାରମ୍ଭ କରିଛି। ଏହି ସୁଲଭ ପ୍ଲାନ କେବଳ ଟ.୧୧ (ଜିଏସ୍‌ଟି ସହିତ)ରେ ଉପଲବ୍ଧ ଅଛି ଏବଂ ଏହା ପର୍ବପର୍ବାଣି ସମୟରେ ୧୧ ଦିନ ପାଇଁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କଭରେଜ ପ୍ରଦାନ କରିଥାଏ। ଏହା ସହିତ ସେମାନେ ଏକ ପଲିସି ଅଧୀନରେ ନିଜେ, ନିଜ ଜୀବନସାଥୀ ଏବଂ ୨ଟି ସନ୍ତାନଙ୍କୁ ମିଶାଇ ସମ୍ପୂର୍ଣ୍ଣ ପରିବାରକୁ ସୁରକ୍ଷିତ କରିପାରିବେ। ଏହି କଭରେଜ ଅକ୍ଟୋବର ୧୨ଠାରୁ ଆରମ୍ଭ ହୋଇ ୧୧ ଦିନ ପାଇଁ ବୈଧ ରହିବ।

# ମାଲାବାରର ସ୍ୱତନ୍ତ୍ର ପାର୍ବଣ ଅଫର୍




ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଦଶହରା ଓ ଧନତେରାସ୍ ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପାର୍ବଣ ଅଫର୍ ଘୋଷଣା କରାଯାଇଛି। ଏହାର ସମ୍ବଲପୁର ଷ୍ଟୋର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ପାର୍ବଣରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ନିଆରା ଡିଜାଇନର ଗହଣା ଉପଲବ୍ଧ କରାଯାଇଛି। ସୁନା ଗହଣା, ଦୁର୍ଲଭ ଷ୍ଟୋନ୍ ଏବଂ ଅନକଟ୍ ଡାଇମଣ୍ଡର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହୀରା ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିବ। ଏହି ପର୍ବରେ ଗ୍ରାହକମାନେ ସୁନ୍ଦର ଓ ମୂଲ୍ୟବାନ ଗହଣା କିଣିବାର ସୁଯୋଗ ପାଇବେ। ସେହିପରି ଧନତେରାସ ପାଇଁ ଗହଣା ବୁକ୍ କଲେ ମାଗଣା ରୁପା ମୁଦ୍ରା ମିଳିବ। ଗ୍ରାହକମାନେ ଗହଣାର ମୋଟ ଦାମର ୧୦% ଦେଇ ବୁକ୍ କରିପାରିବେ । ବୁକିଂ ଦାମ୍ କିମ୍ବା ବଜାର ଦାମ୍ ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦାମ୍‌ରେ ଗ୍ରାହକ ବୁକ୍ କରିଥିବା ଗହଣା କିଣିପାରିବେ। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଧନତେରାସ ଘରେ ସୁଖ ଓ ସମୃଦ୍ଧି ଆଣେ। ଆମେ ଗ୍ରାହକଙ୍କ ପାଇଁ ଏହାକୁ ଖାସ କରିବାକୁ ଚାହୁଁଛୁ। ଆମର ଅଫର ଗ୍ରାହକଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଏକ ଉପାୟ।

## ଅପରାଧ

# ୩ ହାତୀଦାନ୍ତ ଜବତ, ୪ ଗିରଫ

**ପୋଲିସ, ବନ ବିଭାଗର ମିଳିତ ଚଢ଼ାଉ**

କେନ୍ଦୁଝର,୨୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଜବତ ୩ ହାତୀଦାନ୍ତ।

କେନ୍ଦୁଝର ଜିଲା ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ବେଆଇନ ହାତୀଦାନ୍ତ ଚୋରାଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଆଲିଶା ବଜାରର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲା ପାରାବିଲର ଅରୁଣ କୁମାର ସାହୁ (୩୫), ଭଗାମୁଣ୍ଡାର ପ୍ରଦୀପ କୁମାର ସିଂହ (୫୦) ଓ ପାଇକାସାହିର ପ୍ରତାପ ବେହେରା (୩୬)। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୬ ସେପ୍ଟେମ୍ବର ରାତି ପ୍ରାୟ ୯ଟା ସମୟରେ ପୋଲିସ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ସେଲର ସୂଚନା ଆଧାରରେ ବନ ବିଭାଗ ଓ ପୋଲିସର ମିଳିତ ପାଟ୍ରୋଲିଂ ଦଳ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳକାଇପୁର ଗ୍ରାମ କ୍ରଶର ନିକଟରେ ଚଢ଼ାଉ କରିଥିଲା। ଅଧିକାରୀମାନେ ଉକ୍ତ ସ୍ଥାନରେ କେତେକ ଲୋକ ସନ୍ଦେହଜନକ କାର୍ଯ୍ୟକଳାପ କରୁଥିବା ଦେଖିଥିଲେ। ଚଢ଼ାଉ ସମୟରେ ଅନେକ ସନ୍ଦିଗ୍ଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମିଳିତ ଟିମ୍ ବୀରକିଶୋର, ଅରୁଣଙ୍କୁ କାବୁକରି ସେମାନଙ୍କ ନିକଟରୁ ଏକ ଧଳା ପ୍ଲାଷ୍ଟିକ ବ୍ୟାଗରେ ଥିବା ୩ଟି ହାତୀଦାନ୍ତ(ଗୋଟିଏ ୫୧ ସେମି ଲମ୍ବା ଏବଂ ୨.୦୨୬ କିଲୋଗ୍ରାମ ଓଜନ, ଆଉ ଗୋଟେ ୨୮ ସେମି ଲମ୍ବା ଏବଂ ୦.୬୦୦ କିଲୋଗ୍ରାମ ଓଜନ, ଅନ୍ୟଟି ୨୦ ସେମି ଲମ୍ବ ଏବଂ ୦.୩୮୭ କିଲୋଗ୍ରାମ ଓଜନ)ଜବତ କରିଥିଲା। ସେମାନେ ଉଭୟ ଦାନ୍ତର ବୈଧ କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଅଧିକ ପଚରାଉଚରା ପରେ, ଅରୁଣ ଦାନ୍ତଗୁଡ଼ିକ ଅନୁଗୋଳ ଭଗାମୁଣ୍ଡାର ପ୍ରଦୀପଙ୍କଠାରୁ କିଣିଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ କେନ୍ଦୁଝର ଏସିଏଫ ଡା. ସୁଦୀପ୍ତ କୁମାର ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ଼(ବିଜେପି) ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ସଦର ଥାନା ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା, ବିଜେପି ରେଞ୍ଜର ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତଙ୍କୁ ନେଇ ଏକ ଦଳ ଅନୁଗୋଳ ଯାଇ ସେଠାକାର ବନ କର୍ମଚାରୀଙ୍କ ସହାୟତାରେ ଶନିବାର ଭୋର୍ ସମୟରେ ପ୍ରଦୀପଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲା। ପ୍ରଦୀପଙ୍କୁ ଜେରା ସମୟରେ ସେ ଦୋଷ ସ୍ୱୀକାର କରିବା ସହ ସହଯୋଗୀ ପ୍ରତାପଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଟିମ୍ ପାଇକାସାହି ଗ୍ରାମରୁ ପ୍ରତାପଙ୍କୁ ଗିରଫ କରିଥିଲା। ବନ ବିଭାଗ ଏକ ମାମଲା(ନଂ.୩୪/୨୦୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଡିଏଫ୍‌ଓ କହିଛନ୍ତି, ସେମାନଙ୍କ ପାଖରେ ୪ଟି ଦାନ୍ତ ଥିବା ସୂଚନା ମିଳିଥିଲା। ଆଉ ଗୋଟିଏ ଦାନ୍ତ ଏପର୍ଯ୍ୟନ୍ତ ମିଳିନାହିଁ। ଉକ୍ତ ଦାନ୍ତ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି। ଏଥିସହ ବନ୍ୟପ୍ରାଣୀ ଅପରାଧ ସହ ଜଡ଼ିତ ଯେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି,୨୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଛି। ଏଥିରେ ୩ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୂଆପଡ଼ା ମାନପୁର ଡିଭିଜନ କମାଣ୍ଡର ସରବନ ମଡକମ୍, ମାଓବାଦୀ ନେତ୍ରୀ ବାସନ୍ତୀ କୁଞ୍ଜାମ ଓ ଏସିଏମ୍ ରାକେଶ ହେମଲା। ସେମାନଙ୍କ ନାଁରେ ୧୪ ଲକ୍ଷର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କାଙ୍କେର ଜିଲା ଧମତରି ନିକଟ ଛିନ୍ଦଖଡକ ଜଙ୍ଗଲରେ ମାଓବାଦୀ ଉପସ୍ଥିତ ଥିବା ଖବର ପାଇ ରବିବାର ସକାଳୁ କାଙ୍କେର ପୋଲିସ ଓ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ କରିଥିଲେ। ମାଓବାଦୀମାନେ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସର ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେଶନ କରି ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଏକ ଏସ୍‌ଏଲ୍‌ଆର୍ ସହ ୩ ବନ୍ଧୁକ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏହା ସରିବା ପରେ ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି କାଙ୍କେର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅପହରଣର ୧୨ଘଣ୍ଟା ପରେ ବ୍ୟବସାୟୀ ଉଦ୍ଧାର, ୫ ଗିରଫ

**ମାରଣାସ୍ତ୍ର, କାର୍ ସହ ୬ ଲକ୍ଷ ଟଙ୍କା ଜବତ**

ବାଲୁଗାଁ,୨୮।୯ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧରି ଶନିବାର ରାତିରେ ସ୍କୁଟିରେ ପାଟଣାସାହିସ୍ଥିତ ଘରକୁ ଫେରୁଥିବା ବେଳେ ୫ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଏହାର ୧୨ଘଣ୍ଟା ପରେ ଅର୍ଥାତ୍ ରବିବାର ମଧ୍ୟାହ୍ନରେ ବାଲୁଗାଁ ପୋଲିସ ମୋବାଇଲ ଫୋନକୁ ଟ୍ରାକିଂ କରି ୧୬ନମ୍ବର ଜାତୀୟ ରାଜପଥର ଚାନ୍ଦପୁରଠାରୁ ୧୦ କିଲୋମିଟର ଦୂର କଟକ ସହର ଅଞ୍ଚଳରୁ ସୁଶୀଲଙ୍କୁ ଉଦ୍ଧାର କରିବା ସହ ୫ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ପୋଲିସ ଅପହରଣରେ ବ୍ୟବହୃତ କାର୍ ସମେତ ଦୁଇଟି ମାରଣାସ୍ତ୍ର ଏବଂ ୬ ଲକ୍ଷ ଟଙ୍କା ଜବତ କରିଛି। ତେବେ ଅଧିକ ତଦନ୍ତ ଜାରି ରହିଥିବାରୁ ପରବର୍ତ୍ତୀ ସମୟରେ ଅପହରଣକାରୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ମୁତାବକ, ବାଲୁଗାଁ ପାଟଣାସାହିର ବିଜୟ ସୁବୁଦ୍ଧିଙ୍କ ବିଭିନ୍ନ କମ୍ପାନୀର ହୋଲ୍‌ସେଲ ବ୍ୟବସାୟ ସ୍ମୃତି ଏଜେନ୍ସି ନାମରେ ରହିଛି। ତାଙ୍କ ପୁଅ ସୁଶୀଲ ବ୍ୟବସାୟରେ ସହଯୋଗ କରନ୍ତି। ଦୈନନ୍ଦିନ ପରି ଶନିବାର ରାତିରେ ସୁଶୀଲ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି କାରବାର ହୋଇଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏକ ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ରାତ୍ରି ପ୍ରାୟ ୧୧ଟା ୩୦ରେ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ ଛକଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ସ୍କୁଟିରୁ ଟଙ୍କା ବ୍ୟାଗ୍ ଲୁଟିନେବା ସହିତ ଏକ କାର୍(୨୫ ବିଏଚ ୭୯୫୦)ରେ ଜୋରଜବରଦସ୍ତ ତାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ମୁଖାପିନ୍ଧା ଜଣେ ଦୁର୍ବୃତ୍ତ କାର୍ ପଛେ ପଛେ ସ୍କୁଟିକୁ ମଧ୍ୟ ନେଇ ପଳାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁଶୀଲ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଫୋନ କରିଥିଲେ। କିନ୍ତୁ ତାହା ସୁଇଚ୍ ଅଫ୍ ଥିଲା। ଏନେଇ ପରିବାର ଲୋକେ ତାଙ୍କ ସାଙ୍ଗ ସାଥୀ ଏବଂ ସମ୍ପର୍କୀୟଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରାତି ପ୍ରାୟ ୧ଟାରେ




ଜବତ କାର୍।

ସୁଶୀଲ ଫୋନରେ ଜଣାଇଥିଲେ ଯେ ବ୍ୟସ୍ତ ହେବନି, ଭିଜିଲାନ୍ସ ଟିମ୍ ନେଇ ଆସିଛନ୍ତି, କାଲି ସକାଳେ ମୁଁ ଫେରିବି। ଏଥିରେ ପରିବାରଲୋକଙ୍କ ସନ୍ଦେହ ଉପୁଜିବାରୁ ବାଲୁଗାଁ ପୋଲିସକୁ ଅବଗତ କରାଇଥିଲେ। ରବିବାର ସକାଳ ୯ଟାରେ ସୁଶୀଲ ପୁଣି ଫୋନ ମାଧ୍ୟମରେ ଭୁବନେଶ୍ୱରରୁ ଫେରୁଥିବା କହିଥିଲେ। ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ଦୁଇଟି ଟିମ୍ ନେଇ ସୁଶୀଲଙ୍କ ମୋବାଇଲ ଫୋନ ଲୋକେଶନ ଟ୍ରାକିଂ କରି ପିଛା କରିଥିଲେ। ଅପରାହ୍ନ ୧ଟାରେ କାର୍‌ଟି ଭୁବନେଶ୍ୱର ପଟୁ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଟିମ୍ ମୋବାଇଲକୁ ଟ୍ରାକିଂ କରିଥିଲା। ଚାନ୍ଦପୁର ନିକଟ କଟକ ସହରଠାରେ ପୋଲିସ ଟିମ୍ ଦୁର୍ବୃତ୍ତଙ୍କ କାର୍‌କୁ ଚିହ୍ନଟ କରି ଘେରିଯାଇଥିଲା। ତେବେ ଦୁର୍ବୃତ୍ତମାନେ ସୁଶୀଲଙ୍କୁ କାର୍‌ରୁ ଠେଲିଦେଇ ନିକଟ ଜଙ୍ଗଲ ଅଭିମୁଖେ ଦୌଡ଼ିଥିଲେ। ପୋଲିସ ଗୋଡ଼ାଉଥିବା ଦେଖି ସ୍ଥାନୀୟ ଲୋକେ ସହଯୋଗ କରି ୫ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନେ ଗଞ୍ଜାମ, ବାଣପୁର ଏବଂ ବାଲକାଟୀ ଅଞ୍ଚଳର ବୋଲି ଜଣାପଡ଼ିଛି। ସୁଶୀଲଙ୍କୁ ଉଦ୍ଧାର କରାଯିବା ସହ ଉକ୍ତ କାର୍‌ରୁ ୬ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା କହିଛନ୍ତି। ପରବର୍ତ୍ତୀ ସମୟରେ ସୁଶୀଲଙ୍କ ସ୍କୁଟିକୁ ଗଞ୍ଜାମ ଜିଲାର ଏକ ନିକାଞ୍ଚନ ଜଙ୍ଗଲରୁ ପୋଲିସ ଜବତ କରିଛି। ସୁଶୀଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୩୧୮/୨୫) ରୁଜୁ ହୋଇଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ବେଆଇନ ବାଣ କାରଖାନାରେ ଚଢ଼ାଉ

**୫ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ**

ଧାମନଗର,୨୮।୯
(ସନ୍ତୋଷ କୁମାର ମହାପାତ୍ର)



ପୋଲିସ ଜବତ କରିଥିବା ବିସ୍ଫୋରକ ସାମଗ୍ରୀ।

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଅପରାହ୍ନରେ ପୋଲିସ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଧାମନଗର ପୋଲିସ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ମଦନ ମୋହନ ରଣା(୬୭), ମନୋରଞ୍ଜନ ରଣା(୪୮) ଓ ଗୌରାଙ୍ଗ ଚନ୍ଦ୍ର ରଣା(୬୦)। ଏନେଇ ଧାମନଗର ଥାନାରେ ୩ଟି ମାମଲା (ନଂ.୩୬୧/୨୫, ୩୬୨/୨୫, ୩୬୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଏହି ଗାଁରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବେଆଇନ ଭାବେ ବାଣ ତିଆରି ଚାଲିଥିଲା। ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇ ତିଆରି ବାଣ ଦୋକାନ ବଜାରରେ ବିକ୍ରି କରାଯାଉଥିଲା। ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ସେଠୀ, ଏସ୍‌ଆଇ ପ୍ରଦୀପ କୁମାର ନାୟକ, ରଶ୍ମିତା ମଲ୍ଲିକ, ଏଏସ୍‌ଆଇ ନରେନ୍ଦ୍ର କୁମାର ରାଉତ, ଲରେନ୍ସ ଖୋଜୁର, ସୁଜିତ୍ କୁମାର ରାଉତ ପ୍ରମୁଖ ସଦଳବଳ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଏହି ବେଆଇନ କାରବାରରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ କେଉଁଠୁ, କିପରି ଓ କାହା ମାଧ୍ୟମରେ ସେଠାକୁ ଆସୁଥିଲା ସେନେଇ ପ୍ରଶ୍ନ ଉଠିଛି। ଏହି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ତିଆରି କରିବା ନେଇ ସରକାରୀ ସ୍ୱୀକୃତିପ୍ରାପ୍ତ କେତେଜଣ ବ୍ୟକ୍ତି ରହିଥିବାରୁ ସେମାନଙ୍କଠାରୁ କଞ୍ଚାମାଲ ନେଇ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।

## ମା 'ଘଣ୍ଟାସୁଣୀ ପୀଠରେ ନବରାତ୍ର

ଟିଟିଲାଗଡ଼,(ଶରତ ମିଶ୍ର): ସ୍ଥାନୀୟ ହାଟପଦାପଡ଼ାସ୍ଥିତ ପୀଠରେ ବିରାଜମାନ ଟିଟିଲାଗଡ଼ ଅଞ୍ଚଳର ଇଷ୍ଟଦେବୀଙ୍କ ନବରାତ୍ର ପୂଜାନୁଷ୍ଠାନ ଆରମ୍ଭ ହୋଇଛି। ପ୍ରତ୍ୟହ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ମନ୍ଦିରର ମୁଖ୍ୟ ପୂଜକ ରାୟ୍ ସିଂ ପାତ୍ର, କୃଷ୍ଣ ସିଂ ପାତ୍ର, ଯୋଗେଶ ସିଂ ପାତ୍ର, ରାଜକୁମାର ସିଂ ପାତ୍ର, ଉମେଶ ସିଂପାତ୍ର, ହରିହର ସିଂ ପାତ୍ର, ରାମଚନ୍ଦ୍ର ସିଂ ପାତ୍ର, ଆନନ୍ଦ ସିଂ ପାତ୍ର, କ୍ଷୀରୋଦ ସିଂ ପାତ୍ର ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରୁଛନ୍ତି। ଆସନ୍ତା ନବମୀ ତିଥିରେ ମା'ଙ୍କ ନଗର ଯାତ୍ରା ନେଇ ଭକ୍ତଙ୍କ ମଧରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ପାଇଁ ମା' ଘଣ୍ଟାସୁନି ସେବା ସମିତି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

# ଘରକୁ ପଶିଲା ପାଣି, ପାଣିରେ ପଶିଲେ ଲୋକେ

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ
### କୁମିଆପାଲିବାସୀଙ୍କ ଜଳ ସତ୍ୟାଗ୍ରହ

**ବଲାଙ୍ଗୀର,୨୮।୯(ବୀରେନ୍ଦ୍ର କୁମାର ଝାଙ୍କର)**

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ଜଳସ୍ତର ବଢ଼ିଛି। ସୁକ୍‌ତେଲ ଡ୍ୟାମ୍‌ର ଠେଲାପାଣି କୁମିଆପାଲି ଗାଁର କିଛି ଲୋକଙ୍କ ଘରକୁ ପଶିଯିବା ପରେ ଗାଁ ଲୋକେ ଏହାର ପ୍ରତିବାଦରେ ନଦୀ ପାଣିକୁ ପଶି ଜଳ ସତ୍ୟାଗ୍ରହ କରିଛନ୍ତ। ରବିବାର ପୂର୍ବାହ୍ନ ୧୧ଟାରୁ କୁମିଆପାଲିର ଆଦିବାସୀ ମହିଳା ଓ ପୁରୁଷମାନେ ପ୍ଲା କାର୍ଡ ଧରି ନଦୀ ଠେଲାପାଣି ଭିତରକୁ ପଶି ନ୍ୟାୟ ଭିକ୍ଷା କରିଥିଲେ। ଡ୍ୟାମର ଜଳ ପରିଚାଳନା ଠିକ୍ ହୋଇନଥିବାରୁ ସେମାନଙ୍କ ଧାନ ଫସଲ, ଜୀବନ ଜୀବିକା ଉଜୁଡ଼ି ଯାଇଥିବା ଅଭିଯୋଗ କରିଥିଲେ। ଡ୍ୟାମ୍ ଠେଲାପାଣି ବଢ଼ି ଚାଲିଥିବାରୁ କୁମିଆପାଲି-ଗର୍ଜନ ରାସ୍ତା କଡରେ ଥିବା ୩/୪ଟି ପରିବାରର ଘର ଭିତରକୁ ପାଣି ପଶିଯାଇଥିବା ଅଭିଯୋଗ କରିଥିଲେ। ଶନିବାର ରାତିରୁ ଘର ଭିତରକୁ ପାଣି ପଶି ଯିବାରୁ ଏହି ପରିବାରର ଲୋକେ ରନ୍ଧାବଢ଼ା କରିପାରି ନ ଥିବା ଅଭିଯୋଗ କରିଛନ୍ତି। ସରକାର ବିସ୍ଥାପିତ ହେବାକୁ ଥିବା ଆଦିବାସୀ ପରିବାରଙ୍କୁ କାହିଁକି ଏଭଳି ଅକଥନୀୟ ଦୁର୍ଦ୍ଦଶା ଭିତରକୁ ଠେଲୁଛି ବୋଲି ପ୍ରଶ୍ନ କରି ଜଳ ସତ୍ୟାଗ୍ରହ କରିଥିଲେ। ଆଦିବାସୀ ନେତା ରାମଚନ୍ଦ୍ର ବରିହା, ସୁକାନ୍ତି ବରିହା, ଦ୍ରୌପଦୀ ବରିହା, ଡୋଳାମଣି ବରିହା, ଡମ୍ବରୁ ବରିହା, କନ୍ଦର୍ପ ବରିହା, ଋଷଭ ବରିହା, ମଧୁ ବରିହା, ପାଚ୍‌ଲା ବରିହା, ବୀର ବରିହା ଓ ଗାଁର ଅନ୍ୟ କେତେଜଣ ବ୍ୟକ୍ତି ପ୍ରତୀକାତ୍ମକ ଭାବେ ନଦୀର ଠେଲା ପାଣିକୁ ପଶି ପ୍ରତିବାଦ ଜଣାଇଥିଲେ। ରାମଚନ୍ଦ୍ର କହିଛନ୍ତି ଯେ, କୁମିଆପାଲି ଗାଁର ୭୦ରୁ ଊର୍ଦ୍ଧ୍ୱ ପରିବାର ଲୋକେ ଏଯାଏଁ କ୍ଷତିପୂରଣ କି ଅନ୍ୟ ପ୍ରକାରର କୌଣସି ସହାୟତା ଗ୍ରହଣ କରିନାହାନ୍ତି। ସେମାନେ ଜିଲାପାଳ, ସ୍ଥାନୀୟ ମନ୍ତ୍ରୀ ତଥା ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆଦିବାସୀ ପରିବାରର ୧୨ ଦଫା ମୌଳିକ ଦାବି ପୂରଣ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଅଦ୍ୟାବଧି ପ୍ରଶାସନ କି ସରକାର ସେ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସେମାନେ ଗାଁ ଛାଡି ନାହାନ୍ତି।

ଚଳିତବର୍ଷ ବର୍ଷା ପ୍ରାରମ୍ଭରୁ ଜିଲାପାଳଙ୍କ ପାଖକୁ ଯାଇ ଲୋକେ ଗାଁ ଛାଡିବେ ନାହିଁ ବୋଲି ଜଣାଇଥିଲେ। ଚଳିତବର୍ଷ ଡ୍ୟାମରେ ପାଣି ରହିବ ନାହିଁ ବୋଲି ଜାଣିବା ପରେ ଗାଁ ଲୋକେ ସେଠାରେ କିଛି ଜମିରେ ଧାନ ଚାଷ କରିଥିଲେ। ତେବେ ଠେଲା ପାଣି ଯୋଗୁ ଏବେ ଗାଁର ଧାନ କିଆରି ସବୁ ବୁଡି ଯାଇଛି। ଧାନ ଫସଲ ନଷ୍ଟ ହୋଇଯାଇଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଠେଲା ପାଣି ଗାଁ ନିକଟକୁ ଚାଲି ଆସିଥିବାରୁ ଯେକୌଣସି ସମୟରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଲୋକେ ତୁରନ୍ତ ଡ୍ୟାମ୍ ପାଣି ଛାଡିବାକୁ ଦାବି କରିଛନ୍ତି। ଏହା ସହିତ କ୍ଷତିପୂରଣ ଆକଳନ କରି ପ୍ରଭାବିତ ଲୋକଙ୍କୁ ଚାଷର କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସରକାର ଆଦିବାସୀଙ୍କ ଉପରେ ଜୁଲୁମ ନ କରିବାକୁ ସେମାନେ ଦାବି କରିଥିଲେ। ଆଜିର ଜଳ ସତ୍ୟାଗ୍ରହକୁ ପ୍ରତୀକାତ୍ମକ ଦର୍ଶାଇ ସରକାର ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି ସେମାନେ ଜଣାଇଛନ୍ତି। ରବିବାର ଲୋୟର ସୁକ୍‌ତେଲ ଅଫିସ ପକ୍ଷରୁ କେତେଜଣ ଅଧିକାରୀ ସେଠାକୁ ଯାଇ ଜଳ ସ୍ଥିତି ଆକଳନ କରି ଫେରିଥିବା ଜଣାପଡିଛି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇଙ୍କୁ ପଚରାଯିବାରୁ ଅପରାହ୍ଣ ୪ଟାରୁ ଡ୍ୟାମ୍‌ର ଦ୍ୱିତୀୟ ବନ୍ୟା ଜଳ ଛଡାଯାଇଛି ବୋଲି କହିଛନ୍ତି।



ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଗାଁର ଲୋକେ ପ୍ରତିବାଦରେ ଜଳ ସତ୍ୟାଗ୍ରହ କରିଛନ୍ତି।

# ଆରମ୍ଭ ହେଲା ଟ୍ରାଏଲ ଇରିଗେଶନ୍

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ
### ଚାଷୀଙ୍କୁ ଦିଆଗଲା ଦଶହରା ଭେଟି: ଡ୍ୟାମ୍ କର୍ତ୍ତୃପକ୍ଷ



**ବଲାଙ୍ଗୀର,୨୮।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଲୋୟର ସୁକ୍‌ତେଲ ଡ୍ୟାମ୍‌ର ଦ୍ୱିତୀୟ ବନ୍ୟାଜଳ ରବିବାର ଅପରାହ୍ଣ ୪ଟାରେ ଛଡାଯାଇଛି। ଡ୍ୟାମ୍ ଭିତର ଜଳସ୍ତର ୧୯୯ ମିଟର ପହଞ୍ଚିବା ପରେ ଡ୍ୟାମ୍‌ର ସ୍ଥିତି ଆକଳନ କରାଯାଇ ବନ୍ୟା ଜଳ ଛଡାଯାଇଥିବା ସୂଚନା ଦିଆଯାଇଛି। ଡ୍ୟାମର ଦ୍ୱିତୀୟ ବନ୍ୟା ଜଳ ଛଡାଯିବା ନେଇ ବଲାଙ୍ଗୀର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ, ବଲାଙ୍ଗୀର ବିଡିଓ ଏବଂ ତହସିଲଦାର ଓ ଲୋଇସିଂହା ବିଡିଓ ଏବଂ ତହସିଲଦାରଙ୍କୁ ଏନେଇ ସୂଚନା ଦିଆଯାଇଛି। ଡ୍ୟାମର ବନ୍ୟା ଜଳ ଛଡାଯିବା ପରେ ଜଳସ୍ତର କମିବା ଆରମ୍ଭ କରିଥିବା ଜଣାପଡିଛି। ପ୍ରାୟ ଦୁଇଦିନ ହେବା ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁକ୍‌ତେଲ ଡ୍ୟାମ୍‌ର ଜଳସ୍ତର ବଢ଼ିଥିଲା। ଏବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଟ୍ରାଏଲ ଇରିଗେସନ୍ ଆରମ୍ଭ କରାଯାଇଛି। ଡ୍ୟାମର ବାମ ଏବଂ ଡାହାଣ ପଟେ ଟ୍ରାଏଲ ଇରିଗେସନ୍ ଆରମ୍ଭ ହୋଇଯାଇଥିବାରୁ ଏହାକୁ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ଦଶହରା ଭେଟି ବୋଲି କୁହାଯାଉଛି। ଏହି ଟ୍ରାଏଲ ଇରିଗେସନ୍ ଆରମ୍ଭ ହୋଇଯିବା ଯୋଗୁ ୨୦୨୬ ମସିହାରେ ହେବାକୁ ଥିବା ଫାଇନାଲ ଇରିଗେସନ୍ ଟ୍ରାଏଲ ପକ୍କା ହୋଇଥିବା କୁହାଯାଉଛି। ଏହାକୁ ନେଇ ପ୍ରଶାସନ, ବିଭାଗ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ରବିବାର ଅପରାହ୍ଣ ୪ଟାରୁ ଡ୍ୟାମ୍‌ରୁ ଦ୍ୱିତୀୟ ବନ୍ୟା ଜଳ ଛଡାଯାଇଥିବାରୁ କୁମିଆପାଲି ଗାଁର ଯେଉଁ କିଛି ଲୋକଙ୍କ ଘର ଭିତରକୁ ପାଣି ପଶିଥିଲା ତାହା କମିବା ଆରମ୍ଭ କରିଛି ବୋଲି କୁହାଯାଉଛି।

ସୋମବାର ସକାଳ ସୁଦ୍ଧା ଡ୍ୟାମ୍‌ର ପାଣି ପାଖାପାଖି ୧ ମିଟର କମିଯିବ ବୋଲି ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ଭୋଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହଠାତ୍ ଡ୍ୟାମ ଭିତର ଜଳସ୍ତର ବଢ଼ିଯାଇଥିଲା। ଫଳରେ କୁମିଆପାଲି ଗାଁର ନଦୀଖଣ୍ଡି ପାଖରେ ଥିବା କିଛି ଲୋକଙ୍କ ଘରକୁ ପାଣି ପଶିଯିବା ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ସ୍ଥିତି ଆକଳନ କରାଯାଇ ଡ୍ୟାମ୍‌ରୁ ଅପରାହ୍ଣରେ ବନ୍ୟାଜଳ ଛଡାଯାଇଛି। ଇତିମଧ୍ୟରେ ଡ୍ୟାମ୍‌ର ଉଭୟ ବାମ ଓ ଡାହାଣ ପଟ ପମ୍ପ ହାଉସରେ ଟ୍ରାଏଲ ରନ୍ କରାଯାଇଛି। ଟ୍ରାଏଲ ଇରିଗେସନ୍ ଆରମ୍ଭ ହୋଇଯାଇଥିବାରୁ ଚାଷୀଙ୍କ ଜମିକୁ ପାଣି ପହଞ୍ଚିବା ଲକ୍ଷ୍ୟ ଶୀଘ୍ର ପୂରଣ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଏହି ଟ୍ରାଏଲ ଇରିଗେସନ୍ ଆରମ୍ଭ ହୋଇଯାଇଥିବା ଏବଂ ଉଭୟ ବାମ ଓ ଡାହାଣ ପଟ ପମ୍ପ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇଥିବା ସେ କହିଛନ୍ତି। ଆଗକୁ ଟ୍ରାଏଲ ଇରିଗେସନ୍ ଜାରି ରହିବ। ବିଭିନ୍ନ ସ୍ଥାନରେ ପାଇପ୍ ଜଳସେଚନ କିଭଳି ଚାଲିଛି ତାର ନିରୀକ୍ଷଣ କରାଯାଉଛି ବୋଲି ଇଂ ଭୋଇ ସୂଚନା ଦେଇଛନ୍ତି।

# ଶାରଦୀୟ ଦୁର୍ଗା ପୂଜା ପାଇଁ କଳସ ଶୋଭାଯାତ୍ରା

**ଲୋଇସିଂହା,୨୮।୯(ସୁଶାନ୍ତ ବାରିକ)**

ରବିବାର ଆଶ୍ୱିନ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁଭଲଗ୍ନ ଅନୁଯାୟୀ ବଲାଙ୍ଗୀର ଜିଲାର ଲୋଇସିଂହା, ବୁର୍ଡା, ଯୋଗୀସର୍ଡା, ବାଦିବାହାଲ ଆଦି ଗ୍ରାମର ପୂଜା କମିଟି ପକ୍ଷରୁ ବିଲ୍ୱବରଣ କଳସ ଶୋଭାଯାତ୍ରା ଓ ନବପତ୍ରିକା ସ୍ନାନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମଣ୍ଡପରେ ସପ୍ତମୀ ଅବସରରେ ସପ୍ତମୀ ବିହିତ ପୂଜା, ଚଣ୍ଡିପାଠ, ହୋମ, ଆଳତି ଆଦି କରାଯାଇ ଶାରଦୀୟ ପୂଜା ଆରମ୍ଭ ହେବ। ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ପର୍ଯ୍ୟନ୍ତ ମଣ୍ଡପରେ ସମାରୋହରେ ପୂଜା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ମା' ଦୁର୍ଗାଙ୍କ ଚିତ୍ତାକର୍ଷକ ମୃଣ୍ମୟୀ ମୂର୍ତ୍ତି ନିର୍ମିତ ହୋଇଛି। ୫୫ ତମ ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛ। ପୂଜା ଅବସରରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଜୟା ଦଶମୀ ତିଥିରେ ଲାଖବିନ୍ଧା କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ରହିଛି। ସେହିପରି ବୁର୍ଡାର ୨୮ ତମ ପୂଜା ପୂଜା କମିଟି ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହେଉଛି। ଏଠାରେ ସୋମବାରଠାରୁ ଆସନ୍ତା ଗୁରୁବାର ୪ ଦିନ ବ୍ୟାପି ସନ୍ଧ୍ୟା ସମୟରେ ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ବିଜୟା ଦଶମୀ ତିଥିରେ ଅପେରା ଓ ରାବଣ ପୋଡି ଉତ୍ସବ ରହିଛି। ୮୦ ଫୁଟ ଉଚ୍ଚତାର ରାବଣର ପ୍ରତିକୃତି ଓ ଆତସବାଜି ଖେଳ ମୁଖ୍ୟ ଆକର୍ଷଣ ରହିଛି। ସେହିପରି ଯୋଗୀସର୍ଡା ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ୧୩ତମ ପୂଜା ମହାସମାରୋହରେ ପାଳିତ ହେଉଛି। ପୂଜା ଅବସରରେ ସୋମବାର ରାମଲୀଳା ଓ ବୁଧବାର ଜଣାଶୁଣା ସଂକୀର୍ତ୍ତନ୍ୟ କଳାକାରଙ୍କୁ ନେଇ କୀର୍ତ୍ତଧାରା ଅନୁଷ୍ଠିତ ହେବ। ସେହିପରି ବାଦିବାହାଲ ବେହେରାପଡାରେ ୮ମ ବର୍ଷ ତ୍ରିଦିନାତ୍ମକ ସାର୍ବଜନୀନ ଦୁର୍ଗା ପୂଜନୋତ୍ସବ ଅନୁଷ୍ଠିତ ହେଉଛି। ଏଠାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଲୋୟର ସୁକତେଲ ଡ୍ୟାମ୍‌ରୁ ୨ୟ ବନ୍ୟା ଜଳ ଛଡ଼ାଗଲା

**ଲୋଇସିଂହା,୨୮।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ସୁକତେଲ ଡ୍ୟାମ୍‌ରୁ ରବିବାର ଅପରାହ୍ନ ୪ଟାରେ ସାଇରନ୍ ବଜାଇ ଚଳିତବର୍ଷର ଦ୍ୱିତୀୟ ବନ୍ୟା ଜଳ ତଳମୁଣ୍ଡକୁ ଛଡାଯାଇଛି। ରବିବାର ବଲାଙ୍ଗୀର ଲୋୟର ସୁକତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ବଲାଙ୍ଗୀର ଉପଜିଲାପାଳ, ବଲାଙ୍ଗୀର ଓ ଲୋଇସିଂହା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ପୂର୍ବାହ୍ନ ସମୟରେ ଅବଗତ କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ଦୁଇଦିନ ହେଲା ଲୋଇସିଂହା,ବଲାଙ୍ଗୀର ସମେତ ଡ୍ୟାମ୍‌ର ଉପର ମୁଣ୍ଡରେ ବର୍ଷା ହେବା ଦ୍ୱାରା ଡ୍ୟାମରେ ବହୁ ପରିମାଣରେ ଜଳ ପ୍ରବେଶ କରୁଛି । ଡ୍ୟାମ୍‌ର ପଛୁଆ ପାଣି ଯୋଗୁ ଲୋଇସିଂହା ବ୍ଲକର ବୁଡି ଅଞ୍ଚଳରୁ ଉଚ୍ଛେଦ ହୋଇ ନ ଥିବା କୁମିଆପାଲି ଗାଁକୁ ପ୍ରବେଶ କରିଛି । ଏଥିରେ କୁମିଆପାଲି ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅପରାହ୍ନ ୪ଟାରେ ସାଇରନ୍ ବଜାଇ ୩ଟି ଗେଟ ଜରିଆରେ ପାଣି ଛଡାଯାଇଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବଲାଙ୍ଗୀର,୨୮।୯(ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଇଁଷା ଗ୍ରାମର ବସଷ୍ଟାଣ୍ଡ ନିକଟରେ ରବିବାର ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଥାନା ସୁନାମୁଦୀ ପଞ୍ଚାୟତ ତେନ୍ତୁଲିଖୁଣ୍ଟି ଗ୍ରାମର ନବୀନ ବଗର୍ତ୍ତି (୫୦)। ସେ ବାଇକ୍ ଯୋଗେ ପାଟଣାଗଡ଼ ପଟୁ ଆସୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଦେଓଗାଁ ମେନରୋଡ ଓ ରଣାପଡାରେ ଦୁର୍ଗାପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

**ଦେଓଗାଁ,୨୮।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମେନରୋଡ ଓ ରଣାପଡା ଜୟଦୁର୍ଗା କ୍ଲବରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି । ଦେଓଗାଁ ମେନରୋଡରେ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ୫୮ତମ ଦୁର୍ଗାପୂଜା ପାଇଁ ସକାଳେ ସ୍ଥାନୀୟ ଯୋଗୀ ସାଗରରେ ରୀତିନୀତି ଅନଯାୟୀ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଧାରଣ କରି ଶ୍ରଦ୍ଧାଳୁମାନେ ପୂଜା ମଣ୍ଡପରେ ପହଞ୍ଚି ଥିଲେ । ସେଠାରେ ଅଧିବାସ ତଥା ବିଲ୍ୱାବରଣ ଷଷ୍ଠୀପୂଜା ଆଦି ହୋଇଥିଲା । ପୂଜକ ଭାବେ ବାଳକୃଷ୍ଣ କର ଏବଂ କର୍ତ୍ତା ଭାବେ ଅଚ୍ୟୁତ ଭଞ୍ଜ ଓ ମଞ୍ଜୁଲତା ଭଞ୍ଜ ଦାୟିତ୍ୱରେ ରହିଛନ୍ତି । କମିଟି ସଭାପତି ଭାବେ ପପୁ ପାତ୍ର ଓ ସମ୍ପାଦକ ଭାବେ ପିଣ୍ଟୁ ପୋଢ଼ ଦାୟିତ୍ୱରେ ରହିଛନ୍ତି । ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଧାରା, ଭଜନ ସନ୍ଧ୍ୟା, କରମସାନୀ ନୃତ୍ୟ ଆଦି ପରିବେଷଣ କରାଯିବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ । ସେହିପରି ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ମଧ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି ।






# କାଠକୁ ନେଇ ହତ୍ୟା, ଅଭିଯୁକ୍ତ ଗିରଫ

**ହରଭଙ୍ଗା,୨୮।୯(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଗୋଛାବାରି ଜଙ୍ଗଲରୁ ଗତ ଶୁକ୍ରବାର ରାଣିକା ସାହୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ପରେ ପୋଲିସ ଗ୍ରାମର ବୈଦ୍ୟନାଥ ଅମାତଙ୍କୁ (୪୫) ଅଟକ ରଖି ପଚରାଉଚୁରା କରିବାରୁ ସତ୍ୟାସତ୍ୟ ପଦାକୁ ଆସିଥିଲା। ଏହି ଘଟଣାରେ ରବିବାର ସକାଳେ ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନରିକ୍ରେସନ କରିଥିଲା। ଏ ନେଇ ପୁରୁଣାକଟକ ଥାନା ପରିସରରେ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଏସ୍‌ଡିପିଓ ଲରେନ୍‌ସ ରାଉତରାୟ ସୂଚନା ଦେଇ କହିଥିଲେ, ଗତ ୨୬ ତାରିଖ ସକାଳେ ରାଣିକା ଜଙ୍ଗଲକୁ ଜାଳେଣି କାଠ ପାଇଁ ଯାଇଥିଲେ। ଜଙ୍ଗଲରେ କାଠ ସଂଗ୍ରହ କରି ଗଚ୍ଛିତ ରଖିଥିବା ବେଳେ ବୈଦ୍ୟନାଥ ସେଥିରୁ କିଛି କାଠ ନେଇଯାଇଥିଲେ।


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

**ଗୋଛାବାରି ଜଙ୍ଗଲରୁ ମୃତଦେହ ଉଦ୍ଧାର ଘଟଣା**

ରାଣିକା ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଅଭିଯୁକ୍ତ ଏକ ପଥରରେ ରାଣଇକାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିବା ପୋଲିସ କହିଛି। ଏ ନେଇ ପୁରୁଣାକଟକ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୫୭/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ବୋଲି ଏସ୍‌ଡିପିଓ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୁରୁଣାକଟକ ଥାନାଧିକାରୀ ଅରୁଣ କୁମାର ସିଂ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବୌଦ୍ଧରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

**ବୌଦ୍ଧ,୨୮।୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ବନ୍ୟପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ରବିବାର ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଛି। ଉପନିର୍ଦ୍ଦେଶକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ଡ. ଶୁଭେନ୍ଦୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ସମାଜ ସହିତ ପ୍ରାଣୀ ସମ୍ପଦକୁ ମଧ୍ୟ ଜଳାତଙ୍କ ରୋଗରୁ ବଞ୍ଚାଇବାବାକୁ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅଭିମନ୍ୟୁ ରାଉତ, ବୌଦ୍ଧ ଆଦର୍ଶ ଥାନାଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରାଣୀମାନଙ୍କୁ ଜଳାତଙ୍କ ରୋଗରୁ ବଞ୍ଚାଇବା ପାଇଁ ସ୍କୁଲ, କଲେଜ ସହିତ ବିଭିନ୍ନ ଅନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ତପନ କୁମାର ଦ୍ୱିବେଦୀ ପାୱାର ପଏଣ୍ଟ ମାଧ୍ୟମରେ ଜଳାତଙ୍କ ରୋଗ ବିଲୁଆ, ଗଧିଆ, କୁକୁର ନେଉଳ, ବାଦୁଡି ଆଦି ପ୍ରାଣୀଙ୍କୁ ସଂକ୍ରମଣ କରୁଥିବା ଭୂତାଣୁ ଜନିତ ରୋଗ ବୋଲି କହିଥିଲେ। ଅତିରିକ୍ତ ଚିକିତ୍ସାଧିକାରୀ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ ରୋଗର ଲକ୍ଷଣ ଜାଣିବାକୁ ଓ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ଟିକାକରଣ କରିବା ପାଇଁ ପରାମର୍ଶ ଦେଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅତାବିରା ଦୁର୍ଗାପୂଜା ରାମଲୀଳା ସୀତା ଚୋରି

**ଅତାବିରା,୨୮।୯(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ପ୍ରସିଦ୍ଧ ଦୁର୍ଗାପୂଜା ମହୋତ୍ସବ ପାଇଁ ଦିନକୁ ଦିନ ଉତ୍ସାହ ଉର୍ଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ଅବସରରେ ଚାଲିଥିବା ରାମଲୀଳା କାର୍ଯ୍ୟକ୍ରମର ରବିବାର ତୃତୀୟ ରାଜନୀରେ ସୀତା ଚୋରୀ ଦୃଶ୍ୟ ଅଭିନୟ ପରିବେଷଣ ଗୋଇଯାଇଛି। ରାବଣ ଭୂମିକାରେ ଅଭିନୟ କରୁଥିବା ବରିଷ୍ଠ ଖଳନାୟକ ଅଭିନେତା ଶୁଶିଲ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ତାଙ୍କ ଟିମ ରାମଲୀଳା କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ରବିବାର ମାଁ ଦୁର୍ଗାଙ୍କ ସପ୍ତମୀ ପୂଜା ହୋଇଥିବା ବେଳେ ମେଢ଼ ପୂଜା ପାଇଁ ସୋମବାର ବିରାଟ କଳସ ଯାତ୍ରା ଅନୁଷ୍ଠିତ ହେବ। ଥାନା ସମ୍ମୁଖ ପେଣ୍ଡାଲରେ ମୃଣ୍ମୟୀ ମୂର୍ତ୍ତି ପୂଜା ରବିବାର ଆରମ୍ଭ ହୋଇଛି। ମନ୍ଦିର ପୀଠରେ ଚଳିତ ଥର ଅରୁଣ ହୋତା ସପତ୍ନିକ କର୍ତ୍ତା ଥିବା ବେଳେ ମୃଣ୍ମୟ ମୂର୍ତ୍ତି ପୂଜା ପୀଠରେ ଦିନେଶ କେଶିକ କର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଉମା ଓ ସାଥୀ ଆର୍କେଷ୍ଟ୍ରା ପ୍ରବଳ ଜନସାମାଗମରେ ପରିବେଷଣ ହୋଇଯାଇଛି।


ରାମଲୀଳା ଅଭିନୟରେ ସୀତାଚୋରୀ ଦୃଶ୍ୟ।

# ପାର୍ବଣକୁ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ବୈଠକ

**ବୌଦ୍ଧ,୨୮।୯(ଅଜିତ କୁମାର ବାରିକ)**

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ବିଭିନ୍ନ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ରବିବାର ବୌଦ୍ଧ ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଲରେନ୍‌ସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂଜା ମଣ୍ଡପ ଗୁଡିକ ପ୍ରଶାସନଠାରୁ ଆବଶ୍ୟକ ଅନୁମତିପତ୍ର ନେବାକୁ ଗୁରୁତ୍ୱାରୋପ କରାଯିବା ସହିତ ଶବ୍ଦ ପ୍ରଦୂଷଣ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତି ପୂଜା ମଣ୍ଡପ ସମ୍ମୁଖରେ ଜନଗହଳିକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବୌଦ୍ଧ ଆଦର୍ଶ ଥାନାଧିକାରୀ ନଳିନୀକାନ୍ତ ଦାଶଙ୍କ ସମେତ ବିଭିନ୍ନ ପୂଜା କମିଟିର ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୫୦ ବର୍ଷରେ ପୁରୁଣାକଟକ ବସ୍ତ୍ରାଣ୍ଡ ଦୁର୍ଗାପୂଜା


ପୁରୁଣାକଟକ ବସ୍ତ୍ରାଞ୍ଚଳରେ ମା'ଙ୍କ ପୂଜାମଣ୍ଡପ!

**ହରଭଙ୍ଗା,୨୮।୯(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ବସଷ୍ଟାଣ୍ଡ ଦୁର୍ଗାପୂଜାକୁ ଚଳିତବର୍ଷ ୫୦ ବର୍ଷ ପୂରିଛି। ପୂର୍ବରୁ ମା'ଙ୍କ ପୂଜା ସପ୍ତମୀଠାରୁ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ମା'ଙ୍କ ପୂଜା ନବରାତ୍ରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ମା'ଙ୍କ ପୂଜା ନଅ ଦିନ ଧରି ଅନୁଷ୍ଠିତ ହେଉଛି। ଏଥିପାଇଁ ବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ସମସ୍ତ ତୋରଣ ଓ ଆଲୋକରେ ସାଜସଜ୍ଜା କରାଯାଇଛି। ମା'ଙ୍କ ପୂଜା ପାଇଁ ପୁରୁଣାକଟକ ବଜାର ଚଳଚଞ୍ଚଳ ହୋଇପଡିଛି। ଏ ନେଇ ପୂଜା କମିଟି ସଭାପତି ସୁରେନ କୁମାର ପ୍ରଧାନ କହନ୍ତି, ପୂଜାକୁ ୫୦ ବର୍ଷ ପୂରୁଛି। ସେଥିପାଇଁ ମା'ଙ୍କ ପୂଜା ନଅ ଦିନ ଧରି କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ବସଷ୍ଟାଣ୍ଡ ଅଞ୍ଚଳର ବ୍ୟବସାୟୀଙ୍କ ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି ବୋଲି ସେ କହିଛନ୍ତି।

# ଜିଲା କଲଚରାଲ ଏକାଡେମୀର ସାହିତ୍ୟ ଆସର

**ବୌଦ୍ଧ,୨୮।୯(ଅଜିତ କୁମାର ବାରିକ)**

ଅନୁଗୋଳ ଜିଲା ଆଠମଲିକ ମହାନଦୀ କୂଳରେ ଥିବା ବିଶ୍ୱଗୁରୁ କଇଁଫୁଲ ବାବାଙ୍କ ବେଲପୁ ମଠରେ ରବିବାର ବୌଦ୍ଧ ଜିଲା କଲାଚରାଲ ଏକାଡେମୀର ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଛି। ସ୍ତମ୍ଭକାର ତଥା ଅନୁଷ୍ଠାନର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ଆସରରେ ନିୟମିତ ଲେଖିବା, ଶବ୍ଦଗୁଡିକର ଆବଶ୍ୟକ ସଂଯୋଜନା କରିବା ପୂର୍ବକ ସାହିତ୍ୟ ରଚନା କରି ବୌଦ୍ଧ ଜିଲାକୁ ଓଡିଆ ସାହିତ୍ୟ କ୍ଷେତ୍ରରେ ପରିଚିହ୍ନିତ କରିବାକୁ ଘିବେଲା କବିମାନଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସୁଧିର କର୍ଣ୍ଣ, ଆଠମଲିକର ପୂର୍ବତନ ବିଇଓ ଦେବରାଜ ନାୟକ, ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଧୁରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟାପକ ଭରଦ୍ୱାଜ ମହାକୁଡ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କବି ଆକାଶ ସାହୁ କବିତା ସଂଯୋଜନା କରିଥିବା ବେଳେ କବୟିତ୍ରୀ ରଶ୍ମିତା କୁମାରୀ ବେହେରା ଭଜନ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମାହାଣା ଅତିଥି ପରିଚୟ ପ୍ରଦାନ, କାର୍ତ୍ତିକେଶ୍ୱର ନାୟକ ସ୍ୱାଗତ ଭାଷଣ ଓ ରାଜକୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।






# ଗାଡ଼ି ଧକ୍କାରେ ଯୁବକ ମୃତ, କ୍ଷତିପୂରଣ ଦାବିରେ ଥାନା ଘେରାଉ

**ସୁନ୍ଦରଗଡ଼/ବଡ଼ଗାଁ, ୨୮।୯ (ଜୟ ନାରାୟଣ ମେଣ୍ଡୁଲି/ ଅଶୋକ ଷଡ଼ଙ୍ଗୀ)**

ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ୍ ୱେର ସୁନ୍ଦରଗଡ଼ ନିକଟବର୍ତ୍ତୀ କରମଡିହିଠାରେ ଶନିବାର ରାତିରେ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡଗାଁ ଥାନା ଅନ୍ତର୍ଗତ କାଦୋପଡ଼ା ଗ୍ରାମର ଅଶ୍ୱିନୀ ସାହୁ। ସେ ତାଙ୍କ ବାଇକ୍ ଯୋଗେ ସୁନ୍ଦରଗଡ଼ରେ ରହୁଥିବା ଭଡ଼ାଘରକୁ ଫେରୁଥିଲେ। ରାତି ପ୍ରାୟ ୧୦ଟାରେ ରାଉରକେଲା ପଟୁ ସୁନ୍ଦରଗଡ଼ ଆଡକୁ ଫେରୁଥିବା ପୋଲିସ ଲେଖାଥିବା ଏକ ବୋଲେରୋ(ନଂ. ଓଡି୨୩ଏମ୍-୪୭୪୭) ଉକ୍ତ ବାଇକ୍‌କୁ ଧକ୍କାଦେଇ ରାସ୍ତାରେ ଓଲଟି ପଡିଥିଲା। ଦୁର୍ଘଟଣାରେ ଅଶ୍ୱିନୀ ଗୁରୁତର ହୋଇଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ କାଦୋପଡା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ରବିବାର ପୂର୍ବାହ୍ନରେ ବଡ଼ଗାଁ ଥାନାରେ ପହଞ୍ଚିଥିଲେ। ହେଲେ ଘଟଣାଟି ସଦର ଥାନା ଅଞ୍ଚଳରେ ଘଟିଥିବାରୁ ପୋଲିସ ସେଠାକୁ ଯିବାକୁ ସେମାନଙ୍କୁ କହିଥିଲା। ପରେ ମହିଳାମାନେ ସଦର ଥାନାରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକଙ୍କୁ ଗିରଫ କରିବା ପାଇଁ ଥାନା ଘେରାଉ କରିଥିଲେ। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ଗାଡି ମାଲିକଙ୍କ ପକ୍ଷରୁ ୭୦ ହଜାର ଟଙ୍କା ପ୍ରଦାନ ବ୍ୟବସ୍ଥା କରାଇଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ଦୁର୍ଘଟଣାଜନିତ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତ କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡିଟି ଶନିବାର ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା କାର୍ଯ୍ୟକ୍ରମରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ରାଉରକେଲାରେ ଛାଡି ସୁନ୍ଦରଗଡ଼ ଫେରୁଥିବାବେଳେ କରମଡିହିଠାରେ ଭାରସାମ୍ୟ ହରାଇ ବାଇକ୍ ସହିତ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ବୋଲେରୋକୁ ପୋଲିସ ଜବତ କରିଛି। ଏନେଇ ସୁନ୍ଦରଗଡ଼ ସଦର ଥାନାରେ ଏକ ମାମଲା(ନଂ.୩୪୫/୨୫) ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ମହାପାତ୍ର କହିଛନ୍ତି, ଦୁର୍ଘଟଣା ଘଟାଇଥିବା ବୋଲେରୋ ପୋଲିସ ବିଭାଗର ନୁହେଁ। ଏହା ଶନିବାର ଝାରସୁଗୁଡ଼ା କାର୍ଯ୍ୟକ୍ରମ ପାଇଁ ପରିବହନ ବିଭାଗ ପକ୍ଷରୁ ନିୟୋଜିତ ହୋଇଥିଲା।

ଅପରପକ୍ଷରେ ଅଶ୍ୱିନୀଙ୍କ ମୃତ୍ୟୁ ଖବରଶୁଣି ତାଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ସାହୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି।

**ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ଫିନାଇଲ୍ ପିଇଲେ ସ୍ତ୍ରୀ**

# ୩ ମହିଳା ଲୁଟେରା ଗିରଫ, କୋର୍ଟ ଚାଲାଣ

**ରାଜଗାଙ୍ଗପୁର, ୨୮।୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ଦ୍ୱାରା ରବିବାର ଲୁଟ କରୁଥିବା ଅଭିଯୋଗରେ ୩ ମହିଳା ଲୁଟେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଛତିଶଗଡର ବିଲାସି ବାଇ, ସୁନି ବାଇ ଓ ବିନିତା ଲୋହାର। ସୂଚନାଯୋଗ୍ୟ, ରାଜଗାଙ୍ଗପୁରରେ ରବିବାର ସାପ୍ତାହିକ ବଜାର ବସିଥାଏ। ଏହି ଦିନ ବହୁତ ଭିଡ ଥିବାରୁ ଏହାର ସୁଯୋଗ ନେଇ କିଛି ଦିନ ହେବ ବୁଢାବୁଢୀ ଓ ମହିଳାଙ୍କଠାରୁ ଲୁଟ ହେଉଥିଲା। ରବିବାର ଦିନ ପ୍ରାୟ ୯ଟା ସମୟରେ ଲାଞ୍ଜିବେର୍ଣ୍ଣା ନିବାସି ମହିଳା ଅମ୍ରିତା କୁଲ୍ଲୁ ବଜାର ନିକଟ ପୋଷ୍ଟ ଅଫିସ ପାଖରେ ଯାଉଥିବା ସମୟରେ ଉପରୋକ୍ତ ୩ ଜଣ ମହିଳା ଅମ୍ରିତାଙ୍କୁ ମାଡମାରି ତଳେ ପକାଇ ଦେଇ ତାଙ୍କର ଭେନିଟି ବ୍ୟାଗକୁ ଟାଣିନେଇ ପଳାଇଥିଲେ। ଏହି ଭେନିଟି ବ୍ୟାଗରେ ୨୫ ହଜାର ୫୦୦ ଟଙ୍କା ଓ ୨ଟି ବ୍ୟାଙ୍କର ଏଟିଏମ କାର୍ଡ ଥିଲା। ଘଟଣା ପରେ ଅମ୍ରିତା ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଥାନା ଅଧିକାରୀ ବିଜୟ ଦାସଙ୍କ ନେତୃତ୍ୱରେ ପୋଲିସ ୩ ମହିଳା ଲୁଟେରାଙ୍କୁ ଠାବକରି ଧରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନଙ୍କଠାରୁ ଲୁଟ ସାମଗ୍ରୀ ଜବତ ହୋଇଥିଲା। ରାଜଗାଙ୍ଗପୁର ଥାନାରେ ଏନେଇ ଏକ ମାମଲା (ନଂ.୫୦୭/୨୦୨୫) ରୁଜୁ ହୋଇ ଏସଆଇ ରାଜେଶ ସେଠି ତଦନ୍ତ ଜାରି ରଖିଛନ୍ତି।

# ପିସିସିଏଫ୍‌ଙ୍କ ଲହୁଣୀପଡା ଗସ୍ତ

**ଲହୁଣୀପଡା, ୨୮।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ବାଙ୍କୀ ବନାଞ୍ଚଳରେ ରବିବାର ପିସିସିଏଫ ସୁରେଶ ପନ୍ଥ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ଜଣାପଡିଛି। ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସେକସନର ବଡ ପୁରୁଣା ପାଣି ପଞ୍ଚାୟତ ସମରଦରୀ ଠାରେ ୫୦ ହେକ୍ଟର ଜମିରେ ହୋଇଥିବା ଏଏନଆର ପ୍ଲାଣ୍ଟ ଷ୍ଟେସନ ଓ ଜିବକାପୋଷଠାରେ ୫ ହେକ୍ଟର ଜମିରେ ହୋଇଥିବା ଆରଇଟି ପ୍ଲାଣ୍ଟ ଷ୍ଟେସନକୁ ବୁଲି ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ସ୍ଥାନୀୟ ଆଦିବାସୀ ପାରମ୍ପାରିକ ନୃତ୍ୟର ତାଳେ ତାଳେ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପିସିସିଏଫଙ୍କ ଗସ୍ତ କାଳରେ ଆରସିସିଏଫ ରାମସ୍ୱାମୀ ପି. ଏସିଏଫ ସୁରଜିତ ସାହୁ ଓ ଗଜେନ୍ଦ୍ର ମାଥୁର, ରେଞ୍ଜର ସେତୁରଞ୍ଜନୀ ଗୋମାଙ୍ଗ, ଫରେଷ୍ଟର ରାଜେଶ କୁମାର ଜୋତିଷି ଙ୍କ ସମେତ ବନରକ୍ଷୀ, କର୍ମଚାରୀ, ବନସୁରକ୍ଷା ସମିତି ସଭ୍ୟାସଭ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ କଲେଜରେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ସୁନ୍ଦରଗଡ, ୨୮।୯(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବରେ ଇତିହାସ ବିଭାଗର ବରିଷ୍ଠ ପ୍ରଫେସର ଡକ୍ଟର ବବିତା ଭିଡ୍ରିଆ ଶନିବାର ଯୋଗଦାନ କରିଛନ୍ତି। ମହାବିଦ୍ୟାଳୟର କର୍ମଚାରୀ ସଂଘ ଦ୍ୱାରା ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଆଲୋକ କୁମାର ନାଏକ ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ନୂତନ ଅଧ୍ୟକ୍ଷା ପ୍ରଫେସର ଭିଡ୍ରିଆ ମହାବିଦ୍ୟାଳୟର ଶୈକ୍ଷିକ ଓ ପ୍ରଶାସନିକ ଦିଗ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡକ୍ଟର ସାକୀର ହୁସେନ ସଂଯୋଜନା କରିଥିବାବେଳେ ଅର୍ଥନୀତି ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ନିକୁଞ୍ଜ କିଶୋର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଗଗନବିହାରୀ ପ୍ରଧାନ, ପ୍ରକାଶ ସାହୁ, ସେକସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର କର୍ମଚାରୀଙ୍କ ଦାବି ପୂରଣ ନେଇ ଆନ୍ଦୋଳନ ଡାକରା

- କେନ୍ଦୁପତ୍ର କର୍ମଚାରୀ ସଂଘର ସଭା
- ପିସିସିଏଫ୍‌ଙ୍କ ଅଫିସର ଅରଣ୍ୟ ଭବନରେ ସମାବେଶ, ଧାରଣା ନିଷ୍ପତ୍ତି

**ବଡ଼ଗାଁ, ୨୮।୯( ଅଶୋକ ଷଡ଼ଙ୍ଗୀ)**

କେନ୍ଦୁପତ୍ର କର୍ମଚାରୀଙ୍କ ଦାବି ପୂରଣ ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଏଥିପାଇଁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ମାରୱାଡ଼ି ଧର୍ମଶାଳାରେ ରବିବାର ରାଉରକେଲା ଡିଭିଜନର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଡିଭିଜନ ସମ୍ପାଦକ ତଥା ରାଜ୍ୟ କୋଷାଧ୍ୟକ୍ଷ କ୍ଷେତ୍ର ଚନ୍ଦ୍ର ବାରିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ପିସିସିଏଫଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଅକ୍ଟୋବର ୧୪ ତାରିଖରେ ହେବାକୁ ଥିବା ସମାବେଶ ତଥା ଧାରଣା ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା ଏହି ସମାବେଶ ଓ ଧାରଣା, ଆନ୍ଦୋଳନକୁ ସଫଳ କରିବାକୁ ସମସ୍ତ ରେଞ୍ଜର ପ୍ରତ୍ୟେକ ଫଡି ସ୍ତର ରୁ ତୋଳାଳୀ, ସମସ୍ତ ଫଡ଼ି ସାଥୀ, ମୁନସୀ, ଚେକର, ସର୍କଲ ଚେକର୍, ହେଡ ଚେକରମାନଙ୍କୁ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଏହିସମାବେଶରେ ମୁଖ୍ୟତଃ ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରୀମିକ ମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳୀ ଓ ବନ୍ଧେଇ ଶ୍ରମିକଙ୍କ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଙ୍କ ଘୋଷଣା ଅନୁଯାଇ ୪୬୦ ଟଙ୍କା ଓ ୭୦୦ ଟଙ୍କା ସହାୟତା ଦିଆଯିବା କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ତୋଳାଳୀମାନଙ୍କ ପତ୍ର ଦର ବୃଦ୍ଧି ଦାବିରେ ଏହି ସମାବେଶ ତଥା ଧାରଣା ଦେବାକୁ ଯାଉଥିବାରୁ ଏହାକୁ ସଫଳ କରିବାକୁ ରାଉରକେଲା ଡିଭିଜନର ସମସ୍ତ ରେଞ୍ଜ ମାନଙ୍କରୁ ସମୁଦାୟ ୩୦୦ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ଯୋଗଦେବାକୁ ନିଷ୍ପତି ନିଆଯାଇଛି। ହେଡ ଚେକର ଓ ରେଞ୍ଜ ସମ୍ପାଦକ ଯଥାକ୍ରମେ ସୁଭାରାମ ପ୍ରଧାନ, ତ୍ରିଲୋଚନ କିସାନ, ପର୍ଶୁରାମ ଭଇଁସଲ , ବିରଞ୍ଚି ନାୟକ, ସମବାରୁ କିସାନ, ଦୁର୍ଗା ମାହାନ୍ତ, ମଙ୍ଗଳ ଲାକ୍ରା, ପ୍ରବୋଧ ତିର୍କୀ, ଗଣେଶ୍ୱର ନାୟକ, ଅନ୍ତର୍ଯ୍ୟାମୀ ନାୟକ, ନରହରି ମହାକୁଲ, ଦୁର୍ଗା ଭଇଁସଲ ପ୍ରମୁଖ ବ୍ୟକ୍ତିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ସଭାରେ ଉପସ୍ଥିତ ଅତିଥି।

# ଗାଡ଼ି ଧକ୍କାରେ ଯୁବକ ମୃତ

**କୁତ୍ରା, ୨୮।୯ (ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବିଜୁ ଏକ୍ସପ୍ରେସ ୱେରେ ଏକ ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟା ସାଢେ ୭ଟା ସମୟରେ କୁତ୍ରା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ ବସନ୍ତ ମହାନନ୍ଦିଆ (୪୦)। ସେ ବାଇକ୍‌ରେ କୁତ୍ରାରୁ ବିରିଙ୍ଗାଟୋଲିକୁ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇଥିଲା। ଧକ୍କାରେ ସେ ରାସ୍ତାରେ ପଡି ଗୁରୁତର ଆହତ ହୋଇଥିଲେ। କୁତ୍ରା ଅଗ୍ନିଶମ ବିଭାଗର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ସହିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବସନ୍ତ ମହାନନ୍ଦିଆ ଭୋଗରା ଗ୍ରାମର ଥିଲେ ଏବଂ ବିରିଙ୍ଗାଟୋଲିରେ ଶ୍ୱଶୁର ଘରେ ରହୁଥିଲେ। ସେ କୁତ୍ରାର ଏକ ହୋଟେଲରେ କାମ କରୁଥିଲେ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ।






# ଏଥର ଆକର୍ଷଣ ଇକୋ ଫ୍ରେଣ୍ଡ୍ଲି ତୋରଣ




**ଝାରସୁଗୁଡ଼ା,୨୮।୯(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ସରବାହାଲସ୍ଥିତ ଓଁ ଶ୍ରୀ ପୂଜା କମିଟି ପକ୍ଷରୁ ହେଉଥିବା ଦୁର୍ଗାପୂଜା ଏଥର ୫୦ ବର୍ଷରେ ପଦାର୍ପଣ କରିଛି। ତେଣୁ କମିଟି ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ରାବଣପୋଡ଼ି ଉତ୍ସବ ପାଇଁ ଏହି କମିଟି ଝାରସୁଗୁଡ଼ା ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଚଳିତବର୍ଷ ଏହି କମିଟି ପକ୍ଷରୁ ଇକୋ ଫ୍ରେଣ୍ଡ୍ଲି ତୋରଣ ନିର୍ମାଣ କରାଯାଇଛି। ଏଥିରେ ପ୍ଲାଷ୍ଟିକ୍ ତଥା ପରିବେଶ ପ୍ରତି କ୍ଷତି କରୁଥିବା ସାମଗ୍ରୀ ବ୍ୟବହାର ନ ହୋଇ କେବଳ ମାଟି, ବାଉଁଶ ଓ ପ୍ରାକୃତିକ ରଙ୍ଗରେ ତୋରଣ ନିର୍ମାଣ କରାଯାଇଛି। ପଶ୍ଚିମବଙ୍ଗର ୫୦ରୁ ଊର୍ଦ୍ଧ୍ୱ କାରିଗର ମା'ଙ୍କ ମୂର୍ତ୍ତି ଓ ତୋରଣ ତିଆରି କରିଛନ୍ତି। ଯାହାକି ଭକ୍ତଙ୍କୁ ଆକର୍ଷିତ କରୁଛି। ସୋମବାର ମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ। ସେହିପରି ମଙ୍ଗଳବାର ମହାଷ୍ଟମୀ, ବୁଧବାର ନବମୀ ଓ ଗୁରୁବାର ବିଜୟା ଦଶମୀରେ ଅପରାଜିତା ପୂଜା ଅନୁଷ୍ଠିତ ହେବ। ୨୯ ତାରିଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ୩୦ରେ ସମ୍ବଲପୁରୀ ଗାୟକ ଆଶିଷ କୁମାର ଓ ଟିମ୍ ଦ୍ୱାରା ମେଲୋଡି, ଅକ୍ଟୋବର ୧ରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଓ ଟିମ୍ ଦ୍ୱାରା ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ଆସନ୍ତା ୨ ତାରିଖରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ୬୧ ଫୁଟ ଉଚ୍ଚତାର ରାବଣ ପ୍ରତିକୃତୀ ନିର୍ମାଣ କରାଯିବ। ୫ ତାରିଖରେ ହେବାକୁ ଥିବା ମା'ଙ୍କ ଭସାଣ ଉତ୍ସବରେ ଦୁଲଦୁଲି, କୀର୍ତ୍ତନ ଦଳ, ବେଲପାହାଡ଼ର କଲ୍କୀ, ଲଖନପୁରର ସମ୍ପ୍ରଦା ଆଦି ଦଳ ସାମିଲ ହେବାର କାର୍ଯକ୍ରମ ରହିଛି। ଏହି ପୂଜାରେ କର୍ତ୍ତା ଭାବେ ଜିତୁ ହୋତା ତାଙ୍କ ପତ୍ନୀ ଦାୟିତ୍ୱ ତୁଲାଉଥିବାବେଳେ ସମ୍ବଲପୁରର ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ପୂଜକ ଏବଂ ହରେଶ ମିଶ୍ର, ଅଜୟ ମିଶ୍ର, ସଞ୍ଜୟ ପୂଜାରୀ ପଣ୍ଡିତ ଭାବରେ କାର୍ଯ୍ୟ କରୁଛନ୍ତି। କମିଟି ଉପସଭାପତି ରଘୁନନ୍ଦନ ପାଢ଼ୀ, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ପ୍ରକାଶ ପଣ୍ଡା, ରବିନାରାୟଣ ହୋତା, ଅନ୍ତର୍ଯ୍ୟାମୀ ପଣ୍ଡା, ପୂର୍ବତନ ସାଧାରଣ ସମ୍ପାଦକ ରାଜେଶ ପାଢ଼ୀ, ମୁଖ୍ୟ ଉପଦେଷ୍ଟା ଭାବେ ରୁଦ୍ର ଶରଣ ହୋତା ପୂଜା ପରିଚାଳନା କରୁଛନ୍ତି।



" ଚଳିତବର୍ଷ ପୂଜାରେ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ୫୦ ବର୍ଷରେ ପୂଜା ପହଞ୍ଚି ଥିବାରୁ କମିଟି କାର୍ଯ୍ୟକର୍ତ୍ତାଙ୍କ ସହିତ ସ୍ଥାନୀୟ ଜନସାଧାରଣ ମଧ୍ୟ ସାହାଯ୍ୟ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ଯାହାକି ଆମକୁ ପ୍ରେରଣା ଯୋଗାଉଛି।

**ରବୀନ୍ଦ୍ର ଦୀକ୍ଷିତ, ସଭାପତି**



" ସୁରୁଖୁରୁରେ ପୂଜା ସମ୍ପନ୍ନ ପାଇଁ କମିଟି ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନୋରଞ୍ଜନ କରିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାବଣପୋଡ଼ି ଉତ୍ସବକୁ ଜାକଜମକରେ କରାଯିବ।

**ଆଦିତ୍ୟ ପୂଜାରୀ, ସାଧାରଣ ସମ୍ପାଦକ**



" ୧୯୭୬ ମସିହାରେ ସ୍ଥାନୀୟ ଅଞ୍ଚଳର କେତେଜଣ ମୁରବୀଙ୍କୁ ନେଇ ପୂଜା ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଏହାର କଳେବର ବୃଦ୍ଧି ପାଇଥିବାବେଳେ ଏବେ ଏହି ପୂଜା ଜିଲାରେ ପ୍ରସିଦ୍ଧି ଲାଭ କରିଛି। ଚଳିତବର୍ଷ ପୂଜା ପାଇଁ ୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

**ବେଣୁଗୋପାଳ ପାଣିଗ୍ରାହୀ, ପୂର୍ବତନ ସଭାପତି**

# ରେଳ ଓଭର ବ୍ରିଜ୍‌ରୁ ଖସି ଯୁବକ ମୃତ

**ବ୍ରଜରାଜନଗର,୨୮।୯(ବିଜୟ ବରାଡ଼)**

ବ୍ରଜରାଜନଗର ଥାନା ଅନ୍ତର୍ଗତ ରାଜପୁର ପଞ୍ଚାୟତ ରେଳ ଓଭରବ୍ରିଜ୍ ଉପରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜପୁର ଗ୍ରାମର ବିପିନ ସାହୁ। ପରିବାର ସଦସ୍ୟଙ୍କ କହିବାନୁଯାୟୀ, ଶନିବାର ରାତିରେ ବିପିନ ରେଳ ଓଭରବ୍ରିଜ ଉପରେ ବସିଥିଲେ। ହେଲେ ରାତିରେ ଘରକୁ ଫେରି ନ ଥିଲେ। ରବିବାର ମଧ୍ୟାହ୍ନରେ ରେଳ ଲାଇନ ଉପରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ନାୟକ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଜୟାଦଶମୀ ଉତ୍ସବ ପାଳିତ



କାର୍ଯ୍ୟକ୍ରମରେ ଆରଏସ୍ଏସ୍‌ର ସଦସ୍ୟମାନେ।

**ଦେବଗଡ଼,୨୮।୯(ଶଶାଙ୍କ ଶେଖର ଝାଙ୍କର)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍ଏସ୍ଏସ୍)ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଦେବଗଡ଼ ନଗର ଗୋକେନେଶ୍ୱର ବସ୍ତି ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆରେ ସଂଘର ବିଜୟା ଦଶମୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନଗର ସଂଘ ଚାଳକ ଯୋଗେନ୍ଦ୍ର ଶତପଥୀ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଭାଗର ସଂଘ ଚାଳକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ସଂଘର ୧୦୦ ବର୍ଷର ସଂଘର୍ଷମୟ ଜୀବନ ଏବଂ (ପଞ୍ଚ ପରିବର୍ତ୍ତନ) ସାମାଜିକ ସମରସତା, ସ୍ୱଦେଶୀ, କୁଟୁମ୍ବ ପ୍ରବୋଧନ, ନାଗରିକ କର୍ତ୍ତବ୍ୟ, ପର୍ଯ୍ୟାବରଣ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଗୁରୁଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅଜୟ ମିଶ୍ର, ଆଲୋକ ମିଶ୍ର, ଅନନ୍ତ ଦାଶ, ଶୁଭ୍ରାଂଶୁ ଶେଖର ଗୁରୁ, ବିରଞ୍ଚି ନାରାୟଣ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଅରବିନ୍ଦ ନାୟକ, ରାଷ୍ଟ୍ରୀୟ ସେବିକା ସମିତି ନଗର କାର୍ଯ୍ୟବାହିକା ମୀନାକ୍ଷୀ ମିଶ୍ର, ପୂର୍ବତନ ବିଧାୟକ ସୁବାସ ପାଣିଗ୍ରାହୀ, ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ, ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ୍ ଭୋଜଙ୍କ ସମେତ ସ୍ୱୟଂସେବକ ସଂଘର ସଦସ୍ୟ, ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଏନ୍ଏଚ୍ଆର୍‌ସିରେ ମାମଲା ରୁଜୁ

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

**ଦେବଗଡ଼,୨୮।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନଖଣ୍ଡ ଠିଆନାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବୁଢାଖମଣ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ତ୍ୱରିତ ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ ପାଇଁ ଦେବଗଡ଼ର ସାମାଜିକ କର୍ମୀ ତଥା ଆଇନଜୀବୀ ଆଲୋକ କୁମାର ମିଶ୍ର ରବିବାର ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି)ରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଏନ୍ଏଚ୍ଆର୍‌ସିରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଢାଖମଣ ଗ୍ରାମର ବାଣେଶ୍ୱର ବେହେରା(୭୨) ଗତ ୨୫ ତାରିଖ ସକାଳେ ଦାନ୍ତକାଠି ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ହେଲେ ସେଠାରେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମ ନିକଟରେ ହାତୀ ଥିବା ନେଇ ବନ ବିଭାଗ ପକ୍ଷରୁ ସତର୍କ କରାଯାଇ ନ ଥିଲା। ତେଣୁ ବନ ବିଭାଗର ଅବହେଳା ପାଇଁ ଏଭଳି ଘଟଣା ଘଟିଲା। ବାଣେଶ୍ୱର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଅଭିଯୋଗପତ୍ରରେ ଦର୍ଶାଯାଇଛି।









### ଗଞ୍ଜେଇ ଜବତ, ୨ ଗିରଫ

**ଘଣ୍ଟାପଡ଼ା,(ପ୍ରଭାତ କୁମାର ସାହୁ):** ଗଞ୍ଜେଇ କାରବାର ବେଳେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ପୋଲିସ ଅଇଁଳାବୁଆଁ ନିକଟ ବୁଲାଣି ରାସ୍ତାରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ବେହେରାପାଲିର ବ୍ରଜେଶ ମେହେର ଓ ଶତ୍ରୁଘନ ଭୋଇ। ଉଭୟଙ୍କଠାରୁ ୨୧ କେଜି ଗଞ୍ଜେଇ ଏବଂ ଏକ ବାଇକ୍ (ନଂ.ଓଡିଶା୩୧ଏନ/୨୬୫୫) ଜବତ ହୋଇଛି। ରବିବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

# ସମ୍ବିଧାନର ସୁରକ୍ଷା ପାଇଁ ଏକଜୁଟ ହେବାକୁ ଆହ୍ୱାନ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ଆଜି ସମସ୍ତ ସରକାରୀ ଅନୁଷ୍ଠାନଗୁଡିକୁ ଘରୋଇକରଣ କରି ଦିଆଯାଇଛି। ଦେଶରେ ଏକ ସାମ୍ପ୍ରଦାୟିକ ହିଂସାର ବାତାବରଣ ସୃଷ୍ଟି କରାଯାଇଛି। ଯଦି କୌଣସି ସରକାରୀ ଅନୁଷ୍ଠାନ ରହିବ ନାହିଁ, ତା'ହେଲେ ବହୁଜନମାନଙ୍କ ସଂରକ୍ଷଣର କୌଣସି ଅର୍ଥ ରହିବ ନାହିଁ। ତେଣୁ ବହୁଜନ ସମାଜକୁ ଏକଜୁଟ ହୋଇ ସମ୍ବିଧାନର ସୁରକ୍ଷା କରିବାକୁ ହେବ। ଚାଷୀ ଆନ୍ଦୋଳନର ସାଥୀମାନଙ୍କୁ ଆଦିବାସୀଙ୍କ ଲଢେଇରେ ଏବଂ ଦଳିତ ଆନ୍ଦୋଳନରେ ସାମିଲ ହେବାକୁ ପଡ଼ିବ। ଦେଶକୁ ସାମ୍ପ୍ରଦାୟିକ ଶକ୍ତି, କମ୍ପାନୀ ପୁଞ୍ଜିପତିଙ୍କ ସ୍ୱାର୍ଥର ରାଜନୀତିରୁ ମୁକ୍ତ କରି ଏକ ସମତା, ଭାଇଚାରା ଆଧାରିତ ସମାଜବାଦୀ ରାଷ୍ଟ୍ର ନିର୍ମାଣ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ଲଢେଇ କରିବାର ସ୍ୱପ୍ନ ହିଁ ଡ. ବାବା ସାହେବ ଭୀମ ରାଓ ଆମ୍ବେଡକର, ଡ. ରାମ ମନୋହର ଲୋହିଆ ଏବଂ କିଶନ ପଟ୍ଟନାୟକ ସ୍ୱପ୍ନକୁ ସାକାର କରିପାରିବ ବୋଲି ଶନିବାର ସନ୍ଧ୍ୟାରେ ବିଶିଷ୍ଟ ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୨୧ ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମଠାରେ ଅନୁଷ୍ଠିତ 'ଶୁଦ୍ର ଭାରତର ସ୍ୱପ୍ନ ଏବଂ ସମ୍ବିଧାନର' ଶୀର୍ଷକ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଲକ୍ଷ୍ମଣ ଯାଦବ ଯୋଗଦେଇ ମତପ୍ରକାଶ କରିଛନ୍ତି। ଏହି ସ୍ମାରକୀ



କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ।

### କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମାରକୀ ବକ୍ତୃତା

ବକ୍ତୃତା କାର୍ଯ୍ୟକ୍ରମରେ ଚାଷୀନେତା ଅଶୋକ ପ୍ରଧାନ ସଭାପତିତ୍ୱ ଏବଂ କିଶନ ପଟ୍ଟନାୟକ ସମତା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଲିଙ୍ଗରାଜଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ଯାଦବ ଆହୁରି କହିଥିଲେ, ସମାଜବାଦୀ ଚିନ୍ତାନାୟକ କିଶନ ସ୍ୱାମୀ ବିବେକାନନ୍ଦଙ୍କ ପରିକଳ୍ପିତ ଏକ ଶୁଦ୍ର ଭାରତର ସ୍ୱପ୍ନ ଦେଖୁଥିଲେ। ବରଗଡ଼ ତାଙ୍କ କର୍ମଭୂମି ଅଟେ। କିନ୍ତୁ ସେ ସାରାଦେଶରେ ସମାଜବାଦୀ ଚିନ୍ତକ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ଯେତେବେଳେ ସାରା ବିଶ୍ୱରେ ଏବଂ ଆମ ଦେଶରେ ଭୂମଣ୍ଡଳୀକରଣର, ଜଗତୀକରଣର କୌଣସି ବିକଳ୍ପ ନାହିଁ ବୋଲି ସେହି ନୀତି ଅନୁସରଣ କରାଯାଉଥିଲା, ସେହି ସମୟରେ କିଶନ ପଟ୍ଟନାୟକ 'ବିକଳ୍ପ ହୀନ ନୁହେଁ ଏ ଦୁନିଆ' ଶୀର୍ଷକ ବହି ଲେଖିଯାଇଛନ୍ତି ବୋଲି କହି ଡ. ଯାଦବ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡା ଏବଂ ବରଗଡ଼ ଆଦି ଅଞ୍ଚଳରୁ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ଡ. ଯାଦବଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ବରିଷ୍ଠ ନେତା ଅରୁଣ କୁମାର ସାହୁ ମଞ୍ଚାସୀନ ଥିଲେ ଏବଂ ସୀତାରାମ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ପରେ ଦ୍ୱିତୀୟ ଭାଗରେ ଶଙ୍କର ମହାନନ୍ଦଙ୍କ ରଚିତ ଗାନ୍ଧୀ ଓ ଆମ୍ବେଡକର ଉପରେ ଆଧାରିତ ସମ୍ବଲପୁରୀ ନାଟକ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ସମଲେଶ୍ୱରୀଙ୍କ କାଳରାତ୍ରି ବେଶ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)



ଶାରଦୀୟ ପୂଜନୋତ୍ସବରେ ବରଗଡ଼ର ଶକ୍ତିପୀଠଗୁଡିକ ଉତ୍ସବମୁଖର ହୋଇପଡ଼ିଛି। ଏହି କ୍ରମରେ ରବିବାର ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ କାଳରାତ୍ରି ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ଦେବୀଙ୍କୁ ଦର୍ଶନ ପାଇଁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ଆସି ଦେବୀଙ୍କୁ ଦର୍ଶନ କରିଥିଲେ। ଭକ୍ତମାନଙ୍କ ସମସ୍ତ ସୁବିଧା ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିଲା।

## ନିଗମାନନ୍ଦ ବିହାର ଦୁର୍ଗାପୂଜା ଆରମ୍ଭ


ଦୁର୍ଗାପୂଜା ଅବସରରେ କଳସ ଶୋଭାଯାତ୍ରା।

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନମ୍ବର-୧ ନିଗମାନନ୍ଦ ବିହାରଠାରେ ରବିବାର ଶାରଦୀୟ ଦୁର୍ଗାପୂଜାର ଶୁଭାରମ୍ଭ ହୋଇଛି। ଚଳିତବର୍ଷ ପୂଜାର ପଡ଼ାବାସୀଙ୍କ ପକ୍ଷରୁ ସଞ୍ଜୀବ କୁମାର ଦାଶ ସସ୍ତ୍ରୀକ କର୍ତ୍ତାଭାବେ ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ବିଲ୍ୱବରଣ ଓ କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ପୂଜା କମିଟି ସଭାପତି ଚନ୍ଦ୍ରଶେଖର କର୍ଣ୍ଣ, ସମ୍ପାଦକ ନବୀନ ସାବତଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ପଡ଼ାବାସୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସହ ସମ୍ପାଦକ

### ବିଲ୍ୱବରଣ, କଳସ ଯାତ୍ରା ସମ୍ପନ୍ନ

ହେମନ୍ତ ପ୍ରଧାନ, କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ଭୋଇ, ଶେଖର ବହିଦାର, ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ଉପସଭାପତି ଅର୍ଜୁନ ସେଟ, ସମ୍ପାଦକ ଟିକେଲାଲ ନାଏକ, ବରିଷ୍ଠ ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ, ବାଙ୍କା ବିହାରି ସାହୁ, ପ୍ରଦୀପ ସାହୁ, ସନ୍ତୋଷ ପଣ୍ଡା, ଅରୁଣ ସେଟ, ଦଇତାରୀ ସାହୁ, ନୀଳକଣ୍ଠ ସାହୁ, ବିଦ୍ୟାଧର କର, ଦିନେଶ ବିଶ୍ୱକର୍ମା, ପ୍ରମୋଦ ସାହୁ, ଚନ୍ଦ୍ରମଣି ଦାଶ, ଗଗନ ବିହାରୀ ଦାଶ, ଶରତ ଦାସ, ଜଗବନ୍ଧୁ ନାଏକ, ସୁରେଶ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର


ଭାଙ୍ଗି ଯାଇଥିବା ଘର ସହ ରୁଦନା।

ପାଇକମାଳ,୨୮।୯(ବଢ଼ ଶତପଥୀ)

ପାଇକମାଳ ବ୍ଲକରେ ପାଞ୍ଚଦିନ ହେଲା ଲଗାଣ ବର୍ଷା ଲାଗି ରହିଥିଲା। ପ୍ରବଳ ବର୍ଷା ଯୋଗୁ ରବିବାର କାଂସଡା ଗାଁର ରୁଦନା ମାଝୀଙ୍କ ଘର ଭାଙ୍ଗିଯାଇଛି। ରୁଦନା ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଶାସନ ତରଫରୁ ତଦନ୍ତ କରି ଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଜର୍ଜଗଡ଼ରେ ୩୨ତମ ଦୁର୍ଗାପୂଜା କଳସ ଯାତ୍ରା


ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା।

ପାଇକମାଳ,୨୮।୯(ବଢ଼ ଶତପଥୀ)

ପାଇକମାଳ ବ୍ଲକ ନୃସିଂହନାଥ ରାସ୍ତାରେ ଥିବା ଜର୍ଜଗଡ଼ରେ ୩୨ତମ ଦୁର୍ଗାପୂଜା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ପୁରୁଷ ପୁଅ ଝିଅ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ନିକଟସ୍ଥ ଝରଣାରୁ ଏକ ଶୋଭାଯାତ୍ରାରେ ୧୫୧କଳସୀରେ ପବିତ୍ର ଜଳ ଆଣି ଦୁର୍ଗାପୂଜା ପେଣ୍ଡାଲରେ କଳସ ସ୍ଥାପନ କରିଛନ୍ତି। କର୍ତ୍ତା ଭାବରେ ତ୍ରିଲୋଚନ ବରିହା ତାଙ୍କ ସହଧର୍ମିଣୀ ଶୋଭାବତୀ ଧରୁଆ ଦାୟିତ୍ୱ ତୁଲାଉ ଥିବାବେଳେ ପଣ୍ଡିତ ଦେବରାଜ ପଣ୍ଡା, ମନୋଜ ପୁରୋହିତ, କୁଳମଣି ମିଶ୍ର ପ୍ରମୁଖ ପୂଜା, ପାଠ, ହୋମ ଯଜ୍ଞର ଦାୟିତ୍ୱ ନେଇଛନ୍ତି। ପୂଜା କମିଟିରେ ସଭାପତି ଅଜୟ କୁମାର ସେଠ, ଉପସଭାପତି ଗୋପାଳ ସା, ସମ୍ପାଦକ ଗୋକୁଳାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ କୈଳାସ କୁମ୍ଭାର, ସୁରଜ ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ଦୁର୍ଗାପୂଜା ୨୮ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଯାଏ ଚାଲିବ ବୋଲି ପୂଜା କମିଟି ସଭାପତି ଜଣାଇଛନ୍ତି। ପୂଜା ସୁରୁଖୁରୁରେ ପରିଚାଳନା ପାଇଁ ଗ୍ରାମର ବୟୋଜ୍ୟେଷ୍ଠ ଲୋକଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠନ ହୋଇଛି। ଏଥିରେ ପୂର୍ଣ୍ଣରାମ ସା, ବିଭୂତି ମୁଣ୍ଡ, ନରେନ୍ଦ୍ର କୁମାର ସାହୁ, ଅଶ୍ୱିନୀ ସାହୁ, ବଢ଼ ଶତପଥୀ, ଭୁବନେ ସା, ବସନ୍ତ ସାମଲ, ଡାକ୍ତର ଅନିଲ କୁମାର ମିଶ୍ର, ଯୋଗେନ୍ଦ୍ର ସାହୁ ଓ ରଣଜିତ ସରାଫ ପ୍ରମୁଖ ଅଛନ୍ତି। ଆଜିର କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ ଝାଙ୍କର ଲୋକନାଥ ସାମିନି, ସହ ବିରଞ୍ଚି ସୁନା, ସଞ୍ଜୟ ସାମଲ, ଜିତେନ୍ଦ୍ର ମଟାରି ପ୍ରମୁଖ କରିଥିଲେ।

## ରାଜବୋଡ଼ାସମ୍ବର ସାର୍ବଜନୀନ ଦୁର୍ଗାପୂଜା ଖଣ୍ଡାଧୁଆରୁ ଆରମ୍ଭ


ପଦ୍ମପୁର ରାଜବାଟୀରୁ ଖଣ୍ଡାଧୁଆ ଶୋଭାଯାତ୍ରା।

ପଦ୍ମପୁର,୨୮।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁରର ରାଜବୋଡ଼ାସମ୍ବର ସାର୍ବଜନୀନ ଦୁର୍ଗାପୂଜା ରବିବାରରୁ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୩ ତାରିଖରେ ଶେଷ ହେବ। ରବିବାର ଅପରାହ୍ନ ୩ଟାରେ ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜାର ପ୍ରଥମ ପର୍ବ ଖଣ୍ଡାଧୁଆ କାର୍ଯ୍ୟକ୍ରମ ରାଜବାଟୀରୁ ବାହାରି ନଗର ପରିକ୍ରମା କରି ରଜାପଡ଼ାସ୍ଥିତ ରାଜଘାଟଠାରେ ଖଣ୍ଡାଧୁଆ ପରମ୍ପରା କାର୍ଯ୍ୟ ଅନୁଷ୍ଠିତ ହୋଇ ରାଜବାଟୀକୁ ଫେରିବ। ସୋମବାରରୁ ଅକ୍ଟୋବର ୨ ତାରିଖ ଯାଏ ବରଗଡ଼ର ପ୍ରସିଦ୍ଧ ହୃଷୀକେଶ ଭୋଇ ଓ ସାଥୀଙ୍କ ଅଭିନୀତ ରାମଲୀଳା ଅନୁଷ୍ଠିତ ହେବ। ବିଭିନ୍ନ ଦିନରେ ଅର୍କେଷ୍ଟ୍ରା ଉମାକାନ୍ତ ବାରିକ ଓ ଗ୍ରୁପ, ପଦ୍ମଶ୍ରୀ ଖଟେଇ କଳାଜୀବୀ ବରଗଡ଼, ସରଗମ ସୀତାରା ଆଶିଷ କୁମ୍ଭାର ଗ୍ରୁପ, କୃଷଗୁରୁ, ସୋନପୁର ମହିଳା ଦଣ୍ଡନୃତ୍ୟ, ଜଟଲା ଗଣେଶ ଅପେରା ଏବଂ ରାବଣପୋଡ଼ି କାର୍ଯ୍ୟକ୍ରମ ରହିଛି। ଅଶୋକ ପଡ଼ିଆରେ ମିନାବଜାର ଟାଉନ କ୍ଲବରେ କଳାକୁଞ୍ଜ ରହିବ। ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଓ ପଦ୍ମପୁର ନଗରବାସୀ ପ୍ରତିଟି କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସାର୍ବଜନୀନ ଦୁର୍ଗାପୂଜା କମିଟି ପଦ୍ମପୁର ସଭାପତି ଅନୁରୋଧ କରିଛନ୍ତି।

## ସୋହେଲା, ବ୍ଲୁ ଡାଇମଣ୍ଡ ଦଳ ବିଜୟୀ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଆନ୍ତଃ କ୍ଲବ ନକ ଆଉଟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ସୋହେଲା ଦଳ ଓ ବ୍ଲୁ ଡ଼ାଇମଣ୍ଡ ଦଳ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ଜୁଲଟ ଦଳ ଓ ସୋହେଲା ଦଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ସୋହେଲା ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତୁଷାର ସେଟ ୨ଟି ଗୋଲ ଦେଇଥିବା ବେଳେ ଶିବ ଚିରକିଆ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଜୁଲଟ ପକ୍ଷରୁ ଏକମାତ୍ର ଗୋଲଟି ଶୁକଦେବ ବିଶି ସ୍କୋର କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ସୋହେଲା ଦଳର ଶୁଭମ ପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବରାଜ ସାହୁ ଓ ପରମାନନ୍ଦ ବନଛୋର ଅତିଥି ଭାବରେ ଯୋଗଦେଇ ପୁରସ୍କୃତ କରିଥିଲେ। ଶୁଭମ ପାତ୍ର ମ୍ୟାଚ

### ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ

ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶ୍ରୀନିବାସ ରାଓ, ସନ୍ତୋଷ ପଟେଲ, ସହଯୋଗ କରିଥିଲେ। ଅଜୟ ପ୍ରଧାନ ଚତୁର୍ଥ ରେଫରି ଭାବରେ କାର୍ଯ୍ୟ ତୁଲାଇଥିଲେ। ସେହିପରି ବ୍ଲୁଡାଇମଣ୍ଡ ଦଳ ଓ ବଡ଼ମାଳ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲୁଡାଇମଣ୍ଡ ଦଳ ୧-୦ ଗୋଲରେ ମ୍ୟାଚକୁ ଜିତି ଥିଲା। ଦଳ ପକ୍ଷରୁ ସୁଧାଂଶୁ ସେଟ ଏକମାତ୍ର ଗୋଲ ସ୍କୋର କରିଥିଲେ। ସୌରଭ କୁମାର ଭୋଇଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ସ୍ୱାଧୀନ ପ୍ରଧାନ, ଶିଶିର ଭୋଇ ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଶ୍ୱିନୀ ମେହେର ଉକ୍ତ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଆଦିତ୍ୟ ନାୟକ, ବିଶିକେଶନ ପ୍ରଧାନ ସହଯୋଗ କରିଥିଲେ। ଅନିଲ ସାହୁ ଚତୁର୍ଥ ରେଫରୀ ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱରେ ଥିଲେ।

## ଗର୍ଭବତୀ, ପ୍ରସୂତି ସହ କିଶୋରୀଙ୍କ ଖାଦ୍ୟ ଉପରେ ଗୁରୁତ୍ୱ



ମା, ଶିଶୁ ପାଇଁ ମମତା କାର୍ଯ୍ୟକ୍ରମ।

ବରପାଲି,୨୮।୯(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକର ୧୦ଟି ଗାଁରେ ଦୁଇଦିନ ଧରି ମା' ଓ ଶିଶୁ ପାଇଁ ମମତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କ୍ରମରେ ପଥପ୍ରାନ୍ତ ଲୋକ ନାଟକ କରି ଘରେ ଘରେ ପୋଷଣ ବଗିଚା କେମିତି କରିବେ ସେ ନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଗାଁରେ ବଡ଼ ବଡ ସମାବେଶକୁ ଆକର୍ଷିତ କରିଥିଲା। ଗାଁ ଲୋକମାନେ ଉତ୍ସାହର ସହିତ ପ୍ରଦର୍ଶନ ଦେଖିଥିଲେ, ବାର୍ତ୍ତାଗୁଡ଼ିକ ସହିତ ପାରସ୍ପରିକ କ୍ରିୟା କରିଥିଲେ ଏବଂ ସେମାନଙ୍କ ଘରେ ପୁଷ୍ଟିକର ଉଦ୍ୟାନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ମୁନ୍ନି - ସୂକ୍ଷ୍ମ ପୁଷ୍ଟିସାର ଗ୍ରହଣ ଏବଂ ପୁଷ୍ଟିସାର ବୃଦ୍ଧି ଅଭିଯାନ ଅଧୀନରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। କିପରି କୀଟନାଶକ ବ୍ୟବହାର ନ କରି ଘରେ ସହଜରେ ଏକ ପୁଷ୍ଟିସାର ଉଦ୍ୟାନ ସ୍ଥାପନ ଏବଂ ରକ୍ଷଣାବେକ୍ଷଣ କରିପାରିବେ, ନାଟକଗୁଡ଼ିକ ପନିପରିବା ଏବଂ ଋତୁକାଳୀନ ଫଳର ସ୍ୱାସ୍ଥ୍ୟ ଲାଭ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଗର୍ଭବତୀ, ପ୍ରସୂତି ଏବଂ କିଶୋରୀମାନଙ୍କ ଖାଦ୍ୟ ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅଭିଯାନ ମାଧ୍ୟମରେ ମମତା ଏଚ୍‌ଏମ୍‌ସି ପ୍ରକଳ୍ପ ଜାଗୃତି ଦ୍ୱାରା ମା' ଏବଂ ଶିଶୁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ସ୍ଥାୟୀ ଅଭ୍ୟାସ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥିଲେ। ଆଗଲପୁର, ବାଗବାଡ଼ି, ତେନ୍ତେଲପାଲି, ହଳଦୀପାଲି, ବାରଙ୍ଗପାଲି, ଅଇଁଠାପାଲି, ଭାଟିଗାଁ, ରେଟାମୁଣ୍ଡା, ବାରଗୁଡା, କୁମ୍ଭାରୀ ଗାଁଗୁଡ଼ିକରେ ସଚେତନ କରିଥିଲେ। ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ମମତା ଏଚ୍‌ଏମ୍‌ସି, ଜାଗୃତିର ଜିଲା ପର୍ଯ୍ୟବେକ୍ଷକ ଆଦିତି ଜେନା, ବ୍ଲକ ସୁପରଭାଇଜର ଯଶୋବନ୍ତ ପୂଜାରୀ, ଆଉଟରିଚ ୱାର୍କର କ୍ଷୀରସିନ୍ଧୁ ଭୋଇ, ମହାଦେବ ଭୁଏ, ପ୍ରହଲ୍ଲାଦ ପାଣିଗ୍ରାହୀ, କ୍ଷୀରୋଦ୍ରି ପ୍ରଧାନ ସହଯୋଗ କରିଥିଲେ।

## ଏନ୍‌ଏସ୍‌ଏସ୍ କୋ-ୟୁନିଟ୍‌ର ପୂଜାକାଳୀନ ଶିବିର ଉଦ୍‌ଯାପିତ



ଶିବିରରେ ମଞ୍ଚାସୀନ ଅତିଥି।

ବାଉଁଶୁଣୀ,୨୮।୯(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମାଁ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୭ ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ପୂଜାକାଳୀନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବାଉଁଶୁଣୀ ଥାନା ସବ୍ ଇନ୍ସପେକ୍ଟର କାଜଲ ବାଘ ମୁଖ୍ୟଅତିଥି, ତର୍କଶାସ୍ତ୍ର ଅଧ୍ୟାପକ ମକର ମହାରଣା ମୁଖ୍ୟବକ୍ତା, ଇତିହାସ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ, ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ସାତଦିନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ଶିବିରାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ।

## କୁଷ୍ଠାଶ୍ରମରେ ନୂଆଁଖାଇ ଭେଟ୍‌ଘାଟ

ବରଗଡ,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜୀରା ନଦୀ କୂଳସ୍ଥିତ କୁଷ୍ଠାଶ୍ରମରେ ରବିବାର ବରଗଡ଼ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ନାସିର ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ଦ୍ଦାର ପ୍ରୀତମ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ଏଣ୍ଟରପ୍ରାଇଜେସର ଚନ୍ଦ୍ରଶେଖର ବାଗ, ଡା. ଅଶ୍ୱିନୀ ଭୋଇ, ସନାତନ ପ୍ରଧାନ, ରିଙ୍କେଶ ମିଶ୍ର, ତୁଳସୀ ଚରଣ ଦାଶ, ଜଗଦୀଶ ଲୁହା, ଅଭୟ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ଅନେକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଂଘର ସମ୍ପାଦକ ବିପିନ ବିହାରୀ ଦାଶ ସଭା ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମହମ୍ମଦ ଅସଲମ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫୁଲ୍ଲ ରାୟଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଝାରବନ୍ଧ,୨୮।୯(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ବିଜାଡୋଲ ଗାଁର ସ୍ୱର୍ଗତ ପ୍ରଫୁଲ୍ଲ ରାୟଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା ନିଜସ୍ୱ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ଭାରତୀୟ ପ୍ରଶାସନିକ ଅଧିକାରୀ ଦିଲୀପ ସାମନ୍ତ ରାୟ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟକ୍ଷ ରଜନୀ କୁମାର ମହାନ୍ତି, ବୀରଦତ୍ୟ ସାହୁ, ସାନନ୍ଦ କୁମାର ସାହୁ, ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ଧ୍ରୁବ ଚରଣ ହାତୀ ସ୍ମୃତି ଚାରଣ କରିଥିଲେ। ସେ ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ, ସମାଜ ପାଇଁ ଶିକ୍ଷା, ଜନସେବାରେ ଅନେକ କାର୍ଯ୍ୟ କରିଥିବା ତାଙ୍କ ସ୍ମୃତିଚାରଣରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ।

# କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ

ଝାରବନ୍ଧ,୨୮।୯(ଦେବେନ୍ଦ୍ର ସାହୁ)



ଝାରବନ୍ଧ ବ୍ଲକସ୍ତରୀୟ କୁଳିତା ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଗୌଡ଼ମାଳଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ କଳସ ଶୋଭାଯାତ୍ରାରେ ପୋଖରୀରୁ ପବିତ୍ର ପାଣି ଆଣି କୁଳିତା ଜାତିର ଇଷ୍ଟ ଦେବୀ ମା' ରଣେଶ୍ୱର ରାମଚଣ୍ଡୀ ପୀଠରେ ସ୍ଥାପନ କରାଯାଇଥିଲା। ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ଭୋଗ ଅର୍ପଣ କରାଯାଇଥିଲା। ପୂଜକ ଅଶୋକ ପ୍ରଧାନ ଓ ଗଣେଶ ଭୋଇ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଏହି ଅବସରରେ ଏକ ବିରାଟ ଯୁଗାରକୁ କୀର୍ତ୍ତନ, ଘଣ୍ଟ, ଶଙ୍ଖ ଦ୍ୱାର ଗ୍ରାମ ପରିକ୍ରମା କରାଯାଇଥିଲା। ବ୍ଲକ ସଭାପତି ବାସୁଦେବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମାଜର ସଙ୍ଗଠନ ଓ ସଂସ୍କାର ପାଇଁ ଏକ ସାମାଜିକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶ୍ୟାମ ସୁନ୍ଦର ବେହେରାଙ୍କ ପରିଚାଳନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ଉପଖଣ୍ଡ ସଭାପତି ଯୋଗେନ୍ଦ୍ର ଭୋଇ, ଟାଇଲ ଚନ୍ଦ୍ର ଭୋଇ, ଝାରବନ୍ଧ ପାଞ୍ଚଟି କେନ୍ଦ୍ରର ସଭାପତି ଗୋପବନ୍ଧୁ ସାହୁ, ତୁଳସୀ ରାମ ପ୍ରଧାନ, ହାରାଧନ ପ୍ରଧାନ, ସୁରେନ୍ଦ୍ର ଗର୍ତିଆ, ମହିଳା ନେତ୍ରୀ ମୁକ୍ତା ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ଝାରବନ୍ଧ ବ୍ଲକର ସଫଳ ଚାଷୀ, ବୟୋଜ୍ୟେଷ୍ଠ, ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଗୌଡ଼ମାଳ କେନ୍ଦ୍ର ସଭାପତି ଗୋପବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.09.2025ରିଖ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0194/2526 ସାଧାରଣ ଅଭିଯୋଗ ବିଭାଗ

# ଖୋଲା ହେବା ପରେ ମରାମତି ହେଉନି ରାସ୍ତା

■ ଗ୍ୟାସ୍‌ପାଇପ ସଂଯୋଗ ପାଇଁ ଖୋଲାଯାଉଛି
■ ବିପଦରେ ସମ୍ବଲପୁର ଲୋକେ

ସମ୍ବଲପୁର,୨୮।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରାସ୍ତା ଘାଟର ଅବସ୍ଥାକୁ ନେଇ ଲୋକେ ବାରମ୍ବାର ପ୍ରଶ୍ନ କରୁଛନ୍ତି। ସହରର ରାସ୍ତାଗୁଡିକ ଠିକ ସମୟରେ ମରାମତି ନ ହେବା ଯେତିକି ପରିମାଣରେ ଦାୟୀ, ସମପରିମାଣରେ ମନଇଚ୍ଛା ରାସ୍ତାରେ ଗାତ ଖୋଳା ଯାଇ ଛାଡ଼ି ଦିଆଯିବା ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ସମ୍ବଲପୁରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ଯେଉଁଠି ଦେଖିବ ବିଭିନ୍ନ କାମ ପାଇଁ ରାସ୍ତା ଖୋଳି ଛାଡ଼ି ଦିଆଯିବା ଯୋଗୁ ନବନିର୍ମିତ ରାସ୍ତାଗୁଡ଼ିକ ମଧ୍ୟ ଖାଲଖମାରେ ପରିଣତ ହୋଇଯାଉଛି। ପାଣି ପାଇପ ମରାମତି ନାମରେ ଲୋକେ ଏବଂ ବିଭାଗ ରାସ୍ତା ଖୋଳୁଥିବା ସ୍ଥାନକୁ କାମ ଶେଷ ହେବା ପରେ ଆଉ ପୂର୍ବ ସ୍ଥିତିକୁ ନ ଆଣି କେବଳ ମାଟି ପୋତି କାମ ଶେଷ କରି ଦିଆଯାଉଛି, ଯାହାଦ୍ୱାରା ସେହି ସ୍ଥାନ ଦୀର୍ଘଦିନ ପର୍ଯ୍ୟନ୍ତ ଗାତ ହୋଇ ରହୁଛି। ଫଳରେ ସହରର ଅନେକ ରାସ୍ତାଘାଟ ମରଣଯନ୍ତାରେ ପରିଣତ ହୋଇଛି। ବର୍ଷା ଲାଗି ରହିଥିବା ବେଳେ ବହୁ ସ୍ଥାନରେ ରହିଥିବା ଗାତ ପାଣିଭର୍ତ୍ତି ହେବା ଯୋଗୁ ଜଣାପଡୁ ନ ଥିବାରୁ ଦୁର୍ଘଟଣା ଘଟୁଥିବା ନେଇ ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଏଲପିଜି ଗ୍ୟାସ ସଂଯୋଗ ପାଇଁ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଖୋଳାଯାଉଥିବା ବେଳେ ତାକୁ ମରାମତି ନ କରି ଛାଡି ଦିଆଯାଉଛି। ମୁଦିପଡାରୁ ଲକ୍ଷ୍ମୀଟକିଜ ଛକ ମଧ୍ୟରେ ନୂତନ ଗ୍ୟାସ ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ଗାତ ଦୀର୍ଘ ସମୟ ହେବ ଆଉ ମରାମତି କରାଯାଉନାହିଁ। ସମାନ ଅବସ୍ଥା ଜେଲ ଛକ ନିକଟରେ ରହିଛି। ସେହିପରି ଚର୍ଚ୍ଚ ଛକରେ ତିନି ମାସ ହେବ ଗାତ ଖୋଳାଯାଇଥିବା ବେଳେ ଏହାର ରାସ୍ତା ମରାମତି କଥା ବିଭାଗୀୟ ଅଧିକାରୀ ବୋଧେ ଭୁଲି ଯାଇଛନ୍ତି। ଅନ୍ୟପକ୍ଷରେ ବୁଢାରଜାର ମୁଖ୍ୟ ଏବଂ ବ୍ୟସ୍ତବହୁଳ ରାସ୍ତା ଉପରେ ଗ୍ୟାସ ପାଇପ ସଂଯୋଗ ପାଇଁ ଖୋଳି ଦିଆଯିବା ପରେ ସେଠାରେ ମାଟି ଗଦା କରି ଅସ୍ଥାୟୀ ବ୍ୟାରିକେଡ କରି ଛାଡ଼ି ଦିଆଯାଇଛି, ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ଲୋକେ ପ୍ରଶାସନକୁ ଟ୍ରୋଲ କରିଛନ୍ତି। ତଥାପି ବିଭାଗ ପକ୍ଷରୁ ମରାମତି କରାଯିବା ନେଇ କେହି ପଦୁଟିଏ ମଧ୍ୟ ପ୍ରତିକ୍ରିୟା ରଖୁନାହାନ୍ତି। ଖାସକରି ବର୍ତ୍ତମାନ ପାର୍ବଣ ଅବସରରେ ସହର ସାରା ଦୁର୍ଗାପୂଜାର ସାଜସଜ୍ଜା ଚାଲିଥିବା ବେଳେ ରାସ୍ତା ଖୋଳି ଦିଆଯିବା ଯୋଗୁ ଲୋକେ ଅନେକ ସମସ୍ୟା ଭୋଗୁଛନ୍ତି। ତେବେ ଏନେଇ ମହାନଗର ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି, କୌଣସି ସଂସ୍ଥା ନିଜ କାମ ପାଇଁ ରାସ୍ତା ଖୋଳିବା ଲାଗି ମହାନଗର ନିଗମର ଅନୁମତି ନେବା ଜରୁରୀ। ଏହା ସହ କାମ ସାରିବା ପରେ ରାସ୍ତାକୁ ପୂର୍ବ ସ୍ଥିତିକୁ ଆଣିବା ସଂପୃକ୍ତ ବିଭାଗର ଦାୟିତ୍ୱ। ତେବେ ଏଥିରେ ଅବହେଳା କରାଗଲେ ସମସ୍ୟା ସୃଷ୍ଟି ହେଉଛି। ତେବେ ବର୍ତ୍ତମାନ ଦଶହରା ପୂଜା ଆରମ୍ଭ ହୋଇଯାଇଥିବାରୁ ଜିଲାପାଳ ସମସ୍ତ ବିଭାଗକୁ ବିକାଶ କାର୍ଯ୍ୟ ପାଇଁ ରାସ୍ତା ନ ଖୋଳିବାକୁ ନିର୍ଦ୍ଦେଶ ଦେଇଥିବା ସାହୁ କହିଛନ୍ତି।



ବୁଢାରଜାରେ ଗ୍ୟାସପାଇପ ସଂଯୋଗ ପାଇଁ ରାସ୍ତା ଖୋଳି ଦିଆଯାଇଛି ।

# ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୮।୯ (ପ୍ରମୋଦ ବହିଦାର)

ହୀରାକୁଦ ଥାନା ଅଧୀନ ଦୁର୍ଗାମନ୍ଦିର ନିକଟରେ ଥିବା ଏକ ମୋବାଇଲ୍ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହୀରାକୁଦ ଥାନା ଅନ୍ତର୍ଗତ ଫଲସାକଁଟା ଗ୍ରାମର କୁନାର କରାଲି(୨୬)। ଶୁକ୍ରବାର ରାତିରେ ଉକ୍ତ ଦୋକାନର ଛାତ ଭାଙ୍ଗି ଦୁର୍ବୃତ୍ତ ବିଭିନ୍ନ ବ୍ରାଣ୍ଡର ମୋବାଲଇ, ଚାର୍ଜର, ପାୱାର ବ୍ୟାଙ୍କ, ଇୟରଫୋନ, ସାଉଣ୍ଡବକ୍ସ ଆଦି ସାମଗ୍ରୀ ଚୋରି କରିଥିଲେ। ଏନେଇ ଦୋକାନର ମାଲିକ ହୀରାକୁଦର ଜୟସେନ୍ ବେହେରା ଶନିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୮୬/୨୫) ରୁଜୁ କରିଥିଲା। ତଦନ୍ତ ବେଳେ ପୋଲିସ ନିକଟସ୍ଥ ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରି ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ଘର ପହଞ୍ଚି ୪ଟି ସ୍ମାର୍ଟଫୋନ୍, ଦୁଇଟି କିପ୍ୟାଡ୍ ଫୋନ, ୪ଟି ମୋବାଇଲ୍ କଭର, ୫ଟି ମୋବାଇଲ୍ ଚାର୍ଜର, ୮ଟି ଡାଟା କେବୁଲ, ୯ଟି ଇୟରଫୋନ୍, ଗୋଟିଏ ସାଉଣ୍ଡବକ୍ସ ଓ ୨ଟି ସ୍ପିକର ପୋଲିସ ଜବତ କରିଛି। ଅପରପକ୍ଷରେ ଅଭିଯୁକ୍ତଙ୍କ ନାମରେ ହୀରାକୁଦ ଥାନାରେ ଅନେକ ଚୋରି ମାମଲା ରହିଛି।


ହୀରାକୁଦ ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

# ସମସ୍ୟା ସମାଧାନ ପାଇଁ ଦାବି


ବୈଠକରେ ନାଗରିକ ପରିଷଦର ସଦସ୍ୟ ଓ ଅନ୍ୟମାନେ।

## ନାଗରିକ ପରିଷଦର ବୈଠକ

ଝାରସୁଗୁଡ଼ା, ୨୮।୯ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ନାଗରିକ ପରିଷଦ ସଭାପତି ପୀତାମ୍ବର ମିଶ୍ରଙ୍କ ଆହ୍ୱାନରେ ଜରୁରିକାଳୀନ ବୈଠକ ଲଖନପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଖନପୁର ବ୍ଲକ ଉପଖଣ୍ଡ ଏବଂ ତାହାର ଅନୁପାତିକ ବିଭାଜନ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବିଭିନ୍ନ କମ୍ପାନୀ ପକ୍ଷରୁ ସର୍ବସାଧାରଣ ସ୍ଥାନରେ ବିଷାକ୍ତ ପାଉଁଶ ଡମ୍ପିଂକୁ ବିରୋଧ, ୪୯ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାରେ ଗୋରୁ ଓ ଜନସାଧାରଣଙ୍କ ଜୀବନ ଯାଉଥିବାବେଳେ ଏହା ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୁଡ଼ାଲୋଇ ଅଞ୍ଚଳରେ ଗୋଶାଳା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଉପରୋକ୍ତ ସମସ୍ୟାକୁ ନେଇ ଝାରସୁଗୁଡ଼ାଠାରେ ଖବରଦାତା ସମ୍ମିଳନୀ କରାଯିବା ପାଇଁ ଆଲୋଚନା ହୋଇଛି। ଏହି ବୈଠକରେ ଲଖନପୁର ବ୍ଲକର ପୂର୍ବତନ ଅଧକ୍ଷ ଗୌତମ ପ୍ରଧାନ, ଲଖନପୁର ବ୍ଲକ ନାଗରିକ ପରିଷଦ ସମ୍ପାଦକ ଭାସ୍କର ଗର୍ଡିଆ, ଅବସରପ୍ରାପ୍ତ ଶିକ୍ଷକ ଝୁମେର ଲାଲ ହାତୀ, ଭିଖମପାଲି ସରପଞ୍ଚ ପଦ୍ମିନୀ ସାହୁ, ଟିକେଶ୍ୱର ପଧାନ, ତରଣୀସେନ ପଧାନ, ସଞ୍ଜିବ କୁମାର ସାହୁ, ଭାଗବତିଆ ନାଏକ, ତୁଶାରାମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁରେ ପୋଡ଼ି ଅଜା, ନାତୁଣୀ ଗୁରୁତର

ଦେବଗଡ଼,୨୮।୯ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସଦର ମହକୁମାରେ ନିଆଁରେ ପୋଡ଼ିହୋଇ ଅଜା ଏବଂ ନାତୁଣୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାରକୋଟର ସାଗର ପାତ୍ର(୬୦) ଏବଂ ତାଙ୍କ ନାତୁଣୀ ତେଜସ୍ୱିନୀ ପାତ୍ର (୬)। ରବିବାର ସକାଳ ପ୍ରାୟ ୬ଟାରେ ଚା' ତିଆରି କରିବା ପାଇଁ ସାଗର ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲଗାଉଥିଲେ। ଏହି ସମୟରେ ନିଆଁ ହଠାତ୍ ଉପରକୁ ଉଠିବା ସହ ସମଗ୍ର ଅଞ୍ଚଳକୁ ବ୍ୟାପୀ ଯାଇଥିଲା। ଫଳରେ ସାଗରଙ୍କ ଗୋଡ଼, ହାତ ଏବଂ ମୁହଁ ପୋଡିଯାଇଥିଲା। ଏଥିସହ ନିକଟରେ ଥିବା ତେଜସ୍ୱିନୀଙ୍କ ଗୋଡ଼ ଓ ମୁହଁ ସମେତ ଶରୀରର ବିଭିନ୍ନ ଅଂଶ ପୋଡିଯାଇଛି। ଉଭୟଙ୍କୁ ଚିକିତ୍ସାଲାଗି ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାର ଗମ୍ଭୀରତା ଦୃଷ୍ଟିରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗୀତା


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସମ୍ବଲପୁର,୨୮।୯(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମାହାତ୍ମା ଗାନ୍ଧୀ ଓ ଲାଲାବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗୀତା ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ଆରମ୍ଭରେ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଶହୀଦ ଭଗତ ସିଂହଙ୍କ ଜୟନ୍ତୀରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ତାଙ୍କ ପରି ଦେଶ ପ୍ରେମରେ ଉଦବୁଦ୍ଧ ହେବାକୁ ଆହ୍ୱାନ କରିଥିଲେ। ଶ୍ରୀକାନ୍ତ ଷଡଙ୍ଗୀ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରମୋଦ କୁମାର ପଟ୍ଟନାୟକ ସ୍କୋରର ଥିଲେ । ଏଥିରେ ବିକାଶ ସ୍କୁଲର ଦିବ୍ୟନନ୍ଦିନୀ ସ୍ୱାଇଁ ଓ ଦିପ୍ତେଶ କୁମାର ବେହେରା ପ୍ରଥମ, ଫିଉଚର ଇଣ୍ଟିଗ୍ରେଟେଡ ଏଜୁକେସନ୍‌ର ସବିର ହୁସେନ ଦ୍ୱିତୀୟ ଏବଂ ସେଣ୍ଟ ଜୋଶେଫ କନଭେଣ୍ଟ ସ୍କୁଲର ଶ୍ରେୟାଓଶ ମିଶ୍ର, ସମ୍ଭବ ସମ୍ବିତ ନନ୍ଦ ଓ ମହମ୍ମଦ ଜଏନୁଲ ଆବେଦିନ, ରୀଶୀକ ନାରୋଲିଆ ଯୁଗ୍ମ ତୃତୀୟ ହୋଇଥିଲେ। ସେହିପରି ମହାବିଦ୍ୟାଳୟ ସ୍ତରୀୟ କୁଇଜ୍‌କୁ ଶିକ୍ଷାବିତ ଡ. ସନ୍ତୋଷ କୁମାର ଦାଶ ପରିଚାଳନା କରିଥିବା ବେଳେ ତାପସ କୁମାର ଦାସ ସହଯୋଗ କରିଥିଲେ। ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଅର୍ପିତା ମିଶ୍ର, ହୀରାକୁଦ ମହାବିଦ୍ୟାଳୟର ରିତେଶ କୁମାର ଡଙ୍ଗୁ, ଅଭିଷେକ ସିଂ ଏବଂ ଗଙ୍ଗାଧର ମେହେର ହାଇୟର ସେକଣ୍ଡାରୀ ସ୍କୁଲର ନିଖିଲ କୁମାର ପୂଜାରୀ, ରଣବୀର ପାଇକରାୟ ଓ ସେଣ୍ଟ ଜୋଶେଫ ହାଇୟର ସେକଣ୍ଡାରୀ ସ୍କୁଲର ଦେବାଓଶ ପ୍ରଧାନ, ଅଭିଲାଷ ଭରଦ୍ୱାଜ, ସ୍ୱୟମ ପ୍ରସୁନ ରାଉତ ଓ ଭବାନୀ ଶଙ୍କର ଦାଶ କୃତକାର୍ଯ୍ୟ ହୋଇଛନ୍ତି। ସମସ୍ତଙ୍କୁ ଆସନ୍ତା ଅକ୍ଟୋବର ୨ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରତିଯୋଗୀତା ଆୟୋଜକ ଓଡ଼ିଶା ସାଂସ୍କୃତିକ ସମାଗର ସଭ୍ୟ କୈଳାଶ ଚନ୍ଦ୍ର ମିସ୍ତ୍ରୀ ଓ ସନ୍ତୁ ଭୂଷଣ ସେନ୍ ସୂଚିତ କରିଛନ୍ତି।

# ପାର୍ବଣ ପାଇଁ ସମ୍ବଲପୁରରେ ପୋଲିସ ଫ୍ଲାଗମାର୍ଚ୍ଚ

## ଫ୍ଲାଗମାର୍ଚ୍ଚରେ ୧୨ ପ୍ଲାଟୁନ ସୁରକ୍ଷାକର୍ମୀ ସାମିଲ

ସମ୍ବଲପୁର,୨୮।୯(ପ୍ରମୋଦ ବହିଦାର)

ପାର୍ବଣରେ ଦୁର୍ଗାପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଯେକୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପକ୍ଷରୁ ରବିବାର ଅପରାହ୍ନରେ ସମ୍ବଲପୁର ସହରାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର ଓ ଶ୍ରୀମନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗମାର୍ଚ୍ଚ ସମଗ୍ର ସହର ପରିକ୍ରମା କରିଥିଲା। ଏଥିରେ ୧୨ପ୍ଲାଟୁନ୍ ପୋଲିସ ସୁରକ୍ଷାକର୍ମୀଙ୍କ ସହିତ ଏସ୍‌ଡିପିଓ ତୋଫାନ ବାଗ ଓ ସମସ୍ତ ଥାନାର ଆଇଆଇସିଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀ ସାମିଲ ହୋଇଥିଲେ। ରବିବାର ଅପରାହ୍ନ ସାଢ଼େ ୪ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ଫ୍ଲାଗମାର୍ଚ୍ଚ ଧନୁପାଲି ଛକରୁ ବାହାରି ଗୋବିନ୍ଦତୋଲା, ଚାରଭାଟିଛକ, ଜେଲଖାନାଛକ, ଭୁତାପଡ଼ା, ଜିଲା ସ୍କୁଲଛକ, ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ାଛକ, ହସ୍ପିଟାଲ ରୋଡ଼, ଚର୍ଚ୍ଚଛକ, ଫାଟକ, ବୁଢ଼ାରଜା ଦେଇ ସମଗ୍ର ସହର ପରିକ୍ରମା କରିବା ପରେ ଅଇଁଠାପାଲ ପିଏଚ୍‌ଡି ପଡ଼ିଆରେ ଶେଷ ହୋଇଥିଲା। ଦୁର୍ଗାପୂଜା ସମୟରେ ଯେକୌଣସି ବିଶୃଙ୍ଖଳ ବା ଆଇନ୍ ଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପ୍ରସ୍ତୁତ ବୋଲି ସହରବାସୀଙ୍କ ବିଶ୍ୱାସ ଭାଜନ ହେବା ସହିତ ଅପରାଧିକ ତତ୍ତ୍ୱଙ୍କ ମନରେ ଭୟ ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।


ସମ୍ବଲପୁର ସହରରେ ଫ୍ଲାଗମାର୍ଚ୍ଚରେ ସାମିଲ ପୋଲିସ ଉଚ୍ଚାଧିକାରୀ ଓ ସୁରକ୍ଷା କର୍ମୀ।

# ଛାତ୍ରୀଛାତ୍ର ନିର୍ଭୀକ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ



ସମ୍ମିଳନୀରେ ଉପସ୍ଥିତ ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ଅନ୍ୟମାନେ।

## ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ

ଝାରସୁଗୁଡ଼ା, ୨୮।୯ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସୁବ୍ରତ ତ୍ରିପାଠୀ, ସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ବିଦ୍ୟାଳୟର ଗର୍ବ ଓ ଗୌରବ। ଭବିଷ୍ୟତରେ ଯେଉଁ ପଦବୀରେ ରହିଲେ ମଧ୍ୟ ନିର୍ଭୀକ ଭାବେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ୨୦୦ ଜଣ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜର ଅନୁଭୂତି ବଖାଣିଥିଲେ। ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ଧନ୍ୟବାଦ ଦେଇଥିଲେ। ମୀନାକ୍ଷୀ ପଣ୍ଡା, ପିଙ୍କି ବରାଳ, ସରିତା ପଣ୍ଡା, କବିତା ପଟେଲ, ମମତା ରାଉଳ, ତେଜରାଜ ସାହୁ, ଅନିତା ଦିଲାଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।

# ସୋହେଲା, ବ୍ଲୁ ଡାଇମଣ୍ଡ ଦଳ ବିଜୟୀ

## ସୁପ୍ରିୟା ସ୍ମାରକୀ ଫୁଟ୍‌ବଲ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଆନ୍ତଃ କ୍ଲବ ନକ ଆଉଟ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ସୋହେଲା ଦଳ ଓ ବ୍ଲୁ ଡ଼ାଇମଣ୍ଡ ଦଳ ପ୍ରତିପକ୍ଷ ଦଳକୁ ହରାଇ ବିଜୟୀ ହୋଇଛନ୍ତି। ଜୁଲଟ ଦଳ ଓ ସୋହେଲା ଦଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ସୋହେଲା ଦଳ ୩–୧ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତୁଷାର ସେଟ ୨ଟି ଗୋଲ ଦେଇଥିବା ବେଳେ ଶିବ ଚିରକିଆ ଅନ୍ୟ ଗୋଲଟି ସ୍କୋର କରିଥିଲେ। ଜୁଲଟ ପକ୍ଷରୁ ଏକମାତ୍ର ଗୋଲଟି ଶୁକଦେବ ବିଶି ସ୍କୋର କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ସୋହେଲା ଦଳର ଶୁଭମ ପାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବରାଜ ସାହୁ ଓ ପରମାନନ୍ଦ ବନଛୋର ଅତିଥି ଭାବରେ ଯୋଗଦେଇ ପୁରସ୍କୃତ କରିଥିଲେ। ଶୁଭମ ପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶ୍ରୀନିବାସ ରାଓ, ସନ୍ତୋଷ ପଟେଲ, ସହଯୋଗ କରିଥିଲେ। ଅଜୟ ପ୍ରଧାନ ଚତୁର୍ଥ ରେଫରି ଭାବରେ କାର୍ଯ୍ୟ ତୁଲାଇଥିଲେ। ସେହିପରି ବ୍ଲୁ ଡାଇମଣ୍ଡ ଦଳ ଓ ବଡ଼ମାଳ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲୁ ଡାଇମଣ୍ଡ ଦଳ ୧–୦ ଗୋଲରେ ମ୍ୟାଚକୁ ଜିତି ଥିଲା। ଦଳ ପକ୍ଷରୁ ସୁଧାଂଶୁ ସେଟ ଏକମାତ୍ର ଗୋଲ ସ୍କୋର କରିଥିଲେ। ସୌରଭ କୁମାର ଭୋଇଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ସ୍ୱାଧୀନ ପ୍ରଧାନ, ଶିଶିର ଭୋଇ ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଶ୍ୱିନୀ ମେହେର ଉକ୍ତ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଆଦିତ୍ୟ ନାୟକ, ବିଶିକେଶନ ପ୍ରଧାନ ସହଯୋଗ କରିଥିଲେ। ଅନିଲ ସାହୁ ଚତୁର୍ଥ ରେଫରୀ ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱରେ ଥିଲେ।

# ଫୁଟ୍‌ବଲ୍ ପ୍ରତିଯୋଗିତା: ମନୋରମା କ୍ଲବ୍ ଚାମ୍ପିୟନ



ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୨୮।୯(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅଧୀନ ବସାଲଇ ଗ୍ରାମପଞ୍ଚାୟତ ସଦର ମହକୁମାରେ ପଞ୍ଚାୟତ ଆଥିଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଲାଇମୁରାର ଏଭେଞ୍ଜର ଇଲେଭେନ୍‌କୁ ପରାସ୍ତ କରି ଦେବଗଡ଼ର ମନୋରମା କ୍ଲବ୍ ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ମହିଳା ବର୍ଗରେ ଯୋଡ଼ାସ୍ଥିତ ଟାଟା ଫାଉଣ୍ଡେଶନ ଓ ଦେବଗଡ଼ର ମନୋରମା କ୍ଲବ(ମହିଳା) ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ମନୋରମା କ୍ଲବ ବିଜୟୀ ହୋଇଥିଲା। ରେଫରୀ ପରେଶ ପ୍ରଧାନ, ପରେଶ ଭୋଇ, ସରୋଜ ଗଡ଼ନାୟକ ଓ ଲକ୍ଷ୍ମଣ ବାବୁ ମ୍ୟାଚ୍ ପରିଚାଳନା କରିଥିଲେ। ପଞ୍ଚାୟତ ଆଥିଲେଟିକ୍ ଆସୋସିଏଶନ ସଭାପତି ରଞ୍ଜନ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୮ ହଜାର ଟଙ୍କା ଓ ରନର ଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ବିଜୟୀ ମନୋରମା କ୍ଲବ(ମହିଳା)କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଅନ୍ୟତମ ଅତିଥି ଭାବେ ଦିଲୀପ କୁମାର ପଟ୍ଟନାୟକ, ବସନ୍ତ ପାତ୍ର, ଲୋକନାଥ ସାମଲ, ରୀନା ସାମଲ, ରୀନା ପ୍ରଧାନ, ରୋଜାଲିନ ନାୟକ ଓ ରଶ୍ମିତା ସାମଲ ମଞ୍ଚାସୀନ ଥିଲେ। ପଞ୍ଚାୟତ ଆଥିଲେଟିକ ଆସୋସିଏଶନ ସମ୍ପାଦକ ଓମ୍ ପ୍ରକାଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.09.2025ରିଖ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0194/2526 ସାଧାରଣ ଅଭିଯୋଗ ବିଭାଗ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିନିୟର ପୁରୁଷ ଚୟନ କମିଟିରେ ଓଝା, ଆର୍‌ପି

**ମୁମ୍ବାଇ,୨୮।୯:** ଭାରତର ପୂର୍ବତନ କ୍ରିକେଟର ପ୍ରଜ୍ଞାନ ଓଝା ଓ ଆର୍‌ପି ସିଂ ରବିବାର ପୁରୁଷ ଜାତୀୟ ଦଳର ଚୟନ କମିଟିରେ ସାମିଲ ହୋଇଛନ୍ତି। ଦିଲ୍ଲୀର ଅମିତା ଶର୍ମାଙ୍କୁ ମହିଳା ଚୟନ କମିଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଶର୍ମା ଭାରତ ପାଇଁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ୫ ଟେଷ୍ଟ, ୧୧୬ ଦିନିକିଆ ଓ ୪୧ ଟି୨୦ ମ୍ୟାଚ୍ ଖେଳିଥିଲେ। ପୂର୍ବତନ ଖେଳାଳି ଜୟା ଶର୍ମା ଓ ଶ୍ରଭନ୍ତି ନାଇଡୁ ମଧ୍ୟ ପ୍ୟାନେଲରେ ସାମିଲ ହୋଇଛନ୍ତି। ଶ୍ୟାମା ଦେ ନିଜ ସ୍ଥାନ ବଜାୟ ରଖିଛନ୍ତି।

# ମିଥୁନ ମନହାସ୍ ବିସିସିଆଇ ନୂଆ ସଭାପତି

**ମୁମ୍ବାଇ,୨୮।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମନହାସ୍ ରବିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟାଳୟରେ ଅନୁଷ୍ଠିତ ୯୪ତମ ଏଜିଏମ୍‌ରେ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବୋର୍ଡ ସମ୍ପାଦକ ଦେବଜିତ ସାଇକିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିଜ ପଦବୀ ବଜାୟ ରଖିଛନ୍ତି। ୪୫ ବର୍ଷୀୟ ମିଥୁନ ବିସିସିଆଇର ୩୭ତମ ସଭାପତି ଭାବେ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ କ୍ରିକେଟର ରୋଜର ବିନି ସଭାପତି ଥିଲେ। ବିନି ଗତ ମାସରେ ୭୦ ବର୍ଷ ବୟସରେ ପାଦଦେବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ବିନିଙ୍କ ପରେ ମିଥୁନ କ୍ରମାଗତ ତୃତୀୟ ଫାଷ୍ଟ-କ୍ଲାସ ଖେଳାଳି ଭାବେ ବିସିସିଆଇ ସଭାପତି ହୋଇଛନ୍ତି। ମିଥୁନ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ' ଓ ୫୫ ଆଇପିଏଲ ମ୍ୟାଚ୍ ୧୯୯୭-୯୮ରୁ ୨୦୧୬-୧୭ ପର୍ଯ୍ୟନ୍ତ ଖେଳିଛନ୍ତି। ନାମାଙ୍କନ ଦାଖଲ କରିବାର ଅନ୍ତିମ ଦିନ ପୂର୍ବରୁ ସେ ସଭାପତି ହେବା ନିଶ୍ଚିତ ହୋଇଥିଲା। ସେ ବିସିସିଆଇ ଦ୍ୱାରା ଜମ୍ମୁ-କଶ୍ମୀର ରାଜ୍ୟ କ୍ରିକେଟ ଆସୋସିଏଶନ (ଜେକେସିଏ)ର ପରିଚାଳନା ଲାଗି ଗଠିତ ୩ ଜଣିଆ ଆଡ୍-ହକ କମିଟିର ସଦସ୍ୟ ଥିଲେ।

''ବିଶ୍ୱର ସବୁଠୁ ଶକ୍ତିଶାଳୀ ବୋର୍ଡର ସଭାପତି ହେବା ଏକ ସମ୍ମାନର ବିଷୟ। ଏହା ଏକ ବଡ଼ ଦାୟିତ୍ୱ ମଧ୍ୟ। ମୁଁ ମୋ ସମ୍ପୂର୍ଣ୍ଣ ଦକ୍ଷତା ଓ ନିଷ୍ଠାର ସହିତ ନିଜ କାର୍ଯ୍ୟ ପ୍ରତି ପ୍ରତିବଦ୍ଧ ରହିବି ବୋଲି ଆଶ୍ୱାସନା ଦେଉଛି। ଜଣେ ପ୍ରଶାସକ ଓ କ୍ରିକେଟର ଭାବେ ମୋ ଅଭିଜ୍ଞତା ମୋତେ ଏଥିରେ ସାହାଯ୍ୟ କରିବ। ଗତ ୪ ବର୍ଷ ହେଲା ମୁଁ ଜେକେସିଏ ସହ କାର୍ଯ୍ୟ କରିଛି ଏବଂ ଭଲ କାର୍ଯ୍ୟ କରିଛି। ଏହା ମୋତେ ସହାୟ ହେବ'' ବୋଲି ମନହାସ୍ ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି।

ଏଜିଏମ୍‌ରେ ବିସିସିଆଇ ସମ୍ପାଦକ ସାଇକିଆ ଓ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଚେୟାରମ୍ୟାନ ଅରୁନ ଧୁମଲ ନିଜ ପଦ ବଜାୟ ରଖିଛନ୍ତି। ପୂର୍ବତନ ଭାରତ କ୍ରିକେଟର ତଥା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି (କେଏସ୍‌ସିଏ) ସଭାପତି ରଘୁରାମ ଭଟ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଭେଟେରାନ ପ୍ରଶାସକ ରାଜୀବ ଶୁକ୍ଳା ବୋର୍ଡର ଉପସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ଥିବାବେଳେ ଏମ୍ ଖାଇରୁଲ ଜମାଲ ମଜୁମଦାରଙ୍କୁ ଧୁମଲଙ୍କ ସହ ଆଇପିଏଲ ଜିସିରେ ପ୍ରତିନିଧି ଭାବେ ସାମିଲ କରାଯାଇଛି। ପୂର୍ବରୁ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଯୁଗ୍ମ ସମ୍ପାଦକ ଭାବେ ରୋହନ ଗାଉନ୍ସ ଦେଶାଇଙ୍କ ସ୍ଥାନ ନେଇଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସଭାପତି ତଥା ପୂର୍ବତନ କ୍ରିକେଟର ଜୟଦେବ ଶାହା କାର୍ଯ୍ୟକାରୀ ପରିଷଦ ସଦସ୍ୟ ହୋଇଛନ୍ତି। କାର୍ଯ୍ୟକାରୀ କାଉନ୍‌ସିଲର ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରତ୍ୟେକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ଚୟନ କରାଯାଇଛି ବୋଲି ସାଇକିଆ କହିଛନ୍ତି।


ବିସିସିଆଇର ନୂଆ ସଭାପତି ମିଥୁନ ମନହାସ୍ (ଡାହାଣ)।

# ଚତୁର୍ଥ ରାଉଣ୍ଡ ସୁଦ୍ଧା ୧୫ ଅଗ୍ରଣୀ


ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

### ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

ଏସ. ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଚାଲିଥିବା ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାର ୨ ରାଉଣ୍ଡ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷରେ ୧୫ ଜଣ ଖେଳାଳି ପୂରା ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ସାଜନ କୁମାର ନାୟକ, ଶ୍ରୀହାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ଆଦିତ୍ୟ ରଞ୍ଜନ ଦାସ, ସ୍ୱୟଂ ଲକ୍ଷ୍ମୀବତ୍ ସାବତ, ବିନିତ ନାଏକ, କ୍ଷେତ୍ରବର ମାଝି, ଚେମ୍ପୁରୁ ହେମ୍ବ୍ରମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ଓ ଲେଲି ଜାକେଲା। ୭ ଖେଳାଳି ୩.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୩ୟ ରାଉଣ୍ଡକୁ କଳାହାଣ୍ଡି ଜିଲା ଚେସ୍ ସମ୍ପାଦକ ରବୀନ୍ଦ୍ର ସାହୁ ଏବଂ ୪ର୍ଥ ରାଉଣ୍ଡକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଧରିତ୍ରୀର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ କୁମାର ସ୍ୱାଇଁ, ବରିଷ୍ଠ ଚେସ୍ ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ କ୍ରୀଡ଼ା ବିଭାଗର ଦୁଇ ଅଧିକାରୀ ସୋନାଲି ଚାନ୍ଦ ଓ ଅଭିଷିକ୍ତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ଟପ୍‌ସିଡ୍ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଏବଂ ଆୟୋଜକ ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ଭବେଶ ମହାନ୍ତି, ପିଙ୍କି ମହାପାତ୍ର, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ, ସୂରଜ ମହାରଣା, ଏସ୍‌ଏନ୍‌ଏ ରବିକୁମାର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବିନାଶ ଦାସ, ଅନିମେଶ ରାୟ, ସୂର୍ଯ୍ୟମିତ୍ର ସେନ୍, ସର୍ବେଶ୍ୱର ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ରିତିକ ସାହୁ ଓ ପ୍ରଣତି ସେନ ସହଯୋଗ କରିଥିଲେ। ଆଉ ୪ ରାଉଣ୍ଡ ଖେଳ ସହ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେଡ଼ ଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଅଛନ୍ତି।

# ରେକର୍ଡ ଭାଙ୍ଗିଲେ ରାହୁଲ

**ଲଣ୍ଡନ, ୨୮।୯ (ପି.ଟି.):** ଭାରତର ଲେଗ୍ ସ୍ପିନର ରାହୁଲ ଚହର ସରେ ପାଇଁ ପଦାର୍ପଣ ମ୍ୟାଚ୍‌ରେ ୮ ଉଇକେଟ ନେଇ କାଉଣ୍ଟି କ୍ରିକେଟର ୧୬୬ ବର୍ଷର ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ସେ ହାମ୍ପଶାୟାର ବିପକ୍ଷ ମ୍ୟାଚ୍‌ରେ ୫୧ ରନ ଦେଇ ୮ ଉଇକେଟ ନେଇଛନ୍ତି। ଏଥିପୂର୍ବରୁ ପଦାର୍ପଣ ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିବା ରେକର୍ଡ ୱିଲିଆନ ମୁଡଲେ (୬୧/୭)ଙ୍କ ନାମରେ ଥିଲା।

# ଓଡ଼ିଶା ବାଳକ ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

କର୍ଣ୍ଣାଟକରେ ଅନୁଷ୍ଠିତ ୩୫ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ କେରଳକୁ ୨-୦ ସେଟ୍‌ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀଠାରୁ ୧-୨ରେ ପରାଜିତ ହୋଇଥିଲା। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୨-୧ରେ ତାମିଲନାଡୁକୁ ପରାସ୍ତ କରିଛି। ସର୍ଭିସରେ ଉପ ଅଧିନାୟକ ବିଜୟ ସାହୁ ୫ ପଏଣ୍ଟ ଏବଂ ଶିବଶଙ୍କର ମଣ୍ଡୋଇ ୩ ପଏଣ୍ଟ ହାସଲ କରି ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳ ଖେଳାଳିଙ୍କ ସହ କୋଚ୍ ସୁଶାନ୍ତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋ ବଲ୍ ଦଳ।

# ବିସିସିଆଇ ଜାତୀୟ ଚୟନ କମିଟିରେ ୩ ଓଡ଼ିଆ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜାତୀୟ ଚୟନ କମିଟିରେ ଓଡ଼ିଶା ଖେଳାଳିଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଛି। ପ୍ରଥମଶ୍ରେଣୀ କ୍ରିକେଟରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରଜ୍ଞାନ ଓଝା ଏବେ ଜାତୀୟ ଚୟନ କମିଟିର ନୂଆ ସଦସ୍ୟ ହୋଇଛନ୍ତି। ପୂର୍ବରୁ ଶିବ ସୁନ୍ଦର ଦାସ ଏହି କମିଟିର ସଦସ୍ୟ ଦାୟିତ୍ୱରେ ଅଛନ୍ତି। ଏହା ବ୍ୟତୀତ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବେ ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ ଦଳର ଫାଷ୍ଟ-ବୋଲିଂ କୋଚ୍ ଅଛନ୍ତି। ପୂର୍ବରୁ ସେ ସିନିୟର ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଓଡ଼ିଶା ଖେଳାଳିଙ୍କୁ ଗୁରୁତ୍ୱ ମିଳୁଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଆଇସିସି ଚେୟାରମ୍ୟାନ ଜୟ ଶାହା, ବିସିସିଆଇ ସଭାପତି ମିଥୁନ ମନହାସ୍ ଓ ସମ୍ପାଦକ ଦେବଜିତ ସାଇକିଆଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସୁରେନ୍ଦ୍ର ସ୍ମାରକୀ ଚେସ୍: ଦୀପ୍ତିରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍‌ରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ପାଇଛନ୍ତି। ଲରେନ୍ସ ପ୍ରଧାନ ଓ ଦିବ୍ୟାଂଶୁ କୁମାର ପଶାୟତ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଶୀର୍ଷ ୭ ଖେଳାଳିଙ୍କ ବ୍ୟତୀତ ଏଜ୍ ଗ୍ରୁପ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସିଡ୍ରିମ୍‌ଜ ଇ-କମର୍ସର ଏମ୍‌ଡି ଚିତ୍ତରଞ୍ଜନ ଦେବତା, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶୁଭଶ୍ରୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


## ୩୨ତମ ଜନ୍ମଦିନ ଶୁଭେଚ୍ଛା



ମନୋଜ କୁମାର ସାହୁ(ମନୁଆ)
ଗ୍ରାମ- କୁକୁଡାଘାଇ ପାଟଣା

ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ତତେ ଭଗବାନ ଦୀର୍ଘାୟୁ ଓ ନୀରୋଗ ରଖନ୍ତୁ ଏହାହିଁ ଆମର କାମନା ଓ ଆଶୀର୍ବାଦ।

**ଶୁଭେଚ୍ଛାସହ:**
ବାପା, ଦାଦା, ପାପୁନି, କବିତା, ରଞ୍ଜିତା, ଆଲୋକ, ଅମୁଦାଦା, ପବି, ବବୁଲ୍, ସନିଆ ଦାଦା, ଖଲିଆ ଦାଦା, ମିଥୁନ।

ଧ-୨୧୫୨

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



୰ଭବାନୀ ଚରଣ ପଟନାୟକ
(1934-2025)

ତିରୋଧାନ: ୨୩.୦୯.୨୦୨୫, ଅପରାହ୍ନ ୧ ଘଣ୍ଟା ୩୦ ମିନିଟ୍

ଆପଣଙ୍କ ସ୍ନେହ, ଶିକ୍ଷା ଓ ଆଶୀର୍ବାଦ ଆମ ସହ ସବୁବେଳେ ରହିବ। ଆମ ହୃଦୟରେ ଆପଣଙ୍କ ସ୍ମୃତି ସବୁଦିନ ପାଇଁ ଅମର ହୋଇ ରହିବ। ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ।

**ଶୋକସନ୍ତପ୍ତ**
ଜିତୁନୀ, ଟୁଟୁ, ଗୁଡ଼ିଆ, ପ୍ରଥମ, ସ୍ୱାଗତ, ମିନି, ରାଜେନ୍ଦ୍ର, କୀର୍ତ୍ତି ଓ କେତନ

ଧ-୨୧୫୨

### ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଇଂ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)

ଧନରେ, ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ହେଲେ, ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ପ୍ରତି ମୁହୂର୍ତ୍ତରେ ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି। ତୁ ଯେଉଁଠି ଥାଆ, ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ :** ଅତି ଆଦରର ବୋଉ ଓ ନନା, କକେଇ ଓ ଖୁଡ଼ିମାନେ, ନାନୀ ଓ ଭାଇନାମାନେ, ଭାଇନା ଓ ଭାଉଜମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି ଓ ଅନ୍ୟାନ୍ୟ ପରିବାରବର୍ଗ।

ଧ-୦୧୦୧

# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018


FOR RENT

Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613. D-1985

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LOST

I, Snehalata Bagarti, D/o- Radheshyam Kathar, R/o. At-Gaidharpali, P.O.- Salesingha, P.S.- Dhama, District- Sambalpur, declare that I have lost the original registered sale deed vide RSD No. 11622101857, dated-09-04-2021, some where while I was at daily market Jujomura on dated- 20.08.2025 and inspite of repeated search it could not be traced out. D-2159

### AFFIDAVIT

I, NIHAR RANJAN PATTANAIK HAVE CHANGED MY NAME TO NIHAR RANJAN PATTNAIK AS PER AADHAAR CARD. D-2154

I, INDIRA DEVI PATTNAIK, DAUGHTER OF LATE UMESH CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS UMESH CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "UMESH CHANDRA PATNAIK," WHICH MAY BE TREATED AS REFERRING TO THE SAME PERSON. D-2155

ପାଠକଙ୍କ ପାଇଁ ସୂଚନା।
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, NIHAR RANJAN PATTNAIK, SON OF LATE KRISHNA CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS KRISHNA CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "KRUSHNA CHANDRA PATTANAIK," WHICH MAY BE TREATED AS REFERRING TO THE SAME PERSON. D-2156

I, INDIRA DEVI PATNAIK HAVE CHANGED MY NAME TO INDIRA DEVI PATTNAIK AS PER AADHAAR CARD. D-2157

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମଧୁସୂଦନ ଦାସ
ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ
ଲଞ୍ଜାତରା, ବିଲଣା, ତିହିଡ଼ି, ଭଦ୍ରକ
ଆବିର୍ଭାବ: ୨୨।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୪

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀତିନିୟନ୍ତା ପରମେଶ୍ୱର ଜଗତରନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ପତ୍ନୀ- ରତ୍ନମଣି ଦାସ, ଝିଅ- ଡା. ମିନତୀଲତା ଦାସ, ପୁଅ- ଡା. ବିଜୟ ଦାସ, ଡା. ସଞ୍ଜୟ ଦାସ, କଳିଙ୍ଗ କୁମାର ଦାସ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୧୫୮

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ରକ୍ତ ଚନ୍ଦ୍ରମା



ନିକୁଞ୍ଜ ବିହାରୀ ସାହୁ

''ସୂର୍ଯ୍ୟର କିଛି ଲାଲ୍ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ୍ କିରଣ ହିଁ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।''



ଚଳିତ ମାସ ୭ ତାରିଖରେ ଏକ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦେଖିବାକୁ ମିଳିଥିଲା। ଏହା ଭାରତ ସମେତ ପୃଥିବୀର ଅଧିକାଂଶ ଭୂଭାଗରେ ଦେଖାଯାଇଥିଲା। ଏହା ଏକ ରକ୍ତ ଚନ୍ଦ୍ରମା ଥିବାରୁ ଏହାର ଦର୍ଶନ ସାଧାରଣ ଜନତାଙ୍କ ମନରେ ଗଭୀର କୌତୂହଳ ଓ ଆଶଙ୍କା ସୃଷ୍ଟି କରିଥିଲା। ଏହି ଚନ୍ଦ୍ରଗ୍ରହଣ ସମୟରେ ଲୋକଙ୍କ ମନରେ ଅନେକ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ଦେବନୀତିରେ ପରିବର୍ତ୍ତନ କରାଯାଇଥିଲା। ପାକ ପ୍ରକ୍ରିୟା, ଦୂର ଯାତ୍ରା ତଥା ଭୋଜନ ଉପରେ କଟକଣା ଜାରି କରାଯାଇଥିଲା। ଗ୍ରହଣ ଉପରାନ୍ତେ ଲୋକେ ନଦୀ କିମ୍ବା ପୁଷ୍କରିଣୀରେ ତୁରନ୍ତ ସ୍ନାନ କରିଥିଲେ। ତେବେ ପ୍ରଶ୍ନ ହେଉଛି: ଚନ୍ଦ୍ର ଗ୍ରହଣ କାହିଁକି ହୁଏ ଏବଂ ବେଳେବେଳେ ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳେ କାହିଁକି? ଏ ସମ୍ପର୍କରେ ଥିବା ଆମର ପାରମ୍ପରିକ ଧାରଣା କେତେ ଦୂର ଯଥାର୍ଥ ?

ପ୍ରକୃତରେ ଚନ୍ଦ୍ରଗ୍ରହଣ ଏକ ମହାକାଶୀୟ ଘଟଣା ଏବଂ ଛାଇ ଆଲୁଅର ଖେଳ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ଚନ୍ଦ୍ର ନିଜ କକ୍ଷପଥରେ ଘୂରୁଥିଲାବେଳେ କେବେ କେବେ ଏକ ପୂର୍ଣ୍ଣିମା ତିଥିରେ ସେ ତିନୋଟି ପିଣ୍ଡ ଏକ ସରଳରେଖାରେ ରହିଯାନ୍ତି। ଏହି ଅବସ୍ଥାରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଗଲେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼େ ଏବଂ ଚନ୍ଦ୍ର କ୍ଷଣିକ ପାଇଁ ଆକାଶରୁ ଅନ୍ତର୍ହିତ ହୋଇଯାଏ। ଏହା ହିଁ ଚନ୍ଦ୍ର ଗ୍ରହଣ। ମାତ୍ର ପୃଥିବୀର କକ୍ଷତଳ ପ୍ରତି ଚନ୍ଦ୍ରର କକ୍ଷତଳର ଆନତି ହେତୁ (ପ୍ରାୟ ୫ ଡିଗ୍ରୀ) ସବୁ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୁଏ ନାହିଁ; କେତେକ ନିର୍ଦ୍ଦିଷ୍ଟ ପୂର୍ଣ୍ଣମୀରେ ହିଁ ଚନ୍ଦ୍ରଗ୍ରହଣ ହୋଇଥାଏ। ତେବେ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯାଉଥିଲାବେଳେ ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣରେ କିନ୍ତୁ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ହୁଏ ନାହିଁ; ଏହା ଏକ ମଳିନ ଲାଲ କିମ୍ବା କମଳା ବର୍ଣ୍ଣର ପିଣ୍ଡ ରୂପେ ଆକାଶରେ ରହିଯାଏ। ଏହାର କାରଣ ସୂର୍ଯ୍ୟର କିଛି ଲାଲ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ କିରଣ ହିଁ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ବିଭିନ୍ନ ସଂସ୍କୃତିରେ ଅନେକ ବିଶ୍ୱାସ, ଅନ୍ଧବିଶ୍ୱାସ ରହିଛି। ମଧ୍ୟ ଆମେରିକାରେ ଖ୍ରୀଷ୍ଟପୂର୍ବ ୨୦୦୦ରେ ବାସ କରୁଥିବା ମୟମାନେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ରକୁ ଆକାଶରେ ଏକ ଜାଗୁଆର ଭଳି ହିଂସ୍ର ଜୀବ ଭକ୍ଷଣ କରିବାରୁ ଚନ୍ଦ୍ର ସାମୟିକ ପାଇଁ ଅଦୃଶ୍ୟ ହୋଇଯାଏ। ସେହିପରି ଦକ୍ଷିଣ ଆମେରିକାରେ ୧୪୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାସ କରୁଥିବା ଇନକାମାନେ ବିଶ୍ୱାସ କରୁଥିଲେ ଯେ, ଏକ ହେଟାବାଘ ଜାତୀୟ ଜୀବ ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଆକାଶରେ ଖାଇଦିଏ। ଫଳରେ ଚନ୍ଦ୍ର ରକ୍ତ ବର୍ଣ୍ଣ ପାଲଟିଯାଏ। ସେମାନଙ୍କ ବିଶ୍ୱାସ ଯେ, ଏହି ଜୀବ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କଲାପରେ ପଥିବୀକୁ ଫେରି ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ ଖାଇଯିବ। ତେଣୁ ସେମାନେ ଏହି ଜୀବକୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ଓ ବର୍ଚ୍ଛା ନିକ୍ଷେପ କରୁଥିଲେ। ଚାଇନାରେ ଲୋକଙ୍କର ବିଶ୍ୱାସ ଥିଲା ଯେ, ଏକ ଭୟଙ୍କର ଡ୍ରାଗନ କିମ୍ବା ପୁରାଣ ବର୍ଣ୍ଣିତ 'ଚନ୍ ଚୁ' ନାମକ ଏକ ବିଚିତ୍ର ତିନିଗୋଡ଼ିଆ ବେଙ୍ଗ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କରେ। ମେସୋପଟାମିଆ ସଭ୍ୟତାରେ ଲୋକେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ର ଗ୍ରହଣ ସମୟରେ ସାତୋଟି ରାକ୍ଷସ ଚନ୍ଦ୍ରକୁ ଆକ୍ରମଣ କରିଥାନ୍ତି। ସେମାନେ ବିଶ୍ୱାସ କରୁଥିଲେ ଯେ, ସେହି ରାକ୍ଷସମାନେ ଚନ୍ଦ୍ରକୁ ଆକ୍ରମଣ କଲାପରେ ପୃଥିବୀକୁ ଫେରି ନିଜ ରାଜାଙ୍କୁ ମଧ୍ୟ ଆକ୍ରମଣ କରିବେ। ସେଥିପାଇଁ ସେମାନେ ନିଜ ରାଜାଙ୍କୁ ରକ୍ଷା କରିବା ପାଇଁ ତାଙ୍କୁ ଲୁଚାଇ ଏକ ନକଲି ରାଜାଙ୍କ ଅବତାରଣା କରୁଥିଲେ। ଗ୍ରହଣ ସମ୍ପୂର୍ଣ୍ଣ ଛାଡିଗଲା ପରେ, ସେମାନେ ପ୍ରକୃତ ରାଜାଙ୍କୁ ଗୋପନରୁ ବାହାର କରି ନକଲି ରାଜାଙ୍କୁ ଲୁଚାଇ ଦେଉଥିଲେ କିମ୍ବା ବିଷ ଦେଇ ଜୀବନରୁ ମାରି ଦେଉଥିଲେ। ହିନ୍ଦୁମାନଙ୍କର ବିଶ୍ୱାସ ଯେ, ରାହୁ ନାମକ ଏକ କ୍ଷୁଧିତ ଦାନବ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରକୁ ଗିଳି ଦିଏ। ମାତ୍ର ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ରାହୁର ଶିର କାଟି ଦେଇଥିବାରୁ ଚନ୍ଦ୍ର କିଛି ସମୟ ପରେ ରାହୁ ଦାନବର ଗଳା ମଧ୍ୟରୁ ନିର୍ଗତ ହୋଇ ଆକାଶରେ ଦୃଶ୍ୟ ହୁଏ ; ଅର୍ଥାତ ଗ୍ରହଣ ସମ୍ପୂର୍ଣ୍ଣ ଛାଡିଯାଏ। ରକ୍ତ ଚନ୍ଦ୍ରମା ସମ୍ପର୍କରେ ବାଇବେଲରେ ମଧ୍ୟ ବର୍ଣ୍ଣନା ଅଛି। ଏହା ସମୁଦାୟ ଖ୍ରୀଷ୍ଟ ଜଗତ ପାଇଁ ଅଶୁଭର ସଙ୍କେତ ବୋଲି ବିଶ୍ୱାସ କରାଯାଏ।

ଅତୀତରେ ପ୍ରଖ୍ୟାତ ଇଟାଲୀୟ ନାବିକ କଲମ୍ବସ ଥରେ ଏହିପରି ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇ ଜାମାଇକାର ସ୍ଥାନୀୟ ଅଧିବାସୀମାନଙ୍କୁ ଚମତ୍କୃତ କରି ଦେଇଥିଲେ। ଖ୍ରୀଷ୍ଟାବ୍ଦ ୧୫୦୪ରେ କଲମ୍ବସଙ୍କ ଅଭିଯାତ୍ରୀ ଦଳଟି ପହଞ୍ଚିଥିଲେ ଜାମାଇକା ଦ୍ୱୀପପୁଞ୍ଜରେ। ସ୍ଥାନୀୟ ଅଧିବାସୀମନେ କିନ୍ତୁ ଏହି ଶ୍ୱେତାଙ୍ଗ ଅଭିଯାତ୍ରୀ ଦଳକୁ କୌଣସି ସାହାଯ୍ୟ ସହଯୋଗ କଲେ ନାହିଁ। ଏଥିରେ କଲମ୍ବସ ରାଗିଯାଇ ଘୋଷଣା କଲେ ଯେ ସେ ସେହି ଦିନ ରାତିରେ ସେମାନଙ୍କ ପ୍ରିୟ ଦେବତା ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଲୁଚାଇ ଦେବେ। ଶେଷରେ ସେହି ବହୁ ପ୍ରତୀକ୍ଷିତ ସମୟ ଆଗତ ହେଲା। ଅକସ୍ମାତ ଆକାଶରେ କାହୁଁ କଳାହାଣ୍ଡିଆ ବାଦଲଖଣ୍ଡଟିଏ ମାଡି ଆସିଲା ଏବଂ ଚନ୍ଦ୍ରକୁ ସଙ୍ଗେ ସଙ୍ଗେ କବଳିତ କରି ଢାଙ୍କି ଦେଲା। ନିଜ ପ୍ରିୟ ଦେବତା ଚନ୍ଦ୍ରର ଏ ଦଶା ଦେଖି ସ୍ଥାନୀୟ ଅଧିବାସୀମାନେ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପ୍ରାର୍ଥନା କଲେ ଚନ୍ଦ୍ର ପୂର୍ବ ତେଜ ପୁଣି ଫେରାଇ ଦେବା ନିମନ୍ତେ। କଲମ୍ବସଙ୍କ ନିର୍ଦ୍ଦେଶରେ କିଛି ସମୟ ପରେ ଚନ୍ଦ୍ରର ପୂର୍ବ ତେଜ ପୁଣି ଫେରି ଆସିଲା। ମାତ୍ର କଲମ୍ବସ ଯେ ଏହି ଚମତ୍କାରିତା ଦେଖାଇବା ପାଇଁ ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ମୂର୍ଖ ଜାମାଇକାବାସୀମାନେ ଜାଣିପାରିଲେ ନାହିଁ ! (କ୍ରମଶଃ..)

–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର–୧୩
ମୋ : ୮୯୧୭୬୩୭୯୭୪

## ହୃତ୍ପିଣ୍ଡ : କିଛି କଥା



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦–୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪–୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍ଯନ୍ତ୍ର ପ୍ରତି ମିନିଟ୍ରେ ହାରାହାରି ୭୨ ଥର (୬୦–୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

## ଧୂମପାନ ତ୍ୟାଗ କରିବାର ସହଜ ଉପାୟ



ପରିବାର, ବନ୍ଧୁମାନଙ୍କର ଦିଗ୍ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍ଫୁସ୍ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ।

## ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



➔ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ସମସ୍ତେ ଜାଣିବା ଦରକାର। ଏହାର ବଶବର୍ତ୍ତୀ ହେଲେ ଏବଂ ଏହା ଏକ ନିଶାରେ ପରିଣତ ହୋଇଗଲେ ତାହା ପରବର୍ତ୍ତୀ ସମୟରେ ହୃଦ୍ଜନିତ ସମସ୍ୟାର କାରଣ ସାଜିଥାଏ।

➔ପ୍ରତିଦିନ ସକାଳୁ ଅତିକମ୍ରେ ଅଧ ଘଣ୍ଟାଏ ଚାଲିବା ସହ କିଛି ହାଲୁକା ଫୁଲକା ବ୍ୟାୟାମ କରନ୍ତୁ।

➔ସବୁବେଳେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ। କାରଣ ନିଦ୍ରାରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➔ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଧୀରେ ଧୀରେ ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇ ଦେଇଥାଏ।

➔କେତେକ ରୋଗକୁ ଚିହ୍ନଟ କରିବା ପାଇଁ ଡାକ୍ତର ପାଥୋଲୋଜିକାଲ ଟେଷ୍ଟ ପାଇଁ ଲେଖିଥାଆନ୍ତି। ସବୁବେଳେ ଏଭଳି ପରୀକ୍ଷା ଭଲ ପାଥୋଲୋଜିରେ କରାଇ ନିଅନ୍ତୁ।

➔ଫଳରସ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାର ସୁପ୍ରଭାବ ମଧ୍ୟ ହୃତ୍ପିଣ୍ଡର କାର୍ଯ୍ୟଧାରା ଉପରେ ପଡିଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସୁସ୍ଥ ରଖିବା ଏକ ଖାଦ୍ୟପେୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସବୁବେଳେ ସୁଷମ ତଥା ଭିଟାମିନ୍ଯୁକ୍ତ ଖାଦ୍ୟ ଖାଆନ୍ତୁ। ତେଲଜାତୀୟ, ଅଧିକ ରାଗ–ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



➢ଫଳମୂଳ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଫଳମୂଳରେ ଜଳୀୟ ଅଂଶ ଭରି ରହିଛି।

➢ପ୍ରତିଦିନ କିଛି ସମୟ ନିଜକୁ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେବା ବେଳେ ସେ କେତେକ ବିଷୟ ଉପରେ ଜାଣିବାକୁ ଚାହିଁଥାଆନ୍ତି। ତେଣୁ ସେହି ସମୟରେ ତାଙ୍କୁ ସେସବୁ ନ ଲୁଚାଇ ସମ୍ପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କାରଣ ତାହାକୁ ଅନୁଧ୍ୟାନ କରି ଡାକ୍ତର ରୋଗ ବିଷୟରେ କେତେକ ସୂଚନା ପାଇଥାଆନ୍ତି।

➢ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଉଷୁମ ପାଣି ସହ ମହୁକୁ ମିଶାଇ ପିଇଲେ ତାହା ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ।

## ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ

(ଶେଷ ଭାଗ)

ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ଏସବୁ ଭୁଲ ଧାରଣା। ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ।

ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ। ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ। ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ। ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ।



ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ। ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ। ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ। ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ। ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ।

ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ। ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକସା ସମ୍ପୂର୍ଣ୍ଣ ସମ୍ଭବ।

–ଡା. ସତ୍ୟକାମ ମହାପାତ୍ର
ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ Bhubaneswar, Monday, September 29/ 2025

# ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

## ଏସିଆ କପ୍

ଦୁବାଇ, ୨୮।୯

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଭାରତ ଏସିଆ କପ୍ କ୍ରିକେଟ ଚାମ୍ପିୟନ ହୋଇଛି। ସ୍ପିନରଙ୍କ ଚମତ୍କାରିତା ପରେ ତିଲକ ବର୍ମାଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଫାଇନାଲରେ ୫ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ କରିଥିବାବେଳେ ଭାରତ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ମାତ୍ର ୧୦ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନ୍‌ଫର୍ମ ଓପନର ଅଭିଷେକ ଶର୍ମା ୫ ଓ ଖରାପ ଫର୍ମଦେଇ ଗତି କରୁଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୧ ରନକରି ଆଉଟ ହୋଇଥିଲେ। ଶୁବମନ ଗିଲ୍ ମଧ୍ୟ ୧୨ ରନକରି ପ୍ୟାଭିଲିୟନ ଫେରିବାରୁ ୪ ଓଭର ମଧ୍ୟରେ ୨୦ ରନରେ ଭାରତର ୩ୟ ଉଇକେଟ ପତନ ଘଟିଥିଲା। ଚତୁର୍ଥ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଥିଲେ ତିଲକ ବର୍ମା ଓ ସଞ୍ଜୁ ସାମସନ। ତେବେ ୫୭ ରନ ଯୋଗ ହେବାପରେ ସାମସନ ୨୪ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସ୍ଥିତିକୁ ଦୃଷ୍ଟିରେ ରଖି ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ତିଲକ ୪୧ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ସ୍କୋର କମ୍ ଥିଲେ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ପାକିସ୍ତାନ। ଚାପ କ୍ରମେ ବଢ଼ି ଚାଲିଥିବାବେଳେ ୧୯ତମ ଓଭରର ଶେଷ ବଲ୍‌ରେ ଦୁବେ ଆଉଟ ହେବାରୁ ୬୦ ରନ ପାର୍ଟନରଶିପ୍‌ର ଅନ୍ତ ଘଟିଥିଲା। ଦୁବେ ୨୨ ବଲ୍‌ରୁ ୩୩ ରନ କରିଥିଲେ। ହାରିସ ରୌଫଙ୍କ ଶେଷ ଓଭରରୁ ୧୦ ରନ ଆବଶ୍ୟକ ହେଉଥିବାବେଳେ ପ୍ରଥମ ବଲ୍‌ରୁ ୨ ଓ ଦ୍ୱିତୀୟ ବଲ୍‌କୁ ଛକା ମାରି ବୋଝ ହାଲ୍‌କା କରି ଦେଇଥିଲେ ତିଲକ। ତୃତୀୟ ବଲ୍‌ରୁ ତିଲକ ୧ ରନ ନେଇଥିବାବେଳେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ଭାରତକୁ ମ୍ୟାଚ ଜିତାଇଥିଲେ ରିଙ୍କୁ ସିଂ। ତିଲକ ୫୩ ବଲ୍‌ରୁ ୬୯ (୩ ଚୌକା, ୪ ଛକା) ରନରେ ଅପରାଜିତ ରହି ହିରୋ ସାଜିଥିଲେ। ପାକିସ୍ତାନ ପକ୍ଷରୁ ଫହିମ ଅଶ୍ରଫ ୩ଟି, ଶାହିନ ଆଫ୍ରିଦୀ ଓ ଆବ୍ରାର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଭାରତ ବିପକ୍ଷ ପୂର୍ବ ୨ ମ୍ୟାଚ ତୁଳନାରେ ପାକିସ୍ତାନ ଏଠାରେ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶାହିବଜାଦା ଫରହାନ ଓ ଫଖର ଜମନ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭରରୁ ୪୫ ରନ ସଂଗ୍ରହ କରି ନେଇଥିଲେ। ଫର୍ମରେ ଥିବା ଫରହାନ ଦ୍ରୁତ ହାରରେ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୧୦ମ ଓଭରର ୪ର୍ଥ ବଲ୍‌ରେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୮ ବଲ୍‌ରୁ ୫୭ (୫ ଚୌକା, ୩ ଛକା) ରନ କରିଥିବା ଫରହାନଙ୍କୁ ସେ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଆଣିଥିଲେ। ସଇମ ଆୟୁବ ୧୪ ଓ ମହମ୍ମଦ ହାରିସ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ପାକିସ୍ତାନ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଖର ଜମନ(୪୬)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ ବରୁଣ। ହୁସେନ ତଲତ ମାତ୍ର ୧ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ସଲମାନ ଆଘା (୮)ଙ୍କୁ ଆଉଟ କରିଥିଲେ କୁଳଦୀପ।


ଉଇକେଟ ନେବା ପରେ କୁଳଦୀପ ଯାଦବ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ୧୯.୧ ଓଭରରେ ୧୪୬/ଅଲ୍‌ଆଉଟ (ଶାହିବଜାଦା ଫରହାନ-୫୭, ଫଖର ଜମନ-୪୬, କୁଳଦୀପ ଯାଦବ-୪/୩୦, ଅକ୍ଷର ପଟେଲ-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୩୦, ଯଶପ୍ରୀତ୍ ବୁମ୍‌ରା-୨/୨୫)। ଭାରତ ୧୯.୪ ଓଭରରେ ୧୫୦/୫ (ତିଲକ ବର୍ମା-୬୯, ସଞ୍ଜୁ ସାମସନ-୨୪, ଶିବମ ଦୁବେ-୩୩, ଫହିମ ଅଶ୍ରଫ-୩/୨୯, ଶାହିନ ଆଫ୍ରିଦୀ-୧/୨୦, ଆବ୍ରାର ଅହମଦ-୧/୨୯)।

# ଭିନ୍ନ ଉପସ୍ଥାପକଙ୍କ କଥା ହେଲେ ଦୁଇ ଅଧିନାୟକ

ଦୁବାଇ,୨୮।୯(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଶତ୍ରୁତାର କିଛି ଦୃଶ୍ୟ ଫାଇନାଲ ମ୍ୟାଚ୍ ପୂର୍ବରୁ ମଧ୍ୟ ଦେଖିବାକୁ ମିଳିଥିଲା। ଭାରତର ରବି ଶାସ୍ତ୍ରୀ ଓ ପାକିସ୍ତାନର ୱାକର ୟୁନିସ ଟସ୍ ବେଳେ ନିଜ ନିଜ ଦେଶର ଅଧିନାୟକଙ୍କ ସାକ୍ଷାତ୍‌କାର ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଫାଇନାଲ ପୂର୍ବରୁ ଘଟିଥିବା ଘଟଣା କାରଣରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନ୍ୟୁଟ୍ରାଲ ଉପସ୍ଥାପକଙ୍କ ଲାଗି ଏସିଆନ କ୍ରିକେଟ କାଉନସିଲ (ଏସିସି) ନିକଟରେ ଅନୁରୋଧ କରାଯାଇଥିଲା। ପରେ ଏସିସି ପକ୍ଷରୁ ବିସିସିଆଇ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଥିଲା। ହେଲେ ଶାସ୍ତ୍ରୀଙ୍କୁ ହଟାଯାଇପାରିବ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ଶେଷରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘାଙ୍କ ସହ କଥା ହେବା ପାଇଁ ପାକିସ୍ତାନର ପୂର୍ବତନ ପେସର ୟୁନିସଙ୍କୁ ଦ୍ୱିତୀୟ ଉପସ୍ଥାପକ ଭାବେ ନିଯୁକ୍ତ କରାଯାଇଥିଲା।













Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ